

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୩ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 13 APRIL 2025
Vol.No. 36 ■ No.97 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ :
# ରାଷ୍ଟ୍ରପତିଙ୍କ ପାଇଁ ସମୟସୀମା ଧାର୍ଯ୍ୟ



ନୂଆଦିଲ୍ଲୀ, ୧୨/୪ : କୌଣସି ବିଲ୍‌କୁ ମଞ୍ଜୁର କରିବେ କି ନାହିଁ, ୩ ମାସ ଭିତରେ ନିଷ୍ପତ୍ତି ନେବେ ରାଷ୍ଟ୍ରପତି। ସୁପ୍ରିମକୋର୍ଟଙ୍କ ଇଏ ଐତିହାସିକ ରାୟ। ଇତିହାସରେ ପ୍ରଥମ ଥର ଲାଗି ରାଷ୍ଟ୍ରପତିଙ୍କ ପାଇଁ ସମୟସୀମା ଧାର୍ଯ୍ୟ କଲେ ସର୍ବୋଚ୍ଚ ଅଦାଲତ। କୌଣସି ରାଜ୍ୟ ବିଧାନସଭାରେ ପାରିତ ହେବା ପରେ, ରାଜ୍ୟପାଳଙ୍କ ତରଫରୁ ତର୍ଜମା ପାଇଁ ଆସିଥିବା ବିଧେୟକ ଉପରେ ସର୍ବାଧିକ ୩ ମାସ ଭିତରେ ନିଷ୍ପତ୍ତି ନେବେ ରାଷ୍ଟ୍ରପତି। ଜଷ୍ଟିସ୍ ଜେ.ବି. ପାର୍ଡିୱାଲା ଏବଂ ଜଷ୍ଟିସ୍ ଆର୍ ମହାଦେବନଙ୍କୁ ନେଇ ଗଠିତ ୨ ଜଣିଆ ଖଣ୍ଡପୀଠ ଏକ ମାମଲାର ଶୁଣାଣି କରି ରାଷ୍ଟ୍ରପତିଙ୍କୁ ଏହି ଡେଡଲାଇନ୍ ଦେଇଛନ୍ତି। ବିଲ୍‌କୁ ମଞ୍ଜୁରୀ ଦେବେ କି ଦେବେନାହିଁ, ସେ ସଂପର୍କରେ ରାଷ୍ଟ୍ରପତି ୩ ମାସ ଭିତରେ ନିଷ୍ପତ୍ତି ନେବା ଉଚିତ। ତାଠୁ ଅଧିକ ବିଳମ୍ବ ହେଲେ ଏହାର ଉଚିତ କାରଣ ଦର୍ଶାଇବାକୁ ପଡ଼ିବ ଏବଂ ସଂପୃକ୍ତ ରାଜ୍ୟକୁ ସୂଚିତ କରିବାକୁ ପଡ଼ିବ। ରାଜ୍ୟ ମାନଙ୍କୁ ମଧ ଏଦିଗରେ ସହଯୋଗ କରିବାକୁ କହିଛନ୍ତି ସୁପ୍ରିମକୋର୍ଟ। ତାମିଲନାଡୁ ସରକାରଙ୍କ ପକ୍ଷରୁ ଦାୟର ଯାଚିକା ଉପରେ ରାୟ ଦେଇ ଏହା କହିଛନ୍ତି ସୁପ୍ରିମକୋର୍ଟ। ତାମିଲନାଡୁ ବିଧାନସଭାରେ ପାରିତ ୧୦ଟି ବିଲ୍‌କୁ ରାଷ୍ଟ୍ରପତିଙ୍କ ବିଚାର ପାଇଁ ପଠାଯାଇଥିବା ଦର୍ଶାଇ ସଂରକ୍ଷିତ ରଖିଥିଲେ ରାଜ୍ୟପାଳ ଆର୍. ଏନ୍.ରବି। ତେବେ ମାମଲାର ଶୁଣାଣି କରି ରାଜ୍ୟପାଳଙ୍କ ଏଭଳି କାର୍ଯ୍ୟାନୁଷ୍ଠାନକୁ ତ୍ରୁଟିପୂର୍ଣ୍ଣ ଓ ବେଆଇନ ଦର୍ଶାଇବା ସହ, ୧୦ଟି ବିଲ୍ ଉପରେ ମୋହର ଲଗାଇଛନ୍ତି ସୁପ୍ରିମକୋର୍ଟ। ଏଥିସହ ବିଲ୍‌କୁ ସ୍ଥଗିତ ବା ସଂରକ୍ଷିତ ରଖିବା ପାଇଁ ରାଜ୍ୟପାଳଙ୍କ ଅଧିକାର ସଂପର୍କରେ ଉଦ୍ଦିଷ୍ଟ ସମ୍ବିଧାନର ଧାରା ୨୦୦ ଏବଂ ବିଲ୍ ସଂପର୍କରେ ନିଷ୍ପତ୍ତି ନେବା ପାଇଁ କୌଣସି ସମୟ ସୀମା ଉଦ୍ଦିଷ୍ଟ ନଥିବା ଧାରା ୨୦୧ ଉପରେ ମଧ ସୁପ୍ରିମକୋର୍ଟ ଟିପ୍ପଣୀ ରଖିଛନ୍ତି।

# ୱାକଫ ସଂଶୋଧନ ଅଧିନିୟମ ପଶ୍ଚିମବଙ୍ଗରେ ଲାଗୁ ହେବନି : ମମତା ବାନାର୍ଜୀ



କୋଲକାତା, ୧୨ /୦୪ : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶନିବାର ସ୍ପଷ୍ଟ କରିଛନ୍ତି ଯେ, କେନ୍ଦ୍ର ସରକାର ଦ୍ୱାରା ଅଣାଯାଇଥିବା ୱାକଫ ସଂଶୋଧନ ଅଧିନିୟମ ରାଜ୍ୟରେ ଲାଗୁ କରାଯିବନି । ରାଜ୍ୟର ଅନେକ ଜିଲ୍ଲାରେ ଏହି ଆଇନକୁ ନେଇ ସୃଷ୍ଟି ହୋଇଥିବା ହିଂସା ମଧ୍ୟରେ ସେ ଏହି ବୟାନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଆଇନ କେନ୍ଦ୍ର ସରକାର କରିଛନ୍ତି ଏବଂ ଏହାସହିତ ଜଡିତ ପ୍ରଶ୍ନ ବି ତାଙ୍କୁ ପଚରା ଯିବା ଆବଶ୍ୟକ । ସେ ସାଧାରଣ ଲୋକଙ୍କୁ ଶାନ୍ତି ବଜାୟ ରଖିବା ପାଇଁ ଅପିଲ କରି କହିଛନ୍ତି ଯେ, ରାଜନୀତି ପାଇଃ ଦଙ୍ଗା ଭଡକାଇବା ସମାଜକୁ କ୍ଷତି ପହଂଚାଇଥାଏ । ଏହି ଆଇନ ବିରୁଦ୍ଧରେ ଶୁକ୍ରବାର ରାଜ୍ୟ ମାଲଦା, ମୁର୍ସିଦାବାଦ, ଦକ୍ଷିଣ ୨୪ ପ୍ରଗଣା ଓ ହୁଗୁଳି ଜିଲ୍ଲାରେ ହିଂସାପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କିଛି ସ୍ଥାନରେ ରାସ୍ତାକୁ ଜାମ କରାଯାଇଥିଲା, ପୋଲିସର ଗାଡିରେ ନିଆଁ ଲଗାଯାଇଥିଲା ଏବଂ ସୁରକ୍ଷାବଳ ଉପରେ ପଥର ମାଡ କରାଯାଇଥିଲା ।

## ୱାକଫ ଆଇନକୁ ବିରୋଧ କରି ମୁର୍ଶିଦାବାଦରେ ପ୍ରବଳ ହିଂସା : ଚାରିଆଡେ ହିଂସା ଜାରି

କୋଲକାତା, ୧୨ /୦୪ : ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ନୂତନ ୱାକଫ ସଂଶୋଧନ ଆଇନକୁ ନେଇ ପୁଣି ଥରେ ହିଂସା ଦେଖାଦେଇଛି । ତୀବ୍ର ହେଉଛି ହିଂସା । ମୁର୍ଶିଦାବାଦ ଜାଫରବାଦରେ ଘଟିଥିବା ହିଂସାରେ ବାପା ଓ ପୁଅଙ୍କୁ ହତ୍ୟା କରାଯାଇଛି । ସେପଟେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି । ମମତା କହିଛନ୍ତି କୌଣସି ପରିସ୍ଥିତିରେ ରାଜ୍ୟରେ ଲାଗୁ ହେବନି । ତେଣୁ ହିଂସା ନକରିବାକୁ ଅପିଲ କରିଛନ୍ତି । ନିମଟିତା ରେଳ ଷ୍ଟେସନରେ କିଛି ହିଂସାତ୍ମକ ପ୍ରଦର୍ଶନକାରୀ ଏକ ଟ୍ରେନ ଉପରେ ପଥର ମାଡ଼ କରିଥିଲେ, ଯାହା ଫଳରେ ଅଞ୍ଚଳରେ ରେଳ ସେବା ବାଧାପ୍ରାପ୍ତ ହୋଇଥିଲା । ଏହି ନୂତନ ଆଇନର ପ୍ରତିବାଦରେ, ପ୍ରଦର୍ଶନକାରୀମାନେ ଶୁକ୍ରବାର ପ୍ରାର୍ଥନା ପରେ ତୁରନ୍ତ ଜାତୀୟ ରାଜପଥ ୧୨କୁ ଅବରୋଧ କରି ପ୍ରଦର୍ଶନ କରିଥିଲେ ।

▶▶ପୃଷ୍ଠା ୭

# ଆଜି ଭୁବନେଶ୍ୱରର ୭୭ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧୨ ଏପ୍ରିଲ - କାଲି ରାଜଧାନୀ ଭୁବନେଶ୍ୱରର ଜନ୍ମଦିନ। ୭୭ତମ ପ୍ରତିଷ୍ଠା ଦିବସ ପାଳିବ ରାଜଧାନୀ। ସମସ୍ତ ସରକାରୀ ବିଭାଗ ଓ ବିଏମସିର ସମନ୍ୱୟରେ ଏହି କାର୍ଯ୍ୟକ୍ରମ କରାଯିବ। ବିଏମସି ମନିଟରିଂ ପାର୍ଟ ଦେଖିବା ସହ ରିଫ୍ରେସମେଣ୍ଟ ପାର୍ଟ ମଧ ବୁଝୁଛି। ଡେଭଲେପମେଣ୍ଟ କମିଶନଙ୍କ ଅଧକ୍ଷତାରେ ବୈଠକ ସରିଛି। ଅତିଥି ଦାୟିତ୍ୱ ଓ ଚର୍ଚ୍ଚା ମଧ ବିଏମ୍ସି କରିବ। ମିଳିତ ଭାବେ କାମ କରାଯିବ। ଭୁବନେଶ୍ୱରର ପ୍ରତ୍ୟେକ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ସାମିଲ କିଭଳି ହେବେ ସେ ନେଇ ମଧ ବିଏମସି କାମ କରୁଛି। କେବଳ ଏତିକି ନୁହେଁ ୬୭ ୱାର୍ଡରେ କାର୍ଯ୍ୟକ୍ରମ ହେବ। ପ୍ରତି ୱାର୍ଡକୁ ୨୫,୦୦୦ ଟଙ୍କା ଲେଖାଏଁ ବିଏମ୍ସି ଦେଇଛି। ସହର ସମସ୍ତଙ୍କର ତେଣୁ ସମସ୍ତେ ପାଳନ କରିବେ। ସକାଳ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ଯୋଗ ଦେବେ, ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗ ଦେବେ। ସମସ୍ତ କର୍ପୋରେଟର ଯୋଗ ଦେବେ। ୨୧ ଟ୍ରୁପ ରହିବ ପ୍ୟାରେଡ଼ ପାଇଁ। କେବଳ କଲେଜ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିବେ। ରାଜଧାନୀ ଗୌରବ ସମ୍ମାନ ଏଥର ମଧ ଦିଆଯିବ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଆୱାର୍ଡ ମିଳିବ। ସ୍ଥାନୀୟ ଲୋକଙ୍କ ପ୍ରତିଭାକୁ ମଧ ସମ୍ମାନ ଦିଆଯିବ। ୧୪ ତାରିଖରେ ଓଡ଼ିଆ ପକ୍ଷ ସହ ୨ୟ ଦିନ ଭୁବନେଶ୍ୱର ପ୍ରତିଷ୍ଠା ଦିବସକୁ ମିଳିତ ଭାବେ ସେଲିବ୍ରେସନ ହେବ ବୋଲି ସୂଚନା ଦେଇଛନ୍ତି ମେୟର ସୁଲୋଚନା ଦାସ।

# ସାରା ଦେଶରେ ୟୁପିଆଇ ସର୍ଭିସ ୩ ଘଂଟା ଧରି ବାଧାପ୍ରାପ୍ତ




ନୂଆଦିଲ୍ଲୀ, ୧୨/୦୪ : -ସାରା ଦେଶରେ ଶନିବାର ଟେକ୍ନିକାଲ ସମସ୍ୟା କାରଣରୁ ୟୁନିଫାଏଡ ପେମେଂଟ୍ସ ଇଂଟରଫେସ ସର୍ଭିସେସ ଠପ୍ ହୋଇଯାଇଛି । ଏହି କାରଣରୁ ଲକ୍ଷଲକ୍ଷ ଉପଭୋକ୍ତା ଧନ ହସ୍ତାନ୍ତରଣ ପୂରଣ କରିବାରେ ଅସମର୍ଥ ହୋଇଛନ୍ତି । ଭାରତରେ ୟୁପିଆଇ ସର୍ଭିସରେ ବ୍ୟାପକ ବ୍ୟବଧାନର ଖବର ଆସିଛି, ଯାହାର ପ୍ରଭାବ ଗୁଗଲ ପେ, ଫୋନ ପେ ଓ ପେଟିଏମ ପରି ଅନଲାଇନ ପେମେଂଟ ପ୍ଲାଟଫର୍ମକୁ ବ୍ୟବହାର କରୁଥିବା ଉପଭୋକ୍ତାଙ୍କ ଉପରେ ପଡିଛି । ବ୍ୟବହାରକାରୀ ନେଣଦେଣ ବିଫଳ ହେବା ଓ ୨-୩ ଘଂଟାର ଅବଧି ପାଇଁ ସେବାରେ ପହଂଚିବାରେ ସମସ୍ୟାର ସୂଚନା ମିଳିଛି । ଅନ୍ୟପଟେ ଏନପିସିଆଇ ଏକ୍ସ ପୋଷ୍ଟ ଜାରି କରି ଏକ ବୟାନରେ ଏହି ସମସ୍ୟାକୁ ସ୍ୱୀକାର କରିଛି । ଏନପିସିଆଇ କହିଛି ଯେ, ଏହାକୁ ସମାଧାନ କରିବା ଦିଗରେ ଆମେ କାମ କରୁଛୁ ।


DADLS-11



ବାର୍ତ୍ତା

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମଗ୍ର ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍‌ପାଟି)

OIPR : 15001/13/0502/2425

DADLS-11



୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରର ସବୁ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

କ୍ଷେତ୍ରାଧିପତି ତ୍ରିଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କ ନାମାନୁସାରେ ନାମିତ ଭୁବନେଶ୍ୱର କେଉଁ ଅନାଦି କାଳରୁ କଳା, ସଂସ୍କୃତି, ସ୍ଥାପତ୍ୟ, ଧର୍ମ, ଶିକ୍ଷା, ସଭ୍ୟତା ଓ ଶାସନର କେନ୍ଦ୍ରସ୍ଥଳୀ ରୂପେ ପରିଗଣିତ ହୋଇଅଛି । ୧୯୪୮ ମସିହା ଏପ୍ରିଲ ୧୩ ତାରିଖରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ପ୍ରତିଷ୍ଠା ଲାଭ କରିଥିବା ଭୁବନେଶ୍ୱର ଆଜି ଦେଶର ଏକ ଅଗ୍ରଣୀ ସହର ଭାବରେ ପ୍ରତିଷ୍ଠା ଅର୍ଜନ କରିଛି । ଭୁବନେଶ୍ୱରକୁ ଏକ ସ୍ୱଚ୍ଛ, ସବୁଜ ତଥା ସମୃଦ୍ଧ ସହର ରୂପେ ବିକଶିତ କରିବା ପାଇଁ ଉଦ୍ୟମ ଜାରି ରହିଛି ।

ଆଜିର ଏହି ଶୁଭ ଅବସରରେ ଆସନ୍ତୁ, ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ଶ୍ରେଷ୍ଠ ତଥା ଆଦର୍ଶ ସହର ରୂପେ ଗଢ଼ି ତୋଳିବା ପାଇଁ ସମସ୍ତେ ମିଳିମିଶି ପ୍ରୟାସ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0502/2425

DADLS-11



ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ
ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ମାନ୍ୟବର ବାଚସ୍ପତି, ଓଡ଼ିଶା

OIPR : 15001/13/0502/2425

# ଭାରତୀୟ ନିର୍ବାଚନ କମିଶନଙ୍କ ବ୍ୟାପକ ତୃଣମୂଳସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଉତ୍ସାହଜନକ

ରାଉରକେଲା,୧୨/୦୪(ନି.ପ୍ର) ପଶ୍ଚିମବଙ୍ଗର ୨ ଜଣ ଡିଇଓ, ୧୨ ଜଣ ଇଆରଓ ଏବଂ ୨୧୭ ଜଣ ବିଏଲଓଙ୍କୁ ନେଇ ଏକ ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ଆଜି ଇଣ୍ଡିଆ ଇଂଟରନେସନାଲ ଇନଷ୍ଟିଚ୍ୟୁଟ ଅଫ ଡେମୋକ୍ରାସି ଏଣ୍ଡ ଇଲେକ୍ସନ ମ୍ୟାନେଜମେଂଟ, ନୂଆଦିଲ୍ଲୀ ଠାରେ ଆରମ୍ଭ ହୋଇଛି । ଇଣ୍ଡିଆ ଇଂଟରନେସନାଲ ଇନଷ୍ଟିଚ୍ୟୁଟ ଅଫ ଇଲେକ୍ସନ ଏଣ୍ଡ ମ୍ୟାନେଜମେଂଟ, ନୂଆ ଦିଲ୍ଲୀ ଠାରେ ଅନୁଷ୍ଠିତ ସିଇଓ ସମ୍ମିଳନୀରେ କମିଶନଙ୍କ ଦ୍ୱାରା ପରିକଳ୍ପିତ ତୃଣମୂଳସ୍ତରୀୟ ନିର୍ବାଚନ କାର୍ଯ୍ୟକର୍ତାଙ୍କ କ୍ଷମତା ବୃଦ୍ଧି ପାଇଁ ବ୍ୟାପକ ତାଲିମ ଯୋଜନାର ଏକ ଅଂଶ । ଆଜି ନୂଆଦିଲ୍ଲୀର ଇଣ୍ଡିଆନ୍ ଇଂଟରନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍ସନ୍ ମ୍ୟାନେଜମେଂଟ ଠାରେ ମିଡିଆ ନୋଡାଲ୍ ଅଫିସର, ସୋସିଆଲ ମିଡିଆ ନୋଡାଲ୍ ଅଫିସର ଏବଂ ଜିଲ୍ଲା ଜନସମ୍ପର୍କ ଅଧିକାରୀଙ୍କ ପାଇଁ ଏକ ଦିନିକିଆ ଓରିଏଂଟେସନ୍ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ କରିଥିଲା । ଏହି ଓରିଏଂଟେସନ୍ ର ଲକ୍ଷ୍ୟ ଥିଲା ବିକଶିତ ଗଣମାଧ୍ୟମ ପରିଦୃଶ୍ୟରେ ନିର୍ବାଚନ ଅଧିକାରୀଙ୍କ ସମନ୍ୱୟ ଏବଂ ପ୍ରସ୍ତୁତିକୁ ବୃଦ୍ଧି କରିବା । ୨୮ଟି ରାଜ୍ୟ ଏବଂ ୮ଟି କେନ୍ଦ୍ରଶାସିତ ଅଂଚଳର ଗଣମାଧ୍ୟମ ଅଧିକାରୀମାନେ ଏହି ଓରିଏଂଟେସନ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ, ଯାହାର ଲକ୍ଷ୍ୟ ହେଉଛି ଆଇନଗତ ଢାଂଚା ଯଥା ଲୋକପ୍ରତିନିଧି ଆଇନ ୧୯୫୦ ଏବଂ ୧୯୫୧, ଭୋଟର ପଞ୍ଜିକରଣ ନିୟମ ୧୯୬୦, ନିର୍ବାଚନ ଆଚରଣ ନିୟମ ୧୯୬୧ ଏବଂ ସମୟ ସମୟରେ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ ବିଭିନ୍ନ ଗଣମାଧ୍ୟମ ପ୍ଲାଟଫର୍ମ ମାଧ୍ୟମରେ ସକ୍ରିୟ ସୂଚନା ପ୍ରସାରଣ, ଭୁଲ ସୂଚନାକୁ ପ୍ରତିହତ କରିବା ଏବଂ ଭୋଟର ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ରଭାବଶାଳୀ ଯୋଗାଯୋଗ ରଣନୀତି ବିକଶିତ କରିବା । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ତାଙ୍କ ଭାଷଣରେ ନିର୍ବାଚନ ପ୍ରକ୍ରିୟାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ଡିଜିଟାଲ୍ ମଧ୍ୟସ୍ଥତାରେ ସୂଚନା ଜଗତରେ ନିର୍ବାଚନ ପ୍ରକ୍ରିୟାରେ ଭୋଟରଙ୍କ ବିଶ୍ୱାସକୁ ବଜାୟ ରଖିବା ପାଇଁ ତଥ୍ୟଗତ, ସମୟୋପଯୋଗୀ ଏବଂ ସ୍ୱଚ୍ଛ ଯୋଗାଯୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଗୁରୁତ୍ୱାରୋପ କରିଥିଲେ ଯେ, ଗଣମାଧ୍ୟମ ଅଧିକାରୀମାନେ ସଠିକ୍ ସୂଚନା ପ୍ରଦାନ କରିବାରେ ସକ୍ରିୟ ହେବା ଉଚିତ ଏବଂ ଭୋଟରମାନଙ୍କୁ ସଠିକ୍ ଭାବରେ ସୂଚିତ କରିବା ଏବଂ ତଥ୍ୟଭିତିକ ଆଧାର ବିନା କାହାଣୀରୁ ତଥ୍ୟକୁ ଚିହ୍ନିବା ପାଇଁ ସଶକ୍ତ କରିବା ପାଇଁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ଉଚିତ ।

## ଜମାଲପୁରରେ ଫୁଟିଲା ବୋମା : ଜଣେ ଗୁରୁତର, ୩ ଆହତ

ପୁରୀ,୧୨/୦୪(ନି.ପ୍ର) ପୁରୀ ଜିଲ୍ଲା ପିପିଲି ଥାନା ଅନ୍ତର୍ଗତ ଜମାଲପୁରରେ ଫୁଟିଛି ବୋମା । ଗତକାଲି ବିଳମ୍ବିତ ରାତିରେ ଏହି ବୋମା ମାଡ ହୋଇଛି । ବିସ୍ଫୋରଣରେ ଜଣେ ଗୁରୁତର ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି । ଗୁରୁତର ଯୁବକଙ୍କୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଛି । ତେବେ ବୋମା ମାଡର କାରଣ ଅଦ୍ୟାବଧି ଅସ୍ପଷ୍ଟ ରହିଥିବା ବେଳେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଚଳାଇଛି ।

# ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଜାତୀୟ ସବୁଜ ବାହିନୀ ପ୍ରକଳ୍ପ ପ୍ରଦର୍ଶନୀ ଉତ୍ସବ

**ସବୁଜମୟ ପ୍ରକୃତି ଜୀବନକୁ ସୁସ୍ଥ ଓ ନିରାମୟ କରିଥାଏ**

ଭଦ୍ରକ,୧୨/୦୪(ନି.ପ୍ର) ଆଜିର ପ୍ରଦୂଷଣ ଯୁକ୍ତ ପରିବେଶକୁ ନିର୍ମଳ ଓ ସ୍ୱଚ୍ଛ ରଖିବାକୁ ହେଲେ ତଥା ଏକ ସୁସ୍ଥ ଓ ନିରାମୟ ଜୀବନ ଧାରଣ ପାଇଁ ଛାତ୍ର ଅବସ୍ଥାରୁ ପରିବେଶ ପ୍ରତି ସଚେତନ ରହିବା ଏକାନ୍ତ ଆବଶ୍ୟକ । ପରିବେଶ ସୁରକ୍ଷା ତଥା ଏକ ପ୍ଲାଷ୍ଟିକ ମୁକ୍ତ ପରିବେଶ ସୃଷ୍ଟି ନିମନ୍ତେ ମନୋଭାବ ନେଇ ନୂତନ ପ୍ରକଳ୍ପ ନିର୍ମାଣ ସୃଜନୀ ଶକ୍ତିର ବିକାଶରେ ସହାୟକ ହୋଇଥାଏ । ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ ଜାତୀୟ ସବୁଜ ବାହିନୀ ପ୍ରକଳ୍ପ ପ୍ରଦର୍ଶନୀରେ ଯୋଗଦାନ କରି ଅତିଥିମାନେ ଏହା ପ୍ରକାଶ କରିଛନ୍ତି । ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପୂର୍ବାହ୍ଣ ୧୦ ଘଟିକାରେ ଉଦ୍‌ଘାଟନୀ ସଭା ଓ ଅପରାହ୍ଣ ୪ ଘଟିକାରେ ପୁରସ୍କାର ବିତରଣ ସଭାରେ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱ ଓ ଶିକ୍ଷକ ମନୋଜ ସାହୁଙ୍କ ସଂଯୋଜନାରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନୀ ଉତ୍ସବରେ ମୁଖ୍ୟଅତିଥି ତଥା ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସମେତ ବରେଣ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ସରୋଜ ଦତ୍ତ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଣୟ ନାୟକ, ରାଜ୍ୟ ସୂଚନା ଅଧିକାରୀ, ରାଜ୍ୟ ପରିବେଶ ଅଧ୍ୟୟନ କେନ୍ଦ୍ର ପ୍ରଶାନ୍ତ ନାୟକ, ଉପ ନିର୍ଦ୍ଦେଶକ, ଜିଲ୍ଲା କୃଷି ବିଭାଗ ବିଶ୍ୱରଂଜନ ରାଉତ, ବରିଷ୍ଠ ବ୍ଲକ ଶିକ୍ଷାଧିକାରୀ ବାସୁଦେବପୁର ଜଗବନ୍ଧୁ ସାହୁ,ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲିକ, ବନ୍ତ ବ୍ଲକ ଶିକ୍ଷାଧିକାରୀ ସୁକିର୍ତୀ କର, ତିହିଡି ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତି, ଇକୋ କ୍ଲବ ଜିଲ୍ଲା ସଂଯୋଜକ ଅନିଲ କୁମାର ମିଶ୍ର , ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ଜିଲ୍ଲା ବିଜ୍ଞାନ ସଂଯୋଜକ ହିମାଦ୍ରି ନନ୍ଦିନୀ ବିଶ୍ୱାଳ ଯୋଗ ଦେଇଥିଲେ । ୭ଟି ବ୍ଲକର ୪୯ଟି ପ୍ରକଳ୍ପ ଶିଶୁ ବୈଜ୍ଞାନିକମାନେ ପ୍ରଦର୍ଶନ କରିଥିଲେ । ବିଚାରକ ଭାବରେ ବାଲେଶ୍ୱର ଜିଲ୍ଲାରୁ ବିଜ୍ଞାନ ଶିକ୍ଷକ ବନମାଳି ନାୟକ,ଦିଲ୍ଲିପ କୁମାର ରଥ, ନରେନ୍ଦ୍ର ପ୍ରସାଦ ବେହେରା ଯୋଗଦେଇ ପ୍ରକଳ୍ପଗୁଡିକ ମୂଲ୍ୟାୟନ କରିଥିଲେ । ପ୍ରକଳ୍ପ ପ୍ରଦର୍ଶନ ପରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ ଶିର୍ଷକ କର୍ମଶାଳା ପ୍ରଶାନ୍ତ କୁମାର ନାୟକ, ମୋହନ ଚରଣ ରାଉତ ଓ ଅନିଲ ମିଶ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ ସାତଭଉଣୀ ଉଚ୍ଚ ବିଦ୍ୟାପୀଠର ଛାତ୍ର ଓମ୍ ପ୍ରକାଶ ମହାରଣା ପ୍ରଥମ ସ୍ଥାନ, ସିଦ୍ଧେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସ୍ମୃତିରେଖା ବାରିକ ଦ୍ୱିତୀୟ ସ୍ଥାନ, କୋହ୍ଲ ଉଚ୍ଚ ବିଦ୍ୟାଳୟର ଛାତ୍ର ଅଂଶୁମାନ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରକଳ୍ପ ପ୍ରଦର୍ଶନ କାର୍ଯ୍ୟକ୍ରମ ଓ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ଯୁବ ଲେଖକ ସମ୍ମିଳନୀ ଅନୁଷ୍ଠିତ

ବଲାଙ୍ଗିର,୧୨/୦୪(ନି.ପ୍ର) ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଉଥିବା ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ପୂର୍ବାହ୍ନରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଯୁବ ଲେଖକ ସମ୍ମିଳନୀ ଅନୁଷ୍ଠିତ ହୋଇଅଛି । ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇ ଥିଲେ । ଓଡ଼ିଆ ଜାତୀୟତା ସମ୍ବଳିତ କବିତା ଲିଖନ, ଓଡ଼ିଆ ସଂସ୍କୃତି ଆଧାରିତ ଗଳ୍ପ ଲିଖନ ଓ ବିକଶିତ ଓଡ଼ିଶା ଗଠନରେ ଯୁବ ସମାଜର ଭୂମିକା ସଂପର୍କରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି କ୍ଷ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଡଃ. ବିଜୟାନନ୍ଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବସମାଜ ଅମୂଲ୍ୟ ରତ୍ନ ବୋଲି କହିଥିଲେ । ନିଜର ସୃଜନଶୀଳ ଲେଖା ମାଧ୍ୟମରେ ସାରସ୍ୱତ ସାଧକ ହୋଇ ଏକ ସୁନ୍ଦର ସାମାଜ, ବିକଶିତ ଓଡ଼ିଶା ଗଢ଼ି ତୋଳିବାକୁ ସର୍ବଦା ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଓଡିଆ ହିସାବରେ ଗର୍ବ କରିବା ଆମ ମୂଲ୍ୟବୋଧ ହେଉ । ନିଜର ଧିଶକ୍ତିର ବିକାଶ, ବିଶ୍ୱ ଶାନ୍ତି ପାଇଁ ଯୁବସମାଜ ସର୍ବଦା ଚେଷ୍ଟାରତ ହେବା ପାଇଁ କହିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ରଶ୍ମୀ ରଞ୍ଜନ ମିଶ୍ର , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ, ଓଡ଼ିଶା ସାହିତ୍ୟ ଏକାଡେମୀର ସଂଯୋଜକ ଡଃ. ଗୋବର୍ଦ୍ଧନ ନାୟକ, ସରକାରୀ ମହିଳା ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସଦାଶିବ ମଲ୍ଲିକ, ଓଡିଆ ବିଭାଗ ଅଧ୍ୟାପକ ଡକ୍ଟର ସରୋଜ ଜଗଦଲା, ଡ଼ ସଞ୍ଜୟ ମିଶ୍ର, ଶିକ୍ଷାବିତ ସନାତନ ଠାକୁର, ଅଧ୍ୟାପକ ସନ୍ଦୀପ କୁମାର କୁଅଁର ପ୍ରମୁଖ ମଂଚାସୀନ ଥିଲେ । ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଶ୍ରୀ ସନ୍ଦୀପ କୁମାର କୁଅଁର କାର୍ଯ୍ୟକ୍ରମ ସଂଚାଳନା କରିଥିଲେ । ସଭା ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା । ଶେଷରେ ପ୍ରଫେସର ଡଃ. ସଞ୍ଜୟ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ ।

# ପୁରୀ ଜିଲ୍ଲାରେ ଆୟୁଷ୍ମାନ କାର୍ଡ ବଂଟନର ଶୁଭାରମ୍ଭ

ପୁରୀ,୧୨/୦୪(ନି.ପ୍ର) ଆଜି ଠାରୁ ସମଗ୍ର ଓଡ଼ିଶାରେ ଆରମ୍ଭ ହୋଇଛି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା । ଏଥି ସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ମଧ୍ୟ ଶୁଭାରମ୍ଭ ହୋଇଛି ।ପୁରୀ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହାତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାର ଶୁଭାରମ୍ଭ କରିବା ସହ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ । ଆଜି ଅପରାହ୍ନରେ ଟାଉନ ହଲ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସୂରଜ ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡିଶା ପାଇଁ ଆଜି ଏକ ଐତିହାସିକ ଦିନ ବୋଲି କହିଥିଲେ ।ଓଡ଼ିଶାର ୧.୦୩ କୋଟି ପରିବାର ର ୩.୫ କୋଟି ହିତାଧିକାରୀ ଏଥିରେ ଉପକୃତ ହେଉଥିବା ବେଳେ ପୁରୀ ଜିଲ୍ଲାର ୧୩୮୫୪୧୫ ହିତାଧିକାରୀ ଏହାଦ୍ୱାରା ଉପକୃତ ହେବେ । ଦେଶର ବିଭିନ୍ନ ସ୍ଥାନରେ ଥିବା ୨୯ ହଜାର ହସପିଟାଲରେ ଏହି କାର୍ଡ ମାଧ୍ୟମରେ ଚିକିତ୍ସା ସୁବିଧା ପାଇ ପାରିବେ । ପୁରୁଷ ହିତାଧିକାରୀଙ୍କ ପାଇଁ ୫ ଲକ୍ଷ, ମହିଳା ହିତାଧିକାରୀ ଅତିରିକ୍ତ ୫ ଲକ୍ଷ ଅର୍ଥାତ ୧୦ ଲକ୍ଷ ର ଚିକିତ୍ସା ସୁବିଧା ପାଇ ପାରିବେ । ସେହିପରି ୭୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତିଙ୍କୁ ଆର୍ଥିକ ବାଛ ବିଚାର ବିନା ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ମିଳିବ । ଆଜି ପ୍ରତୀକାତ୍ମକ ଭାବେ ୫ ଜଣ ହିତାଧିକାରୀଙ୍କୁ ଏଠାରେ କାର୍ଡ ବଂଟନ ହୋଇଥିବା ବେଳେ ଆସନ୍ତା କାଲି ଠାରୁ ହିତାଧିକାରୀଙ୍କ ଘରେ କାର୍ଡ ପ୍ରଦାନର ବ୍ୟବସ୍ଥା ହୋଇଛି । ପୂର୍ବରୁ ପରିବାର ପିଛା ଗୋଟିଏ କାର୍ଡ ଥିବା ବେଳେ ଏବେ ସମସ୍ତ ହିତାଧିକାରୀଙ୍କୁ ଏହି କାର୍ଡ ଦିଆଯିବ । ଯାହା ଫଳରେ ଦେଶର ଯେ କୌଣସି ସ୍ଥାନରେ ଏହି କାର୍ଡ ମାଧ୍ୟମରେ ଜଣେ ଚିକିତ୍ସା ସୁବିଧା ପାଇ ପାରିବେ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । ଅନ୍ୟତମ ଅତିଥି ଭାବେ ପୁରୀ ଲୋକ ସଭା ସାଂସଦ ଡା. ସମ୍ବିତ ପାତ୍ର ଯୋଗଦେଇ ପ୍ରଧାନମନ୍ତ୍ରୀ ମୋଦିଙ୍କର ଏହା ଏକ ମହତ୍ୱକାଂକ୍ଷୀ ଯୋଜନା । ଦେଶର ପ୍ରତ୍ୟେକ ଲୋକଙ୍କୁ ନୀରୋଗ ଓ ସୁସ୍ଥ ରଖିବା ସଂକଳ୍ପ ନେଇ ଏହି ଯୋଜନା ଆରମ୍ଭ ହୋଇଛି । ଏହାର ସୁଫଳ ସମସ୍ତ ହିତାଧିକାରୀ ପାଇବେ ବୋଲି ସେ କହିଥିଲେ । ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଦୈନନ୍ଦିନ ଜୀବନରେ ନିଜକୁ ସୁସ୍ଥ ରଖିବା ପାଇଁ ଉଦ୍ୟମ କରିବା ସହ ଅସୁସ୍ଥ କ୍ଷେତ୍ରରେ ଏହି କାର୍ଡର ସହାୟତା ନେବା ଉପରେ ମତ ଦେଇଥିଲେ । ହିତାଧିକାରୀ ମାନଙ୍କୁ କାର୍ଡ ବଂଟନ ସହ ଉପଯୋଗିତା ସମ୍ପର୍କରେ ସଚେତନ କରାଇବାକୁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ରୂପଭାନୁ ମିଶ୍ର ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ହିତାଧିକାରୀ ବାସନ୍ତୀ ବିଶୋଇ, ଗୋଲକ ମୁଦୁଲି, ମଧୁସୂଦନ ପଲେଇ, ମଞ୍ଜୁ ନାୟକ ଓ ସରୋଜିନୀ ବେଓ୍ୱାଙ୍କୁ ଅତିଥି ମାନେ କାର୍ଡ ବଂଟନ କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥି ମାନେ ଏହି କାର୍ଡ ବଂଟନ ସଚେତନତା ଉଦ୍ଦେଶ୍ୟରେ ଏକ ରଥର ଶୁଭାରମ୍ଭ କରିଥିଲେ । ଜିଲ୍ଲାର ୫୧ ଟି ଯାକ ସ୍ଥାନରୁ ମଧ ଏହି ରଥର ଶୁଭାରମ୍ଭ ହୋଇଥିଲା । ଏହା ୭ ଦିନ ଧରି ଜିଲ୍ଲାରେ ସଚେତନତା ସୃଷ୍ଟି କରିବ । କାର୍ଯ୍ୟକ୍ରମରେ ଡିପିଏମ ଟି. ନାରାୟଣ ରାଓ ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଜିଲ୍ଲାର ୫୧ ଗୋଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଜି ଏହି ବ୍ୟବସ୍ଥାର ଶୁଭାରମ୍ଭ ସହ ୫ ଜଣ ଲେଖାଏଁ ହିତାଧିକାରୀଙ୍କୁ କାର୍ଡ ବଂଟନ କରାଯାଇଛି । କାର୍ଡ ନ ପାଇଥିଲେ ମଧ ହିତାଧିକାରୀ ନିଜର ଆଧାର କାର୍ଡ ଦର୍ଶାଇ ଚିକିତ୍ସା ସୁବିଧା ଆଜି ଠାରୁ ପାଇପାରିବେ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଥିଲେ ।

## ଧାମରାରେ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ

ଭଦ୍ରକ୧୨/୦୪(ନି.ପ୍ର) ରାଜ୍ୟର ବହୁ ପ୍ରତୀକ୍ଷିତ ଆୟୁଷ୍ମାନ ଭାରତ ଯୋଜାନର ଶୁଭାରମ୍ଭ ହୋଇ ଯାଇଛି । ଏହି ଉପଲେକ୍ଷ ହୋଇଥିବା ସଭାରେ ଚାନ୍ଦବାଲି ବ୍ଲକର ସହକାରୀ ଯନ୍ତ୍ରୀ ଅମୀୟ କୁମାର ପଲେଇ ସଭାପତିତ୍ୱ କରିଥିବା ବେଳେ ଧାମରାଇ ମଣ୍ଡଳର ସଭାପତି ତ୍ରିଦିବେଶ ପ୍ରଧାନ ଯୋଗ ଦେଇ ନିଜ ବକ୍ତବ୍ୟରେ ଆୟୁଷ୍ମାନ ଭାରତ ଓ ଆୟୁଷ୍ମାନ ବୟୋବନ୍ଦନା ବିଷୟରେ ସାଧାରଣ ଜନତାଙ୍କୁ ଅବଗତ କରାଇଥିଲେ । ଧାମରା ପଂଚାୟତର ସମିତି ସଭ୍ୟ ପ୍ରିୟ ରଞ୍ଜନ ଜେନା ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ତତ୍ତ୍ୱାବଧାନରେ ଦେଶରେ ୨୯ହଜାର ରୁ ଅଧିକ ହସ୍ପିଟାଲରେ ଏହି ଚିକିତ୍ସା ସୁବିଧା ଉପଲବ୍ଧ ହେବା ସହ ୭୦ବର୍ଷ ବୟସରୁ ଉର୍ଦ୍ଧ ବରିଷ୍ଠ ନାଗରିକଙ୍କୁ ବୟୋବନ୍ଦନା ଯୋଜନାରେ ସାମିଲ କରାଯିବା ଏବଂ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ନିଜ ବକ୍ତବ୍ୟ ରଖିଥିଲେ । ସେହିପରି ଧାମରା ମେଡିକାଲର ଡ. ଜନ୍ମେଞ୍ଜୟ ବେହେରା, ଜାଗୁଲା ପଂଚାୟତର ସମିତିସଭ୍ୟଙ୍କ ପ୍ରତିନିଧି ସୁବାଶ ଦାସ, ଧାମରା ପଂଚାୟତ ସରପଂଚଙ୍କ ପ୍ରତିନିଧି ଅର୍ଜୁନ ମାଝୀ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ର , ପିଏମଶ୍ରୀ ଧାମରା ନୋଡାଲ ହାଇସ୍କୁଲର ପ୍ରଦାନ ଶିକ୍ଷକ ଟୁନା ମହାଳିକ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିବା ସହ ଏହି ଯୋଜନାରେ ସାମିଲ ହୋଇଥିବା ବ୍ୟକ୍ତି ବଶେଷ ମାନଙ୍କୁ ଆୟୁଷ୍ମାନ କାର୍ଡ ବଂଟନ କରିଥିଲେ । ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଅଭିମନ୍ୟୁ ରାଉତ, ଅଶୋକ ରାଉତ, ପାପା ଜେନା, ସମାଜେସବୀ ରୁଦ୍ର ମହାନ୍ତି, ଟୁଲୁ ପ୍ରଧାନ, ସୁବାଶ ଦାସ,ଅର୍ଜୁନୀ ମାଝୀ, ମାନ ଗୋବିନ୍ଦ ପରିଡାଙ୍କ ସମେତ ଧାମରା, ଜାଗୁଲା, କଇଥଖୋଲା, କରଞ୍ଜମାଳ, କରଣପଲ୍ଲୀ, ପଂଚୁଟିକ୍ରି ଏବଂ ଦୋସିଙ୍ଗା ପଂଚାୟତର ବହୁ ମହିଳା ଉପସ୍ଥିତ ଥିଲେ ।

# ହାଟକୁ ସାମଗ୍ରୀ ନେଇ ଯାଉଥିବା ସମୟରେ ଓଲଟି ପଡିଲା ଟ୍ରକ

**୧୫ ବର୍ଷୀୟ ବାଳ ଶ୍ରମିକ ଶିବରାମ ବଦ୍ରାଙ୍କ ମୃତ୍ୟୁ, ତିନି ଆହତ**

କେନ୍ଦୁଝର,୧୨/୦୪(ନି.ପ୍ର) କେନ୍ଦୁଝର ଜିଲ୍ଲାର ଖଣି ଅଂଚଳରେ ଗୋଟିଏ ଦିନ ନପୁରୁଣୁ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପୁଣି ଜଣକର ମୃତ୍ୟୁ ଘଟିଛି । ଗତକାଲି ଟଂଟୋ ନିକଟସ୍ଥ ୫୨୦ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ଘଟି ଜଣେ ଯୁବକ ଅକାଳରେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଦୁଇ ଯୁବକ ଗମ୍ଭୀର ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି । ତେବେ ଆଜିର ଏହି ଦୁର୍ଘଟଣାରେ ଏକ ବାପା ମା ଛେଉଣ୍ଡ ୧୫ ବର୍ଷୀୟ ବାଳ ଶ୍ରମିକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି । ମୃତ ବାଳ ଶ୍ରମିକ ବଡ଼ବିଲ ୱାର୍ଡ ସଂଖ୍ୟା -୭ ମହାନ୍ତ ବସ୍ତି ଅଂଚଳର ୧୫ ବର୍ଷୀୟ ଶିବରାମ ବଦ୍ରା ବୋଲି ଜଣାପଡ଼ିଛି । ଅନ୍ୟ ଦୁଇ ଗୁରୁତର ମଧ୍ୟରୁ ଜଣେ ବଡ଼ବିଲ ୱାର୍ଡ ସଂଖ୍ୟା -୪ ଶ୍ରୀରାମ ନଗରର ୫୫ ବର୍ଷୀୟ ଭରତ ସାହୁ ଓ ୱାର୍ଡ ସଂଖ୍ୟା -୮ର ୪୫ ବର୍ଷୀୟ ଛଟନ୍ ଗୁପ୍ତା ବୋଲି ଜଣାପଡ଼ିଛି । ସୂଚନାନୁସାରେ, ବଡ଼ବିଲ ଅଂଚଳର କିଛି ବ୍ୟବସାୟୀ ଶୁକ୍ରବାର ଲାଗୁଥିବା ବଲାଣି ସ୍ଥିତ ଡବ୍ଲ୍ୟୁ ହଟିଂ ଛକ ନିକଟସ୍ଥ ହାଟକୁ ଆସୁଥିବା ବେଳେ ବଲାଣି ଥାନା ଅନ୍ତର୍ଗତ କାଳେଶ୍ୱର ମନ୍ଦିର ନିକଟରେ ଟ୍ରକ ଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଆହତଙ୍କୁ ବଲାଣି ଖଣିର ଆମ୍ବୁଲାନ୍ସ ଯୋଗେ ବଲାଣି ଖଣି ଡାକ୍ତରଖାନାକୁ ପଠାଇ ଦେଇଥିଲେ । ସେଠାରେ ବାଳ ଶ୍ରମିକ ଶିବରାମର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ତେବେ ଟ୍ରକ ଚାଳକ ନିଶାସକ୍ତ ଅବସ୍ଥାରେ ଏହି ଦୁର୍ଘଟଣା ଘଟାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହିତ ଉତ୍ୟକ୍ତ ହୋଇଥିଲେ କ୍ଷ ତାଙ୍କର ଜଣେ ସହଯୋଗୀ ବଡ଼ବିଲରୁ ଆସି ଚାଳକଙ୍କୁ ପୁଲିସ ଆସିବା ବେଳେ ଘଟଣାସ୍ଥଳରୁ ଖସାଇନେଇଥିବା ଅଭିଯୋଗ କରି ଉକ୍ତ ସହଯୋଗୀଙ୍କୁ ଧରି ପୁଲିସ ଜିମା ଦେଇଥିଲା । ଘଟଣାସ୍ଥଳରେ ବଲାଣି ପୁଲିସ ପହଂଚି ରାସ୍ତାରେ ବିଛାଡି ହୋଇ ପଡ଼ିଥିବା ସାମଗ୍ରୀକୁ ରାସ୍ତା କଡ଼କୁ ରଖି ରାସ୍ତାକୁ ଚଳାଚଳ ଉପଯୋଗୀ କରିବା ସହିତ ଦୁର୍ଘଟଣାଗ୍ରସ୍ତ ଟ୍ରକଟିକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି ।

## ରକ୍ତଦାନ ଶିବିର ଅନୁଷ୍ଠିତ

ଜୟପୁର,୧୨/୦୪(ନି.ପ୍ର) ରକ୍ତଦାନ ମହତ କାମ ଓ ମହପୁଣ୍ୟ ଆପଣ ଗୋଟିଏ ୟୁନିଟ ରକ୍ତ ଅନ୍ୟଜଣଙ୍କର ଜୀବନ ବଂଚାଇପାରେ । ବିଶେଷ କରି କୋରାପୁଟ ଭଳି ଆଦିବାସୀ ଅଧୁଷିତ ଅଂଚଳରେ ଥାଲାଲେମିଆ, ସିକେଲ ସେଲ ରୋଗୀଙ୍କ ପାଇଁ ଜିଲା ଡାକ୍ତରଖାନାର ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବ ରହୁଛି । ରକ୍ତ ଅଭାବଜନିତ ସମସ୍ୟାର ସମାଧାନ ପାଇଁ ଓଡିଆ ପକ୍ଷ ଅବସରରେ ରକ୍ତଦାନ କରି ଅନ୍ୟମାନଙ୍କ ପାଇଁ ଜୀବନ ରକ୍ଷକ ସାଜିବା । ଏନେଇ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଛି । ଏଠାରେ ସମସ୍ତ ବିଭାଗର ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ମାନେ ରକ୍ତଦାନ କରିଥିଲେ । ଏଠାରେ ୭୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

# ବଲାଙ୍ଗିର ପୃଥ୍ୱୀରାଜ ଗୋଶାଳାରେ ଗୋବରରୁ ତିଆରି ହେଉଛି ଉତ୍କୃଷ୍ଟ କାଠ

ବଲାଙ୍ଗିର,୧୨/୦୪(ନି.ପ୍ର) ବଲାଙ୍ଗିର ପୃଥ୍ୱୀରାଜ ଗୋଶାଳା ଠାରେ ମେସିନ ସାହାଯ୍ୟରେ ଗୋବରରୁ ଜାଳେଣି କାଠ ତିଆରି କରୁଛନ୍ତି । ଗୋ କାଷ୍ଟ ମେସିନ ଓ ପରିବେଶର ସଂରକ୍ଷଣ ଉପରେ ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନର ପ୍ରାନ୍ତୀୟ ଅଧକ୍ଷା ବବିତା ଅଗ୍ରୱାଲ ଓ ବରିଷ୍ଠ ସଦସ୍ୟା ମୀରା କେଜରିୱାଲ, ସରଳା ଅଗ୍ରୱାଲ, ବଲାଙ୍ଗିର ମାରୱାଡ଼ି ମହିଳା ସମିତି ର ସଭାପତି ଲକ୍ଷ୍ମୀ ଅଗ୍ରୱାଲ ସମ୍ପାଦିକା ଜ୍ୟୋତି ଅଗ୍ରୱାଲ କୋଷାଧକ୍ଷ ସୁଧା ଅଗ୍ରୱାଲ ଏବଂ ଗୋଶାଳା କମିଟିର ପ୍ରଫୁଲ୍ଲ ଜୈନ, ଜୟରାମ ଅଗ୍ରୱାଲ ରବି କୁମାର ଅଗ୍ରୱାଲ, ପୱନ୍ ଅଗ୍ରୱାଲ ସମେତ ବହୁ ସଂଖ୍ୟାରେ ମହିଳା ସମିତିର ସଦସ୍ୟା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ମାରୱାଡ଼ି ମହିଳା ସମ୍ମେଳନ ପକ୍ଷରୁ ବଲାଙ୍ଗିର ଠିକାଦାର ପଡ଼ା ଠାରେ ଥିବା ପୃଥ୍ୱୀରାଜ ଗୋଶାଳାରେ ହରିଦ୍ୱାରରୁ ଆସିଥିବା ପୂଜ୍ୟ ସ୍ୱାମୀ ପ୍ରମାର୍ଥ ଦେବ ଓ ତାଙ୍କ ଟିମ, ମହିଳା ସମ୍ମେଳନର ସଦସ୍ୟା ମାନେ ଏହାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଓ ଗୋ ପୂଜନ ସହ ଗୋ କାଷ୍ଟ ମେସିନ ବାବଦରେ ଓ ପରିବେଶ ସୁରକ୍ଷା ଉପରେ ଦିଗଦର୍ଶନ ଦେଇଥିଲେ । ଜଙ୍ଗଲ ଏବଂ ପରିବେଶ ସୁରକ୍ଷା ପାଇଁ ଏହା ଅଭିନବ ପ୍ରୟାସ ବୋଲି କୁହାଯାଉଛି । ପୂର୍ବ କାଳରେ କୃଷି ପାଇଁ ବହୁଳ ଭାବରେ ଗୋପାଳନ କରାଯାଉଥିଲା । କିନ୍ତୁ, ବର୍ତମାନର ଆଧୁନିକ ଯୁଗରେ କୃଷି କ୍ଷେତ୍ରରେ ଆଧୁନିକ ଯନ୍ତ୍ରପାତିର ପ୍ରୟୋଗ ଯୋଗୁ ଗୋରୁ ଗାଈ ସଂଖ୍ୟା କମିବାରେ ଲାଗିଲା । ଗୋରୁଗୋବର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ କୃଷକମାନଙ୍କ ଅଭିବୃଦ୍ଧି ସହିତ ପରିବେଶ ସଂରକ୍ଷଣରେ ସହାୟକ ହେଉଛି । ଆଧୁନିକ ଯୁଗରେ କାଠର ବିକଳ୍ପ ରୂପେ ଗୋବରରୁ ଗୋବର କାଠ ତିଆରି ହେଉଛି । ଜଙ୍ଗଲ ସଂରକ୍ଷଣରେ ପ୍ରମୁଖ ଭୂମିକା ନେବା ସହିତ ପ୍ରଦୂଷଣ ନିୟନ୍ତ୍ରଣ କରିଥାଏ । ହିନ୍ଦୁ ସମାଜରେ ମୃତଦେହ ଦାହ ପାଇଁ କାଠ ବ୍ୟବହାର ହୋଇଥାଏ । ବର୍ତମାନ ଯୁଗରେ ଜଙ୍ଗଲ କ୍ଷୟ ଯୋଗୁ କାଠର ଘୋର ଅଭାବ ଦେଖାଦେଇଛି । ଏହାର ବିକଳ୍ପ ଭାବେ ଗୋ-କାଷ୍ଠକୁ ବ୍ୟବହାର କରିବାକୁ ମହିଳା ସମ୍ମେଳନର ସଦସ୍ୟା ମାନେ ମତ ଦେଇଛନ୍ତି । ତେବେ ଏହି ସବୁ କାରଣକୁ ଆଖିଆଗରେ ଗୋକାଷ୍ଠ ତିଆରି ମେସିନ ଲଗାଇ ଗୋକାଷ୍ଠ ତିଆରି କରୁଛନ୍ତି । ଗୋଶାଳାରୁ ବାହାରୁ ଥିବା ଗୋବର ଜମାହୋଇ ନଷ୍ଟ ହେଉଥିଲା । ଗୋବର ଠିକ ବ୍ୟବହାର ବିଷୟରେ ମୋବାଇଲରେ ଖୋଜୁଥିବା ବେଳେ ଏ ଗୋକାଷ୍ଠ ତିଆରି ମେସିନ ବିଷୟରେ ଜାଣିବାକୁ ପାଇଲେ । ଏହି ମେସିନକୁ ବ୍ୟବହାର କରି ସେମାନେ ଗୋକାଷ୍ଠ ତିଆରି କରୁଛନ୍ତି । ଏହା ବର୍ତମାନ ଲୋକଙ୍କ କାମରେ ଲାଗୁଛି ବୋଲି ସେମାନେ କହିଛନ୍ତି । ଏହାର ବ୍ୟବହାର ଦ୍ୱାରା ପରିବେଶ ସନ୍ତୁଳିତ ହେବା ସହ ପ୍ରଦୂଷଣ କମିଥାଏ । ଗୋକାଠ ଉପରେ ସମସ୍ତେ ନିର୍ଭର କଲେ ଏହାର ଚାହିଦା ବଢନ୍ତା । ଜଙ୍ଗଲକାଠ ଉପରେ ଲୋକେ ନିର୍ଭର ନ କରି ଗୋକାଷ୍ଠ ଉପରେ ନିର୍ଭର କଲେ ଜଙ୍ଗଲ ସୁରକ୍ଷା ସହ ପରିବେଶ ସୁରକ୍ଷା ହୋଇପାରିବ ।

# ଉଷୁ କ୍ରୀଡ଼ା ବିଜୟିନୀଙ୍କୁ ଜିଲ୍ଲା ପ୍ରଶାସନର ସମ୍ବର୍ଦ୍ଧନା

ବଲାଙ୍ଗିର,୧୨/୦୪(ନି.ପ୍ର) ବଲାଙ୍ଗିର ଜିଲ୍ଲା ପ୍ରଶାସନ ତରଫରୁ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଲିଗ ଉଷୁ କ୍ରିଡ଼ାରେ ସୁହାନୀ ଗୁରୁହାଣ୍ଡିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଚଳିତ ବର୍ଷ ସବ-ଜୁନିଅର ତଥା ଜୁନିଅର ସ୍ତରରେ ଅନୁଷ୍ଠିତ ହେଇଥିବା କ୍ରିଡ଼ାରେ ବଲାଙ୍ଗିରରର ଏହି ଖେଳାଳି ବ୍ରୋଞ୍ଜ ଜିତିଥିଲେ । ସବ-ଜୁନିଅର ସ୍ତରରେ ୩୦ କେଜି ବର୍ଗରେ ସେ ଏହି ପୁରସ୍କାର ଜିତିଛନ୍ତି । ଅତିରିକ୍ତ ଜିଲ୍ଲାପାଳଙ୍କ ଅଫିସ କକ୍ଷରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ସୁହାନୀ ଗୁରୁହାଣ୍ଡିଙ୍କୁ ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ ପୁଷ୍ପଗୁଚ୍ଛ ଏବଂ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ କ୍ରୀଡ଼ା କ୍ଷେତ୍ରରେ ବଲାଙ୍ଗିର ର ନାମ ଆଗକୁ ନେଉଥିବାରୁ ଧନ୍ୟବାଦ ଜଣାଇଥିଲେ । ସମସ୍ତ ଦିଗରେ ନିଜର ଶତପ୍ରତିଶତ ଦେବାକୁ ତଥା ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବାରୁ ସେମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିବେ ବୋଲି କହିଥିଲେ । କୃତି ଖେଳାଳି ମଧ ଖୁସି ବ୍ୟକ୍ତ କରିବା ସହ କ୍ରିଡ଼ା କ୍ଷେତ୍ରରେ ଉନ୍ନତ ମନନିବେଶ କରିବାକୁ ଏହି ସମ୍ବର୍ଦ୍ଧନା ପ୍ରେରଣା ଦେବ ବୋଲି କହିଥିଲେ । ଏହି ସଭାରେ ପିତା ତଥା କୋଚ ଯୁଧିଷ୍ଠିର ଗୁରୁହାଣ୍ଡି ମଧ ଉପସ୍ଥିତ ଥିଲେ । ପୂର୍ବରୁ ସୁହାନି ଖେଲୋ ଇଣ୍ଡିଆ ୟୁଥ ଗେମ ୨୦୨୩ରେ ମଧ ରୌପ୍ୟ ପଦକ ହାସଲ କରିଥିଲେ ।

# ଭୀଷ୍ମ ମହାନ୍ତି ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ନିର୍ବାଚିତ

କେନ୍ଦ୍ରାପଡ଼ା,୧୨/୦୪(ନି.ପ୍ର) କେନ୍ଦ୍ରାପଡା ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ଭାବେ ୨ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି ନିର୍ବାଚିତ ହୋଇଥିବା ଜଣାପଡିଛି । ଏହି ପଦବୀ ଟି ୨୦୨୪ ନିର୍ବାଚନ ପରଠାରୁ ୧୦ ମାସ ହେଲା ଖାଲି ପଡିଥିଲା । ତେବେ ବହୁ ଘାଂଟଚକଟ ପରେ ବିଜେଡି ହାଇ କମାଣ୍ଡଙ୍କ ଡାକରା ପରେ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ଭୁବନେଶ୍ୱର ଯାଇ ଆଲେଚନା କରିଥିଲେ । ୨ନଂ ଜୋନର ଭୀଷ୍ମ ମହାନ୍ତି, ବରିଷ୍ଠ ସଦସ୍ୟ ପ୍ରମୋଦ ରଥ ଓ ରାଜନଗର ୩୦ନଂ ଜୋନର ସଦସ୍ୟ ସୁରେନ୍ଦ୍ର ରାଉତଙ୍କ ନାଁ ଆଲେଚନାର ଥିବାବେଳେ ଶେଷରେ ହାଇକମାଣ୍ଡ ଭୀଷ୍ମଙ୍କ ନାମରେ ମୋହର ମାରିଛନ୍ତି । ଆଜି ଦୁହୁରିଆ ନିକଟ ଏକ ହୋଟେଲରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସମସ୍ତ ବିଜେଡି ଜିଲ୍ଲା ପରିଷଦ ସଭ୍ୟ ଓ ସମସ୍ତ ବିଧାୟକଙ୍କ ଉପସ୍ଥିତି ରେ ଚାନ୍ଦବାଲି ବିଧାୟକ ତଥା ଯୁବ ବିଜେଡି ରାଜ୍ୟ ସଭାପତି ବୌମକେଶ ରାୟ ହାଇକମାଣ୍ଡଙ୍କ ଠାରୁ ଆଣିଥିବା ଏକ ବନ୍ଦ ଲଫାପା ଉନ୍ମୋଚନ କଲାପରେ ସେଥିରୁ ଭୀଷ୍ମ ମହାନ୍ତିଙ୍କ ନାମ ଜନାପଡିଥିଲା । ତେବେ ଏହାକୁ ନେଇ ଉପସ୍ଥିତ ଥିବା ଜିଲ୍ଲା ପରିଷଦ ସଦସ୍ୟ ମାନଙ୍କ ମଧ୍ୟରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା । ସବୁଠାରୁ ବରିଷ୍ଠ ସଦସ୍ୟ ପ୍ରମୋଦ ରଥ ଏଥିରେ ଅସନ୍ତୋଷ ପ୍ରକାଶ କରି ଓ ଅଲଗା ଭାବେ ପାର୍ଥୀ ପତ୍ର ଦାଖଲ କରିବା ପାଇଁ ଅଡି ବସିଥିଲେ । ତେବେ ତାଙ୍କ ସମର୍ଥନରେ କେତେକ ସଦସ୍ୟ ବାହାରିବାରୁ ବୈଠକରେ ହଇଚଇ ସୃଷ୍ଟି ହୋଇଥିଲା । ପ୍ରମୋଦଙ୍କୁ ବୁଝାଇବା ପାଇଁ ସମସ୍ତ ନେତୃସ୍ଥାୟୀନ ବ୍ୟକ୍ତିମାନେ ପ୍ରାୟ ୨ଘଂଟା କସରତ କରିବା ପରେ ଅବସ୍ଥା ଶାନ୍ତ ପଡିଥିଲା । ତେବେ ଜିଲ୍ଲା ପରିଷଦ ଉପ ସଭାପତି ପଦବୀ ପାଇଁ ଆନୁଷ୍ଠାନିକ ଭାବେ ଭୀଷ୍ମ ଏକମାତ୍ର ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ଓ ନିର୍ବାଚନ ପରିଚାଳନା କରୁଥିବା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଅନ୍ୟ କେହି ଦାବିଦାର ନଥିବାରୁ ଭୀଷ୍ମ ମହାନ୍ତି ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ହୋଇଥିବା ଘୋଷଣା କରିଥିଲେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୩ ଅପ୍ରେଲ ୨୦୨୫
email :
rabibarachayan2015@gmail.com

# ରବିବାର ଚୟନ

......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


## ଧାରାବାହିକ ଉପନ୍ୟାସ

## ଡ.ଭାଗବତ ବେହେରା



# ବୈଦେହୀ



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୯୩

(ପୂର୍ବ ପ୍ରକାଶିତ ଉତ୍ତାରୁ...)

କିଏ କହୁଥିବ ନା ଲୋ ମୋ ଅପାର ମୁହଁ ବସନ୍ତକାଳୀନ ପଦ୍ମ ଭଳି ସୁନ୍ଦର । ପୁଣି କିଏ କହୁଥିବ ଅପା ତୋ ଆଖି ଦୁଇଟା ନା କଜଳପାତିର ଆଖି ଆଉ କିଏ କହୁଥିବ ନା ନା ଲୋ, ଅପାର ଆଖି ଦୁଇଟା ହରିଣୀ ଆଖି ଭଳି ସୁନ୍ଦର । ଅପାର ପାଦ ଦୁଇଟା ନା ନାଲିକଇଁର ରଂଗକୁ ଝେରାଇ ନେଇଛି । ଏମିତି ଦୈନନ୍ଦିନ ସେମାନେ ମୋ ସହିତ ଥଟ୍ଟା ଲଗାନ୍ତି । ସେଦିନ ମଧ ସେମାନେ ଏମିତି କହୁଥିବାର ଦେଖିମୁଁ ତାଙ୍କୁ କହିଥିଲି ଉର୍ମିଳା, ମାଣ୍ଡବୀ, ଶ୍ରୁତକୀର୍ତ୍ତି ତୁମମାନଙ୍କୁ ମୁଁ ଆଜି ଗୋଟେ ଶୁଭଖବର ଦେବି ।

ଶୁଭଖବର କଥାଶୁଣି ସେମାନେ ପଚାରିଥିଲେ କି ଶୁଭ ଖବର ଅପା । ଆଗେ ଆମକୁ କହ । ତୋ ତୁଣ୍ଡରୁ ଶୁଭ ଖବର ଶୁଣିଲେ

ତାଙ୍କ କଥା ଶୁଣି ମୁଁ କହିଥିଲି ନା ନା ଏକଥା ଆଗ ମୁଁ ମୋ ପ୍ରଭୁଙ୍କୁ କହିବି । ତାପରେ ଯାଇ ତୁମମାନଙ୍କୁ । ଆଜି ସନ୍ଧ୍ୟାରେ ମୁଁ ରାଜଉଦ୍ୟାନକୁ ଯାଉଛି । ସେଠାରେ ତାଙ୍କ ସହିତ ମୋର ଭେଟ ହେବ । ତାଙ୍କୁ ଖବରଟା ଶୁଣାଇ ଆସିବା ପରେ ମୁଁ ତୁମମାନଙ୍କୁ କହିବି ।

ମୋ କଥା ଶୁଣି ମୋର ତିନିଭଉଣୀ ଯାକ କହିଥିଲେ, ହଁ ଲୋ ଅପା ତୋ ପତି ତୋ ପାଇଁ ଯେମିତି ଦେବତା, ଆମ ପତିମାନେ ସେମିତି ନୁହଁନ୍ତି । ହଉ ତୁ ଆଗ ତୋ ଶୁଭ ଖବରଟା ତୋ ପତିଦେବତାଙ୍କୁ ଦେଇ ସାର, ତାପରେ ଆମକୁ ଶୁଣାଇବୁ । ଏହାକହି ସେମାନେ ମୋ ଠାରୁ ବିଦାୟ ନେଇ ଯାଇଥିଲେ । ମୁଁ କିଛି ଦାସୀଙ୍କ ଗହଣରେ ଯାଇ ରାଜଉଦ୍ୟାନରେ ପହଞ୍ଚିଥିଲି । ଦାସୀମାନେ ମୋତେ ଉଦ୍ୟାନ ନିକଟରେ ପହଞ୍ଚାଇ ଦେଇ ଫେରି ଆସିଥିଲେ । କିଛିସମୟ ଅପେକ୍ଷା କଲାପରେ ସ୍ୱାମୀ ମୋର ଆସି ମୋତେ କୋଳେଇ ନେଇ କହିଥିଲେ, ରାଜକାର୍ଯ୍ୟ ସାରି ଆସୁଆସୁ ସାମାନ୍ୟ ବିଳମ୍ବ ହୋଇଗଲା ଦେବୀ । ଏଥିପାଇଁ ମୁଁ ତୁମ ଠାରୁ କ୍ଷମା ପାଇବି ନିଶ୍ଚୟ ।

ତାଙ୍କ ତୁଣ୍ଡରେ ହସ୍ତ ଦେଇ ମୁଁ କହିଥିଲି, ଛି ସ୍ୱାମୀ । ଆପଣ ସବୁବେଳେ ମୋତେ ଏମିତି କ୍ଷମା ମାଗି ପାପର ଭାଗୀଦାର କରାନ୍ତୁ ନାହିଁ । ମୁଁ ଆପଣଙ୍କର ପତ୍ନୀ, ସେବାଦାସୀ ।

ନା ସୀତେ ତୁମେ ସେବାଦାସୀ ନୁହଁ । ତୁମେ ରାମ ହୃଦୟ ମନ୍ଦିରର ଆରାଧ୍ୟ ଦେବୀ । ତୁମେ ରାମ ହୃଦୟ ସିଂହାସନରେ ପାତି ଦେଇଛ ସ୍ନେହ, ପ୍ରେମ, ପ୍ରୀତିର ଏକ ଦିବ୍ୟ ଆସନ । ସେଥିପାଇଁ ରାମ ଆଜି ଜଣେ କୀର୍ତ୍ତିମାନ ରାଜା, ଜଣେ ଯଶସ୍ୱୀ ପ୍ରଜାପାଳକ ଆଉ ଜଣେ ପତ୍ନୀ ସୋହାଗିନୀ ପତି । ଏତକ କହି ସ୍ୱାମୀ ମୋର ଅତ୍ୟନ୍ତ ଆନନ୍ଦରେ ଏକ ବୃକ୍ଷମୂଳରେ ବସି ମୋତେ ଟାଣି ନେଇଥିଲେ ତାଙ୍କ କୋଳକୁ । ଅଜସ୍ର ପ୍ରୀତି ସୁଧାରେ ମୋତେ ସ୍ନାନ କରାଇ ଦେଇ କହିଥିଲେ, ଜାନକୀ ତୁମକୁ ଆଜି ଏମିତି ବେଶରେ ସଜାଇ ଦେଇଛି କିଏ ? ବେଶକାରୀମାନେ ତୁମକୁ ଆଜି ଠିକ୍ ଭାବରେ ସଜାଇ ପାରି ନାହାନ୍ତି । ଆଜି ମୁଁ ତୁମକୁ ସଜାଇବି । ଏହାକହି ସେ ଯାଇ ପୁଷ୍ପଲତା ମାନଙ୍କରୁ ଆଞ୍ଜୁଳା ପୂର୍ଣ୍ଣକରି ଫୁଲ ଆଣି ମୋ ପାଖରେ ଥୋଇ ଦେଇଥିଲେ । ହସିହସି ମୁଁ ତାଙ୍କୁ କହିଥିଲି ପ୍ରଭୁ ଆପଣ କ'ଣ ଭାବୁଛନ୍ତି ଏ ସ୍ଥାନ ଦଣ୍ଡକାରଣ୍ୟ ନା ପଞ୍ଚବଟୀ । ଏ ସ୍ଥାନ ହେଉଛି ଅଯୋଧ୍ୟାର ରାଜ ଉଦ୍ୟାନ । ଆପଣ ଏଠାରେ.... । ମୋ କଥା ଶୁଣି ହସିହସି ସେ କହିଥିଲେ ଦେବୀ ସୀତେ ! ତୁମେ ମୋ ପାଖରେ ଥିଲେ ସାଧାରଣ ଗୋଟାଏ ବଗିଚା ମୋ ପାଇଁ ପଞ୍ଚବଟୀ ହୋଇଯିବ । ତୁମେ ସ୍ଥିର ହୋଇ ବସ ଦେବୀ । ଆଜି ମୁଁ ତୁମକୁ ଫୁଲରାଣୀ ଭାବରେ ସଜାଇ ଦେବି । ଏହାକହି ସ୍ୱାମୀ ମୋର ମୋ ଗଭା, ହସ୍ତ, ପଦ ସବୁଠି ଖଞ୍ଜି ଦେଇଥିଲେ ପୁଷ୍ପର ସମ୍ଭାର । ଏହାପରେ ମୋତେ କୋଳକୁ ଟାଣିନେଇ କହିଥିଲେ ଏବେ ମୋ ହୃଦୟ ଦର୍ପଣରେ ତୁମେ ନିଜକୁ ଦେଖି କୁହ ମୁଁ ତୁମକୁ କେମିତି ସଜାଇ ଦେଇଛି ।

ତାଙ୍କ କଥା ଶୁଣି ଖିଲିଖିଲି ହୋଇ ହସିଉଠି ମୁଁ କହିଥିଲି "ପ୍ରଭୁ ! ଆପଣ ଆଜି କ'ଣ ମୋତେ ନୂଆକରି ସଜାଇ ଦେଇଛନ୍ତି ଯେ ମୁଁ ଆପଣଙ୍କ ମନ ଦର୍ପଣରେ ନିଜକୁ ଦେଖିବି । ଅରଣ୍ୟବାସ କାଳରେ ଦୀର୍ଘ ବାରବର୍ଷ ଧରି ଆପଣ ମୋ କେଶବନ୍ଧନ କରିଛନ୍ତି, ମୋତେ ପୁଷ୍ପ ମାଳାରେ ସଜାଇ ଦେଇଛନ୍ତି ଏପରିକି ମୁଁ ଶତବାଧା ଦେଲେ ବି ଆପଣ ନମାନି ମୋ ପାଦରେ ନାଲିପୁଷ୍ପର ରଂଗକୁ ଲାକ୍ଷାରସ କରି ପିନ୍ଧାଇ ଦେଇଛନ୍ତି । ଫୁଲର ପାଉଁଜି କରି...

ମୋ କଣ୍ଠରୁ ବଚନ ଛଡ଼ାଇ ନେଇ ପ୍ରଭୁ ମୋର କହିଥିଲେ 'ସତରେ ସୀତେ ! ସେଦିନ ଗୁଡ଼ିକ ଏତେ ଆନନ୍ଦ, ଏତେ ମଧୁମୟ, ଏତେ ପ୍ରୀତିମୟ ଥିଲା ଯେ, ଯାହା ଆଜି ରାଜବାଟୀରେ ସ୍ୱପ୍ନ ତୁଲ୍ୟ ଲାଗୁଚି । ସେଥିପାଇଁ ଆଜି ଏ ଫଗୁଣ ପୂର୍ଣ୍ଣିମା ସନ୍ଧ୍ୟାରେ ତୁମକୁ ଏ ପୁଷ୍ପ ଉଦ୍ୟାନକୁ ଡକାଇଛି । କିଛିସମୟ ଆମେ ଏଠାରେ ଚନ୍ଦ୍ର କିରଣରେ ଭିଜି ରାଜବାଟୀକୁ ଫେରିଯିବା ।' ଏହି ଦେଖ ପ୍ରିୟେ ଆକାଶରେ ଏ ପୂର୍ଣ୍ଣିମା ଚାନ୍ଦ କେମିତି ସୁଶୀତଳ ଚନ୍ଦ୍ର କିରଣ ଆମ ଉପରେ ଝରାଇ ଦେଉଛି । ମଳୟ ପବନ କେମିତି ପୁଷ୍ପର ଗନ୍ଧ ବହନ କରି ଧୀରେଧୀରେ ସଞ୍ଚରି ଆମକୁ ବ୍ୟଜନ କରୁଛି । ପକ୍ଷୀମାନେ ବୃକ୍ଷଡାଳରେ ବସି ସନ୍ଧ୍ୟା ସଂଗୀତ ଗାନ କରୁଛନ୍ତି । ରାଜକାର୍ଯ୍ୟର ଜଞ୍ଜାଳ ଭିତରେ ବୁଡ଼ିରହି ଆଜି ସନ୍ଧ୍ୟାରେ ତୁମ ପ୍ରୀତିସୁଧା ପାନ କରିବା ପାଇଁ ମୁଁ ଏ ସନ୍ଧ୍ୟାରେ ଧାଇଁ ଆସିଛି ରାଜ ଉଦ୍ୟାନକୁ ।

ପ୍ରୀତିଦା ଏହିଭଳି ଏକ ଭାବମୟ, ପ୍ରୀତିମୟ, ସୁଧାମୟ ପରିବେଶ ଭିତରେ ସ୍ୱାମୀଙ୍କ କୋଳରେ ଥାଇ ମୁଁ କହିଥିଲି ପ୍ରଭୁ ଆପଣଙ୍କର ଏ ଦାସୀ ଆପଣଙ୍କୁ ଆଜି ଏକ ଉପହାର ଦେବାକୁ ଚାହୁଁଛି ।

ଉପହାର ! କି ଉପହାର ତୁମେ ମୋତେ ଦେବ ସୀତେ ?

ଆପଣଙ୍କ ଦିଆ ଦାନକୁ ମୁଁ ଆଜି ଆପଣଙ୍କୁ ଉପହାର ଦେବାକୁ ଚାହେଁ ।

ଆଶ୍ଚର୍ଯ୍ୟ ହୋଇ ମୋ ସ୍ୱାମୀ ପ୍ରଶ୍ନ କରିଥିଲେ ମୋ ଦିଆ ଉପହାରକୁ ତୁମେ ମୋତେ ଦାନ କରିବ । କ'ଣ ସେ ଉପହାର ସୀତେ ?

ମୁଁ ହସିହସି କହିଥିଲି ସ୍ୱାମୀ ଆପଣଙ୍କ ଦିଆ ଦାନ ଆଜି ମୋ ଅନ୍ତରରେ ସ୍ଥାନ ପାତି ବସିଛି । ଆପଣଙ୍କ ରକ୍ତ ଆଜି ମୋ ଗର୍ଭରେ

ସୀତେ... ସୀତେ କହି ସେ ଅତ୍ୟନ୍ତ ଆବେଗ ଓ ଆନନ୍ଦରେ ମୋତେ କୋଳକରି ନେଇଥିଲେ । ଏତେବଡ଼ ସମ୍ବାଦକୁ ତୁମେ ଆଜି ପର୍ଯ୍ୟନ୍ତ ମୋତେ କାହିଁକି ଦେଇନଥିଲ ଦେବୀ ?

କହିବାପାଇଁ ସୁଯୋଗ ପାଇନଥିଲି ପ୍ରଭୁ । ଆଜି ଏକାନ୍ତରେ ସେ କଥା ଆପଣଙ୍କ ନିକଟରେ ପ୍ରକାଶ କରିଦେଲି । ସେଦିନ ମୋ ସ୍ୱାମୀ ଏତେ ଖୁସି ହୋଇ ଯାଇଥିଲେ ପ୍ରୀତିଦା, ମୁଁ ତାହା ଭାଷାରେ ବର୍ଣ୍ଣିପାରିବି ନାହିଁ । ମୋତେ କୋଳେଇ ନେଇ ଉଦ୍ୟାନ ଭିତରେ ସେ ନାଚି ଉଠିଥିଲେ । ମୋତେ ବାରମ୍ବାର ଚୁମ୍ବନ କରି ସେ କହିଥିଲେ, ଏ ଖବର ମୋ ମାତାମାନଙ୍କୁ ଦେଇଛ ଜାନକୀ ?

ନା ପ୍ରଭୁ ସର୍ବପ୍ରଥମେ ଏକଥା ମୁଁ ଆପଣଙ୍କୁ ଜଣାଇଲି । ଏହାପରେ ମାତାମାନଙ୍କୁ ।

(କ୍ରମଶଃ)


♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


## ତୀର୍ଯ୍ୟକ୍

# ରମାକାନ୍ତ ରଥ ସ୍ମୃତି ପୁସ୍ତକ ସୃଷ୍ଟି କରିଛି ବିତର୍କର ବଳୟ



ଫକୀର ମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର, ରମାକାନ୍ତ ରଥଙ୍କ ଦେହ ତ୍ୟାଗର ଏକାଦଶ ଦିବସରେ ଏକ ସୁନ୍ଦର ମନୋଜ୍ଞ ସ୍ମୃତି ପୁସ୍ତକ 'ହିରଣ୍ମୟ ରମାକାନ୍ତ' ନାମରେ ପ୍ରକାଶ କରି ତାର ଉନ୍ମୋଚନ କରିଥିଲା । ଏହାର ସଂପାଦକୀୟର ଦ୍ୱିତୀୟ ଧାଡ଼ିରେ ବାକ୍ୟଟି ଥିଲା ଏମିତି, 'କାଳଜୟୀ ସ୍ରଷ୍ଟା ରମାକାନ୍ତ ରଥ ବିୟୋଗ ସେମିତି ଏକ ସୁଖଦ ପରିସ୍ଥିତି ସୃଷ୍ଟି କଲା ଫକୀର ମୋହନ ସାହିତ୍ୟ ପରିଷଦ ପାଇଁ।' ଏଇ ବାକ୍ୟକୁ ନେଇ ତୁମ୍ବି ତୋଫାନର ସ୍ୱର ଉଠୁଛି ଓଡ଼ିଆ ସାହିତ୍ୟ ଜଗତରେ। ସୁଖଦର, ଅର୍ଥ ନେଇ ଆମେ ଅଧମ ସାହିତ୍ୟ ଲେଖୁଥିବା ମଣିଷଙ୍କ ଭିତରେ ଏବେବି ଦ୍ୱନ୍ଦ୍ୱ ଅଛି, ଯେ କୌଣସି ମଣିଷର ମୃତ୍ୟୁ ଆମ ସମାଜ ପାଇଁ ଏକ ବିୟୋଗାତ୍ମକ ଦୁଃଖଦ ଘଟଣା, ସେଇ ମଣିଷ ଯେତେ ଯାହା ଭଲ ବା ମନ୍ଦ ହେଲେ ବି । ମାତ୍ର ଇଏ ଥିଲେ, ପୁଣି ଓଡ଼ିଶାର ପ୍ରଥିତ ଯଶା କବି ରମାକାନ୍ତ ରଥ । ସେ ସାହିତ୍ୟରେ ଯେତିକି ମାନବିକତାର ବି ସେମିତି ଦିଗ୍ଗଜ ମଣିଷ ଜଣେ। ତାଙ୍କ ପାଖରେ କେହି ମଣିଷ ଛୋଟ କି ବଡ ନୁହନ୍ତି । ସମସ୍ତଙ୍କ ପ୍ରତି ତାଙ୍କର ଆନ୍ତରିକ ଶ୍ରଦ୍ଧା ଥିଲା। ସେ ଶେଷ ବେଳକୁ ଜଣେ ସମ୍ପୂର୍ଣ୍ଣ ସନ୍ଥ ମଣିଷ ପାଲଟି ଯାଇଥିଲେ ଆଚାର, କଥା ଓ ଶ୍ରଦ୍ଧା ଅର୍ପଣରେ। ତେବେ ବୁଝି ହୁଏ ନାହିଁ, ତାଙ୍କ ଇହଧାମ ତ୍ୟାଗ, ଗୋଟେ ସହିତ୍ୟ ପରିଷଦ ପାଇଁ କେମିତି ସୁଖଦ ପରିସ୍ଥିତି ସୃଷ୍ଟି କଲା ? ଆମ ଜାଣିବାରେ ଇଏ ତ ଏକ ଶୋକାକୂଳ ପରିସ୍ଥିତି । ମୁଁ ସେଇ ସନ୍ଧ୍ୟାରେ ସାହିତ୍ୟ ପରିଷଦ ଦ୍ୱାରା ପାଳିତ ରମାକାନ୍ତଙ୍କ ପାଇଁ ସ୍ମୃତିସଭାକୁ ଯାଇଥିଲି। ସେଠି ସେମିତି କିଛି ସୁଖଦ ପରିସ୍ଥିତି ବି ମୁଁ ଦେଖି ନଥିଲି । ବରଂ ଅନେକ ବାଲେଶ୍ୱରର ସାହିତ୍ୟ ପ୍ରାଣ ବ୍ୟକ୍ତି ମାନେ ସ୍ମୃତିଚାରଣ ପୂର୍ବରୁ ସ୍ୱର୍ଗତ କବିଙ୍କ ଫଟୋରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଫୁଲ ଧୂପ ଅର୍ପଣ କରିଥିଲେ ଓ ସମୂହ ନୀରବ ପ୍ରାର୍ଥନା ବି ଏକ ମିନିଟ ପାଇଁ ହେଇ ଥିଲା । ସ୍ମୃତି କଥା କହିଲା ବେଳେ କେହି ବି କରତାଳି ନମାରି ନୀରବ ହେଇ ରହୁଥିଲେ। ପରିବେଶ ଥିଲା ଦୁଃଖଦ ଯାହା ମୋତେ ହୃଦବୋଧ ହେଇ ଥିଲା । ସେଠି ମୁଁ କାମରେ ଦୁଃଖଦ ଓ ଲେଖାରେ ସୁଖଦ କଥା ଅନୁଭବ କଲି। ରମାକାନ୍ତ ରଥଙ୍କ ଦେହାନ୍ତ କଥାଟି ଦିଅର୍ଥ ବୋଧକ ହେବ କିପରି ?

ଯଦି ସାହିତ୍ୟ ପରିଷଦ ଦୃଷ୍ଟିରେ ଏହା ସୁଖଦ ପରିସ୍ଥିତି, ତେବେ ସେଠି ତାଙ୍କ 'ଶ୍ରୀରାଧା' କବିତାକୁ ସ୍ୱର ଧରି ଗାନ କରା ଯାଇ ପାରିଥାନ୍ତା।ତାଙ୍କ 'ଶ୍ରୀ ପଳାତକ' କୁ ନେଇ ନାଟକ ବି ହେଇ ପାରିଥାନ୍ତା। ଏଇ ସବୁ ମନୋରଞ୍ଜନ କାର୍ଯ୍ୟକ୍ରମ ଏବେ ଏଇ ସାହିତ୍ୟ ପରିଷଦରେ ଦର୍ଶକଙ୍କ ବହୁଳ ମନୋରଂଜନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମରେ କାର୍ଯ୍ୟକ୍ଷମ ହେଇ ପାରୁଛି ବୋଲି ଆମର ଜ୍ଞାତକୁ ଆସିଛି । ଏହି ସାହିତ୍ୟ ପରିଷଦରେ କବି ବ୍ରଜନାଥ ରଥ ସଭାପତି ଥିବା ସମୟର ସାହିତ୍ୟ ସଭା, କବିତା ପାଠ, ଗଳ୍ପ ପାଠ ଓ ସାହିତ୍ୟ ଆଲୋଚନା ଖୁବ୍ ନିରାଡମ୍ବର ଭାବେ ପ୍ରବୀଣ ଓ ନବୀନ ପିଢିର କତିପୟ ସାହିତ୍ୟିକଙ୍କୁ ନେଇ ସଂଗଠିତ ହେଉଥିଲା। ଏବେ କିନ୍ତୁ ପରିଷଦର ପରିସର ବଢ଼ି ଯାଇଛି । ସେହି ତୁଳନାରେ ସେଠାରେ ସାହିତ୍ୟ କମ୍ ବେଶୀ ବେଶୀ ଗୀତ, ବାଦ୍ୟ, କଳା-ସଂସ୍କୃତି,ଏପରିକି ରଙ୍ଗ ରଙ୍ଗୋଲି ବି ହେଇ ଚାଲିଛି ନୂଆ ପଦ୍ଧତିରେ । ସେମିତି ରଙ୍ଗ ମାଖି ରଙ୍ଗୋଲି ଖୁସି ବି ଏଇ ସଭାରେ ହେଇ ପାରିଥାନ୍ତା, ସେଇ ସୁଖଦ ପରିସ୍ଥିତିକୁ ଆହୁରି ମନୋଜ୍ଞ କରିବା ପାଇଁ।

ଅବଶ୍ୟ ୟା ଭିତରେ ସାହିତ୍ୟପ୍ରାଣ ଡ. କାଳୀପଦ ପଣ୍ଡା ଓ ଡ. ରାଧାରଞ୍ଜନ ପଟ୍ଟନାୟକ ସେମାନଙ୍କ ମତ ସୋସିଆଲ ମିଡିଆରେ ଦେଲା ପରେ ଅନେକ ଅଭିମତ ଆସିଛି। କିନ୍ତୁ ଏ ସୁଖଦ ପରିସ୍ଥିତି ଉପରେ ନ୍ୟାର୍ଯ୍ୟ ସ୍ପଷ୍ଟୀକରଣ ଏଯାଏଁ ପରିଷଦର ଏବର ସଭାପତି ବା ପୂର୍ବତନ ଗୁଣୀ ଜ୍ଞାନୀ ସାହିତ୍ୟ ବିଶାରଦ ସଭାପତିମାନେ କିଛି ବି ବ୍ୟକ୍ତ କରି ନାହାନ୍ତି । ସେମାନଙ୍କ ମତକୁ ଆମେ ଉପେକ୍ଷା କରି ପାରିବୁ ନାହିଁ। ସେମାନଙ୍କ ମତ ଆମମାନଙ୍କ ପାଇଁ ଖୁବ୍ ପ୍ରଣିଧାନ ଯୋଗ୍ୟ। ଯଦି ଏହା ଏକ ସୁଖଦ ଅନୁଭବ ତେବେ ଏହା ସ୍ପଷ୍ଟ ହେବା ଆବଶ୍ୟକ । ବୋଧହୁଏ ଏଇ ସୁଖଦ/ଦୁଃଖଦ ଶବ୍ଦର ପ୍ରୟାଗ ଦିବଂଗତ ମଣିଷ ପାଇଁ କିପରି ହେବ ତାହା ଠିକ୍ ଭବେ ନ ବୁଝି ଆମେ କିଛି ବି ମନ୍ତବ୍ୟ ଦେଇ ପାରିବୁ ନାହିଁ । ଆମେ ସେଇ ଗୁଣୀ ସାହିତ୍ୟିକ ତଥା ଓଡ଼ିଶାର ବିଜ୍ଞ ସାହିତ୍ୟିକମାନଙ୍କୁ ଆହ୍ୱାନ ଓ ଅନୁରୋଧ କରୁଛୁ ଏହାର ସଠିକ୍ ଶବ୍ଦର ପ୍ରୟୋଗ ସମ୍ପର୍କରେ ବ୍ୟକ୍ତ କରନ୍ତୁ।

କିଏ କିଏ କହୁଛନ୍ତି ସାହିତ୍ୟିକ ମୃତ୍ୟୁରେ ଏଇ ସୁଖଦ ଅନୁଭବ କୁଆଡେ ଇଂରାଜୀ ସାହିତ୍ୟରେ ହେଇ ଥାଏ । ଅବଶ୍ୟ ଆମର ଇଂରାଜୀ ସାହିତ୍ୟ, ଦର୍ଶନଓ ଅର୍ଥ ବିତ୍ପତି ଉପରେ ଏତେ ଜ୍ଞାନ ଗାରିମା ନାହିଁ । ଆସନ୍ତୁ ଏଇ କବି ରମାକାନ୍ତ ରଥଙ୍କ ମୃତ୍ୟୁରେ ସୁଖଦ ଶବ୍ଦର ସଠିକ୍ ପ୍ରୟୋଗ ନେଇ ଜ୍ଞାନୀ ଗୁଣୀ ସାହିତ୍ୟିକ ମାନେ ଉପଯୁକ୍ତ ମତ ଦେଇ ଏଇ ବିବଦମାନ ବିତର୍କକୁ ଶେଷ କରନ୍ତୁ ଓ ଦିବଂଗତ କବିଙ୍କ ଆତ୍ମାକୁ ଶାନ୍ତିର ସହାବସ୍ଥାନ ଦିଅନ୍ତୁ।

ତତ୍‌ସହିତ ଯଦି ଏହା ସେମାନଙ୍କ ଦୃଷ୍ଟିରେ ଭୂଲ୍ ବୋଲି ବିବେଚିତ ହୁଏ ତେବେ ନିଃସର୍ତ୍ତ କ୍ଷମା ସମଗ୍ର ଓଡ଼ିଆ ସାରସ୍ୱତ ସମାଜକୁ ଏବର ପରିଷଦ ମାଗି ନେଉ ଯାହା କମନୀୟ ପରିସ୍ଥିତି ବଜାୟ ରଖିବ ବୋଲି ଆଶା।


ଚୁନଭାଟି କଲୋନୀ, ବାଲେଶ୍ୱର
(ମୋ)


## କବିତା...



### ବିରହରେ
### ମହେଶ୍ୱର ପଧାନ

ବିରହରେ
ପତ୍ରେ ପତ୍ରେ ଝଡ଼ିବାକୁ ହୁଏ
ଥୁଣ୍ଟା ହେବା ଯାଏଁ।

ଶୁଭ ମନାସୁଥିବା କେଉଁ ପକ୍ଷୀର ରାବ
କେଉଁ ଦୂରଯାତ୍ରୀର ଠାବ
ମାଟି, ପାଣି, ପବନ, ଆକାଶ ଓ
ସୂର୍ଯ୍ୟଙ୍କର
ଯେତେ ଯେତେ ଆଶ୍ୱାସନା ଓ ଭାବ
ସବୁ କମ୍ ପଡ଼ିଯାଏ
ଅହରହ ଘାରେ କିଛି ଅଭାବ,
ବିରହରେ।

କେହି ମୃତ୍ୟୁ ସଂଜୀବନୀ ହୋଇ
ଆସିବେନି
ଅନ୍ୟ କେଉଁ ରୂପରେ
ଜାଣିଲା ପରେ,
ନିଜକୁ ହିଁ ଅଳ୍ପ ଅଳ୍ପ ଭୁଞ୍ଜିବାକୁ ହୁଏ,
ବିରହରେ
ପୁଣି ଥରେ ଜୀବନ୍ୟାସ ପାଇ
ଝଙ୍କାଳିଆ ହେବା ପାଇଁ।


♥ ଧୂଳୁଣ୍ଡା, ୧୯ଖଣ୍ଡ ମୌଜା,
ଝାରସୁଗୁଡ଼ା
(ମୋ) ୯୦୭୮୯୩୧୫୨୨


### ଦୁଃଖର ଛତା
### ନକୁଳ ଚଂଦ୍ର ସାହୁ



ଆଗରେ ଅୟୁତ ନିର୍ବାଣ
ପଛରେ ପ୍ରେମମୟ ନୀଳ ଉଚ୍ଚାରଣ
ମଝିରେ ମୁଁ ଶୂନ୍ୟତାର ପାପ ଷୋଳପଣ
ମୋ ସହ ଅଝଟି ହେଉଚି ନିଅଂଶୀ
ମୃତ୍ୟୁ ଦାରୁଣ !

ବର୍ତ୍ତମାନର ରୂପାମାଛ
ଭୋଗ ଓ ବିଭୂତିର ଅରମାରେ ଲହୁ ଲୁହାଣ;
ହୃଦୟ ମୋ ମୂଳକଟା, ମୁହଁ ମଡା ମୂଳକ
କବରରୁ କୁହୁଳୁଛି ଫାଲ୍‌ଗୁନର ବିଷ !

ତମେ ଥାଅ ଯେଉଁଠି, ଥାଅ ଭବିଷ୍ୟତ
କରୁଣାର କାରୁଣ୍ୟରେ ମୁଁ ଏକ ମୃତ ଅତୀତ
ନୂଆ ଜନ୍ମ ପାଇଁ ପ୍ରତୀକ୍ଷିତ ନିଷିଦ୍ଧ ନିଶୀଥ;
ମତେ ଆଉ
ମନେ ପକାଇବ ନାହିଁ, ହେ ଦୁଃଖର ଛତା

କାଳକାଳ କାମନାର
ମୁଁ ଏକ ମହର୍ଗ କବିତା !


♥ ଶବ୍ଦଘର, ଗୋଡ଼ିସାହି,
କଟକ-୭୫୪୦୦୬
(ମୋ) ୯୪୩୭୭୪୦୨୬୪


### ମୋତେ ଆସିବାକୁ ପଡିବ
### ଜ୍ଞାନେନ୍ଦ୍ର ପଣ୍ଡା



କେତେ ଆଶା ଆଶଙ୍କାର ଶୁଷ୍କ ନଈ
ଦୀର୍ଘ ଏକ ରେଖା ଆଙ୍କି
ଯାଉଛି ମିଛରେ ବୋହି
ପୂର୍ଣ୍ଣଗର୍ଭା ହେବ ଦିନେ ସେ ଉଦାସୀ ଧାରା
କଥା ଦେଉଛି ମୁଁ ଆସିବି ଦିନେ ନିଶ୍ଚୟ
ମରୁସ୍ଥଳର ମେଘ ହୋଇ ।

ହଁ ମୁଁ ଆସିବି
ଯେମିତି ମୋ କବିତାର ଶବ୍ଦ ସବୁ
ସପ୍ତାହନ୍ତରେ ଥରେ ତୁମ ପାଇଁ ଆସିଥାଏ
ଠିକ ସେମିତି ଦିନେ ଆସିବି ମୁଁ
ସନ୍ଧ୍ୟା ପୂର୍ବର ପକ୍ଷୀଙ୍କ କଳରବ ହୋଇ ।

ମୁଁ ଆସିବି ତୁମ କ୍ଲାନ୍ତ ପାଦ ଧୋଇଦେବାକୁ
ଶୁଭ୍ର ଜ୍ୟୋସ୍ନାର
ଘୋ ଘୋ କୁଆର ଉର୍ମି ହୋଇ
ହଁ ମୁଁ ଆସିବି ଅମାବାସ୍ୟାର ମାୟାନ୍ଧକାରରେ
ତୁମ ଚେତନାରେ ସ୍ନିଗ୍ଧ ଆଲୁଅର
ଶିହରଣ ନେଇ ।

ମୁଁ ଆସିବି ଦିନେ
ଛିଡ଼ାହେବାକୁ ଅପେକ୍ଷାର କବାଟ
ସେପାରିରେ
ହୁଏତ ତୁମେ ମୋ ଆସିବାର ପଦଧ୍ୱନି
ଅଣନିଘା କରିଦେଇପାର
ଅନୁମାନ କରିନ'ପାର ରାତି ଅନ୍ଧାରର
ବାରଣ୍ଡା ଉପରେ
ମୋର ସୂକ୍ଷ୍ମ ପଦଚାରଣା,
ତଥାପି ଆଶଙ୍କା ରଖିବନି ତିଳେ

ତୁମ ଦରଜା ଉନ୍ମୁକ୍ତ ହେବାର ଅପେକ୍ଷାରେ ମୁଁ
ଚାହିଁରହିବି, ଅଣଲେଉଟା ଏକ ଆଗନ୍ତୁକର
କରାଘାତ ହୋଇ ।

ତୁମ ସୁବର୍ଣ୍ଣ ହୃଦୟରେ ଲୋଟିହେବାକୁ
ମୁଁ ଆସିବି ଦିନେ ସୁନେଲି
କିରଣର ସମ୍ଭାର ହୋଇ
ତୁମ ଆହତ ପାଦର ଉଶ୍ୱାସ ସାଜି ଆସିବି ମୁଁ
ଥରଥର କମ୍ପିତ ହାତ ପାଇଁ କାନ୍ଧଟିଏ ହୋଇ ।

ମୁଁ ଆସିବି
ତୁମ ଘର ପଛ ପାଖ ଆମ୍ବ ଗଛର ବଉଳରେ
ରଙ୍ଗ ବେରଙ୍ଗ ଫୁଲଙ୍କ ପରାଗ ରେଣୁର
ଅଭିଳାଷାରେ
ମୁଁ ନିଶ୍ଚୟ ଆସିବି ସାୟାହ୍ନ ପବନରେ
ରଚିବାକୁ ସୁନାରୀ ଫୁଲର ନୃତ୍ୟ,
ଶୁଭ୍ର କାକର ହୋଇ ତୁମ ଉପରେ
ଝରିପଡ଼ିବାକୁ ଆସିବି ମୁଁ
ଉଷୁମ ସକାଳରେ ତୁମ ପାଦ ତଳ ନରମ
ଦୂର୍ବା ହୋଇ ।

ଥରକୁଥର ଆସୁଥିବି ମୁଁ ସମୟର ପଦପାତରେ
କେବେ କୋଣାର୍କର ସମୟ ରଥରେ ରଥାରୂଢ଼,
ପୁଣି କେବେ ଖଣ୍ଡଗିରିର
ଖୋଦିତ ଶିଳାଚିତ୍ର ହୋଇ
ସ୍ୱର୍ଣ୍ଣାଭ ସ୍ୱାକ୍ଷରିତ ଚିଟାଉ ନେଇ
କାଞ୍ଚନଜଂଘାର
ମେରୁ ଶିଖରରୁ ହସି ହସି ଆସିବି ଦିନେ ମୁଁ
କନ୍ୟାକୁମାରୀର ନିଃଶବ୍ଦ ପବନରେ
ଜୀବନ୍ମୟ, ଲହଡ଼ିର ସଙ୍ଗୀତ ହୋଇ ।

ହଁ ମୋତେ ଆସିବାକୁ ହେବ
ଛାଇରୁ ଆଲୁଅ,
ମୃତ୍ୟୁରୁ ଜୀବନ, ଅଶ୍ରୁରୁ ଜନ୍ମ
ଯିବା ଆସିବାର ଏ ନିରନ୍ତର ପ୍ରକ୍ରିୟା ଭିତରେ
ଯୁଗାନ୍ତରରେ ତୁମ ସ୍ନେହ, ଶ୍ରଦ୍ଧା, କରୁଣାର
ମହୋଦଧିରେ ବିସର୍ଜିତ ହେବା ପାଇଁ ।


♥ ସୁନ୍ଦରୀ, ସୁନହଟ, ବାଲେଶ୍ୱର
(ମୋ) ୯୮୬୧୧୧୬୩୮୦


### କିଛି ମାଗୁଛି....
### ଗୋଲକ ବିହାରୀ ଆଚାର୍ଯ୍ୟ



କେତେଦିନ ହେଲାଣି ସୂର୍ଯ୍ୟ ଦେଖିନି
ଖରା ପଡିନି ମୋ ଉପରେ,
ନିଜକୁ ବୁଝେଇବାପାଇଁ କିଛି
ଉତ୍ତାପ ପଠାଇବୁ, ଅଗ୍ନିକା ।

କେତେଦିନ ହେଲାଣି ସୁଖ ଦେଖିନି
ବାହୁନିବାପାଇଁ କିଛି ଲୁହ ପଠାଇବୁ,
ଲୋତକେଶ୍ୱରୀ, ମୁଁ ନିସ୍ପୃହ ଦୁଃଖଟେ
ଆକାଶ ମାଡ଼ି ବସିଛି, ସେ ଦିନରୁ ।

କେତେଦିନ ହେଲାଣି ନିଜକୁ
ବୁଝାଇବା ପାଇଁ ଶବ୍ଦ ପାଉନି, କିଛି
ଶବ୍ଦ ପଠାଇବୁ, ଶବ୍ଦେଶ୍ୱରୀ !
ନିର୍ବାକ ହେଇଯାଇଛି ମୁଁ ।

କେତେଦିନ ହେଲାଣି ଆଉ ଶପଥ
କରିନେ; 'ଭୋଗିବା ଶହ ଶହ ପୂର୍ଣ୍ଣିମା
ତୁ ଜଳ ଆଉ ମୁଁ ତୃଷ୍ଣା', ଦେବୀ ! କିଛି
ଶପଥ ପଠାଇବୁ ରଖିବି ମିଛ ହେଲାଯାଏଁ।

କାହିଁକି ! କାହିଁକି, ଏତେ କଥା ମାଗୁଛି !
ଛି ଛି, ସ୍ମୃତିଙ୍କର ଆପୋଷ କୋଳାହଳ ସତ୍ତ୍ୱେ
ଭବିଷ୍ୟତ ଉପରେ ସଂଘବଦ୍ଧ ବୋମାମାଡ;
କିଛି ଶୂନ୍ୟତା ପଠାଇବୁ ପ୍ରାଣେଶ୍ୱରୀ !

ସବୁ ଶୂନ୍ୟତାରୁ ତୋ ଉପସ୍ଥିତିର ପ୍ରାଚୂର୍ଯ୍ୟକୁ
ଯେନତେନ ଶୂନ୍ୟ କରି ଦେଇଥିବୁ ସେଠୁ,
ମୁଁ ନିଜେ ହିଁ ନିଜର ସମାଧି ହୋଇ
ଠିଆ ହୋଇଥିବି, ତୁ ଖୋଜୁଥିବୁ ଅଘୋରୀ ।


♥ କେଶଦୁରାପାଳ, କେଉଁଝର
(ମୋ) ୯୯୩୮୧୭୫୧୦୦




### ଜୀବନର ପଥ
### ବାବାଜୀ ଚରଣ ଜେନା

ଜୀବନର ପଥେ ଚାଲିବାଟା ବନ୍ଧୁ
ଏତେତ ସହଜ ନୁହଁ
କେତେ ଝଡଝଞ୍ଜା ଖରା ବର୍ଷା ଶୀତ
ଝରେ କେବେ ଆଖି ଲୁହ
ଜୀବନର ପଥେ....

ଆଖି ଆଗେ ସବୁ ଦେଖିଲି ମୁଁ ନିଜେ
ଭାବି ନଥିଲିତ ଯାହା
ଅଭିନୟ ସବୁ ଦେଖୁ ଥିଲେ ସିନା
କହିଲେନି କେହି ଆହାଃ
ସହିବାର ଗୋଟେ ସୀମାରେଖା ଅଛି
କେମିତି କହିବି କୁହ
ଜୀବନର ପଥେ....

ଝଡ଼ ଚାଲିଗଲା ଝଡ଼ର ବାଟରେ
ରଖିଦେଇ କେତେ ଚିହ୍ନ
ଅସମାହିତ ଏ ଅସୁମାରୀ ପ୍ରଶ୍ନ
ଜଳାଏ ତ ରାତି ଦିନ
କିଛି ମନକଥା ଅଧା ରହିଗଲା
ବୁଝିବ କିଏତ କୁହ
ଜୀବନର ପଥେ....


♥ ଅହଲ୍ୟା ନିବାସ, ପୋପରଡା
ନୂଆବଜାର କଟକ-୪
(ମୋ) ୯୪୩୭୮୩୪୭୧୯

# ଲେଖକଟିଏ ନିଜ ପରିଧିକୁ ଦେଖି, ପଢ଼ି ଲେଖି ପାରିଲେ ତଥ୍ୟ ଆଉ ସତ୍ୟର ନିକଟବର୍ତ୍ତୀ ହୋଇପାରିବ: ଆଭାସ ବରାଳ

**ଆଭାସ ବରାଳ ଓଡିଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ଅବସର ପରେ, ନିଜର ଲେଖାଲେଖି, ଚିତ୍ର, ଗଛପତ୍ର ଇତ୍ୟାଦି ଭଳି ଦୁଇ ଶତକରୁ ଊର୍ଦ୍ଧ୍ୱ ପ୍ରକାର କାମରେ ନିଜକୁ ନିୟୋଜିତ କରି ରଖୁଥିବା କର୍ମଠ ମଣିଷ ଜଣେ ସେ । ସାହିତ୍ୟ ସମାଜର ପ୍ରତିବିମ୍ବ ଓ ପ୍ରତିବିମ୍ବ କେବେ ତାର ପ୍ରତିଛବି ବଦଳାଇ ପାରେନା ବରଂ ଛବି ବଦଳିଲେ ପ୍ରତିବିମ୍ବ ବଦଳିଯାଏ ବୋଲି କହୁଥିବା ଏହି ଲେଖକଙ୍କ ସହ ଏଥରର ଆଳାପ...**



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଆରମ୍ଭ କେବେ, କେଉଁଠି କେମିତି ହୋଇଥିଲା, କିନ୍ତୁ ମନେନାହିଁ । ତେବେ ମା, ବାପା ଉଭୟେ କଲେଜରେ ଓଡ଼ିଆ ପଢ଼ାଉଥିବା କାରଣରୁ ପିଲାଦିନରୁ ବହି ଉପରେ ଗୁରୁଣ୍ଡିବାର କାରଣରୁ ପରବର୍ତ୍ତୀ ସମୟରେ ବହି ସହିତ ଖେଳିବାକୁ ପଡ଼ିଛି । ଇନ୍ଦ୍ରଜାଲ କମିକ୍ସ, ମନପବନ, ଜହ୍ନମାମୁଁ, ମୋ ଦେଶ ଏପରିକି ଶିଶୁଲେଖା ବହି ପଢ଼ିବା ଠାରୁ କୈଶୋର କାଳରେ ପ୍ରେମ ଖୋଜିବାକୁ ଯାଇ ଅନେକ ବହି ପଢ଼ି ହୋଇଯାଇଥିଲା । ସେଇ ଭିତରେ ଦିନେ ସଂଧ୍ୟାରେ, ଖେଳରେ ହାରିଯାଇ ଅପମାନରେ ଖୁବ୍ ଏକୁଟିଆ ହୋଇଯାଇଥିଲି । ଅପମାନ ଆଉ ଦୁଃଖ ନିଗାଡ଼ିବାକୁ ଯାଇ ଗୋଟିଏ ବିଲେଇର ମୃତ୍ୟୁର ଦୁଃଖକୁ ନେଇ କବିତା/ ଗୀତ ଲେଖିଥିଲି, ବୟସ ସେତେବେଳେ ଏଗାର ବର୍ଷ, ଆଉ ମୁଁ ପଞ୍ଚମ ଶ୍ରେଣୀର ପଢୁଥିଲି । ତା' ପରେ ପତ୍ରବନ୍ଧୁରେ ନାଁ ପଠେଇ ଖୋଜିବା ପରେ ପରେ ଲେଖା ପଠେଇ ତାହା ପ୍ରକାଶିତ ନହେବା କାରଣରୁ ବୋଧହୁଏ ଲେଖିବାକୁ ଜିଦି ଆସିଥିଲା । ଅଷ୍ଟମ ଶ୍ରେଣୀ ବେଳେ ମୁଁ ସ୍କୁଲ ମାଗାଜିନର ଜିଦିରେ ଦୁଇଟା ଗପ ନିଜ ନା'ର 'ସ'କୁ 'ଆଭାଶ' ଆଉ 'ଆଭାସ' ଏମିତି ଦୁଇଟା ନାଁରେ ଦେଇଥିଲି । ସେତେବେଳେ ଆଶ୍ଚର୍ଯ୍ୟ ହେଲି ଯେ ଦୁଇଟି ଯାକ ଗପ ମୋର ପ୍ରକାଶିତ ହୋଇଥିଲା ଏବଂ ଦୁଇଟାଯାକ ନାଁରେ । ସେତେବେଳେ ମୋର ଧାରଣା ଥିଲା ଯେ ସଂପାଦକ ମୋତେ ଜାଣି ପାରି ନାହାନ୍ତି । କିନ୍ତୁ ନିଜ ଦୁଷ୍ଟାମୀ ପାଇଁ ସ୍କୁଲ ଛାଡ଼ି ଅନ୍ୟ ସ୍କୁଲକୁ ଯାଇ ସାରିବା ପରେ ଦିନେ ଦେଖିଲି ମୋର ପୁରୁଣା ସ୍କୁଲର ହେଡମାଷ୍ଟର ନୂଆ ସ୍କୁଲର ହେଡମାଷ୍ଟରଙ୍କ ସହିତ ଠିଆ ହୋଇଛନ୍ତି । ପୁରୁଣା ସ୍କୁଲର ହେଡମାଷ୍ଟର ମୋତେ ଦେଖି ପାଖକୁ ଡାକିଲେ । ମୁଁ ତାଙ୍କୁ ନମସ୍କାର କରି ପାଖରେ ଠିଆ ହେବା ବେଳେ ସେ ନୂଆ ସ୍କୁଲର ହେଡମାଷ୍ଟରଙ୍କୁ ଚିହ୍ନାଇ ଦେଲେ ଯେ, - "ମୁଁ ଏ ପିଲାଟିର ଦୁଇଟା ଗପ ଦୁଇଟା ନାଁରେ ବାହାର କରିଥିଲି ।" ତା' ପରେ ରହିଯାଇ କହିଲେ- "ଏ ପିଲାଟି ଦିନେ ଖୁବ୍ ଭଲ ଗପ ଲେଖିବ ।" ସେଇଟା ମୋର ଗପର ପ୍ରଥମ ପୁରସ୍କାର ଥିଲା ଗାଳ୍ପିକ ଭାବେ ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ଆଗରୁ ତ କହିଛି ଯେ ମୁଁ କେମିତି ଗପ ଆରମ୍ଭ କଲି । ସେଇଠୁ ନିଜକୁ ଗାଳ୍ପିକ କରିବାକୁ ଯାଇ ବାପାଙ୍କୁ ଅନୁକରଣ କରିବାକୁ ଲାଗିଲି । ବାପା ନଥିବାବେଳେ ତାଙ୍କ ବେଡରେ ବସି ତାଙ୍କ ଭଳି ସିଗାରେଟ ହାତରେ ଧରି ଲମ୍ବା ଚିରା କାଗଜରେ କଲମ କାଳି ଦୁଆତରେ ବୁଡ଼ାଇ ମୁଁ କିଛିଦିନ ଗାଳ୍ପିକର ଗାମ୍ଭୀର୍ଯ୍ୟତା ଅନୁକରଣ କରିଛି । ବାପା ଗପ ଲେଖୁଥିଲେ, ମାଆ ସୁନ୍ଦର ଗୀତ ଲେଖୁଥିଲେ । ସେଥିପାଇଁ ମା'ଙ୍କୁ ବି କିଛିଟା ଅନୁକରଣ କରିଛି । ମା'ଙ୍କ ପରି କବିତା ଲେଖିଛି । ପ୍ରକୃତରେ ବାପା ମା'ଙ୍କୁ ଅନୁକରଣ କରୁ କରୁ ମୁଁ ଉଭୟଙ୍କ ପରି ବ୍ୟବହାର କରେ ଆଉ ଯେତେବେଳେ ସେମାନଙ୍କ ଭିତରୁ ଯିଏ ମୋ ମୁଣ୍ଡ ଉପରେ ସବାର ହୁଏ ମୁଁ ସେମିତି ହୋଇଯାଏ । ତେଣୁ ମୁଁ ନିଜ ଭିତରେ ମୋର ଦୁଇ ଗୁରୁଙ୍କୁ ହିଁ ଜୀବିତ ରଖି ଉଭୟ ପୁରୁଷ ଓ ନାରୀ ଭଳି ଲେଖେ । କହିବା ବାହୁଲ୍ୟ ଯେ ସେ ଦୁଇଜଣ ହିଁ ମୋର ବନ୍ଧୁ, ଗୁରୁ, ପ୍ରେମ, ସାଙ୍ଗ ଓ ଅନେକ କିଛି ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ବର୍ତ୍ତମାନ ପରିପ୍ରେକ୍ଷୀରେ ଅସମ୍ଭବ । ତାର କାରଣ ସ୍ପଷ୍ଟ । ପ୍ରତ୍ୟେକ ମଣିଷର ବିକ୍ରୀ ପାଇଁ ଦର ଅଛି । ମଣିଷଟିଏ ତା' ନିଜ ଦର ପାଇଲେ ବିକ୍ରୀ ହୋଇଯାଏ । ଅନ୍ୟ ପ୍ରକାରରେ କହିଲେ ସାହିତ୍ୟ ସମାଜର ପ୍ରତିବିମ୍ବ । ପ୍ରତିବିମ୍ବ କେବେ ତାର ପ୍ରତିଛବି ବଦଳାଇ ପାରେନା ବରଂ ଛବି ବଦଳିଲେ ପ୍ରତିବିମ୍ବ ବଦଳିଯାଏ । ତେଣୁ ସାହିତ୍ୟ ହୁଏତ କିଛିଟା ରେଖା ତାର ପାଠକ ମନରେ ସୃଷ୍ଟି କରିପାରେ କିନ୍ତୁ ପାଠକକୁ ବଦଳାଇ ପାରେନା । ସେଥିପାଇଁ ଲେଖକକୁ ଗଭୀର ଭାବେ ପରିସ୍ଥିତିକୁ ପଢ଼ିବା ଦର୍କାର । ଲେଖକ ତାର ସମାଜକୁ ଯେତେ ନିକଟରେ ଯାଇ ତାକୁ ଅନୁଶୀଳନ କରିପାରିବ, ତାର ସାହିତ୍ୟ ସେତେ ଉଚ୍ଚକୋଟୀର ହୋଇପାରିବ । ଲେଖକଟିଏ କେବଳ ନିଜ ପରିଧିକୁ ଦେଖି ପଢ଼ି ଲେଖି ପାରିଲେ ତଥ୍ୟ ଆଉ ସତ୍ୟର ନିକଟବର୍ତ୍ତୀ ହୋଇପାରିବ ।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?

■■ ସମୟ ଅନୁସାରେ ପାଠକମାନେ ବଦଳି ଯାଇଛନ୍ତି, କିଛି ବର୍ଷ ପୂର୍ବେ ଲେଖାଟିଏ ହିଁ ଆନନ୍ଦ ଆଉ ଆନ୍ଦୋଳନର ମାଧ୍ୟମ ଥିଲା । ମଣିଷ ପାଖେ ଭାବି ଚିନ୍ତି ଚାଲିବାକୁ ସମୟ ଥିଲା । ଏବେ ସବୁ ଅଛି କିନ୍ତୁ ସମୟ ନାହିଁ; ମଣିଷ ମାନେ ନିଜ ନିଜ ବୃତ୍ତି ନେଇ ଥାକଥାକ ଭାବେ ପୃଥକ୍ । ସେମିତି କିଛି ମଣିଷ ସାହିତ୍ୟକୁ ନିଜର କରିଛନ୍ତି । ସେମାନେ ନିଜକୁ ପରିଚିତ କରାଇବାକୁ ଯାଇ ସୃଷ୍ଟି କରିଛନ୍ତି । ସୃଷ୍ଟି ପାଇଁ ଯେତିକି ପଢ଼ିବା କଥା ପଢ଼ିବାକୁ ସମୟ ନାହିଁ । ଯେଉଁ ଗୋଟିଏ ଦୁଇଟି ପଢୁଛନ୍ତି ତାକୁ ଶ୍ରେଷ୍ଠ ସାହିତ୍ୟ ବୋଲି ଧରିନେଉଛନ୍ତି, ତେଣୁ ଗଳ୍ପଟିଏ ଲେଖିବା ବେଳେ ଗପ କାହାକୁ କହନ୍ତି ଭାବିବା ଅପେକ୍ଷା କେବଳ ଲେଖି ଯାଉଛନ୍ତି । ମୋଟାମୋଟି ଭାବେ ଯିଏ ଲେଖକ ସେ ହିଁ ପାଠକ ହେଇ ବାହାରୁଛନ୍ତି । ସେମିତି ଦେଖିବାକୁ ଗଲେ ବଜାରରେ ଫାଷ୍ଟ ଫୁଡ ଭଳି ଲେଖାର ସଂଖ୍ୟା ବଢ଼ି ଯାଉଛି । କିନ୍ତୁ ଭଲ ଖାଦ୍ୟ ଯାଏଁ ପହଞ୍ଚିବାର ଧୈର୍ଯ୍ୟ ଲେଖକ/ ପାଠକର ଆଉ ନାହିଁ । ସଂଧ୍ୟାରେ ପଢ଼ିବା ଅପେକ୍ଷା ଟେଲିଭିଜନ ବା ମୋବାଇଲ ଭିତର ଦେଇ ଯେତିକି ତଥ୍ୟ ଆସୁଛି ସେତିକିରେ ସେମାନେ ସନ୍ତୁଷ୍ଟ । ଏପରିକି ସାହିତ୍ୟ ପଢ଼ାଉଥିବା ଅଧାପକ ବା ଶିକ୍ଷକ ଶିକ୍ଷିକା କେହି ବହିଟିଏ କିଣି ପଢ଼ିବାର ଇଚ୍ଛା ଦେଖା ଯାଉନି, ଯାହା ଫଳରେ ସାହିତ୍ୟର ପାଠ୍ୟକ୍ରମରେ ମଧ୍ୟ ଶହେ ବର୍ଷ ତଳର ହେଉ ଘୋଷା ବହିସବୁ ସେମିତି ପାଠ୍ୟ ଖସଡ଼ା ହେଇ ପ୍ରଚଳିତ । ସାହିତ୍ୟ ଶିକ୍ଷା ସହିତ ଜଡ଼ିତ ଥିବାରୁ ଶିକ୍ଷାର ମାନ ସମୟ ଅନୁଯାୟୀ ବଦଳିପାରୁ ନାହିଁ ବୋଲି ସାହିତ୍ୟ ଓ ସାହିତ୍ୟିକ ମାନେ ନିଜର ଗୁଣ ପରିବର୍ତ୍ତନ କରିପାରୁ ନାହାନ୍ତି । ଯିଏ ନିଜକୁ ଲେଖକ ଭାବୁଛି, ସେ ଲେଖୁଛି । କିନ୍ତୁ ପାଠକର ମାନସିକ ସ୍ତରର ଉଚ୍ଚତାକୁ ଯାଇ ସନ୍ତୁଷ୍ଟ କରିବା ଭଳି ଲେଖିବାକୁ ଚେଷ୍ଟା କରୁ ନାହାନ୍ତି ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ଆପଣଙ୍କର ଏହି ପ୍ରଶ୍ନ ସହିତ ମୁଁ ଏକମତ ନୁହେଁ । କୌଣସି ମାତୃଭାଷା, ଯେ ପର୍ଯ୍ୟନ୍ତ ତାର ଶେଷ ବ୍ୟବହାର କରୁଥିବା ଲୋକ ବଞ୍ଚି ରହିଥିବ ସେ ପର୍ଯ୍ୟନ୍ତ ସେ ବଂଚି ରହିବ । ଭାଷାର ଦୁଇ ପ୍ରକାର ମୁଖ୍ୟ ବ୍ୟବହାରରୁ ମୌଖିକ ଭାଷା ବଂଚି ରହିବ କିନ୍ତୁ ଏହାର ଲିଖିତ ଭାଷା ଓ ଲିପି ହୁଏତ ବ୍ୟବହାର ହେଇ ନପାରେ । ସେମିତି ଦେଖିବାକୁ ଗଲେ କେବଳ ଓଡ଼ିଆ ଭାଷା ନୁହେଁ ପୃଥିବୀର ବ୍ୟବହୃତ ଅନେକ ଭାଷା ବର୍ତ୍ତମାନ ସଂକଟରେ ରହିଛି । ତା'ର କାରଣ କମ୍ପ୍ୟୁଟରୀକରଣ ହେତୁ ଆମେରିକୀୟ ଇଂରାଜୀ ବ୍ରିଟିଶ ଇଂରାଜୀକୁ ମଧ୍ୟ ଅଡୁଆରେ ପକାଇ ସାରିଛି । କିନ୍ତୁ ଓଡ଼ିଆ ଭାଷା କଥା କହିବାକୁ ଗଲେ ଏ ଭାଷା ଏତେ ଉନ୍ନତ ଯେ ତାହା କଦାପି ମରି ଯାଇ ନପାରେ । କିନ୍ତୁ ଏହାର ବ୍ୟବହାର ନିଶ୍ଚିତ ଭାବରେ କମି ଯାଇଛି, ତାର କାରଣ ଆମେ ଇଂରାଜୀ ଭାଷା ନିକଟରେ ପରାଧୀନ ବୋଲି ସ୍ୱୀକାର କରିସାରିଛୁ । ସାରା ଭାରତରେ ଇଂରାଜୀରେ କହିଲେ ଅଧିକ ସମ୍ମାନ ମିଳେ ବୋଲି ଆମର ଅନ୍ଧବିଶ୍ୱାସ । ଯେଉଁ କାରଣରୁ ଇଂରାଜୀ ଶିକ୍ଷା ତା' ପଛକୁ ହିନ୍ଦୀ ଶିକ୍ଷା ଆମ ପିଲାମାନଙ୍କୁ ଦେଇ ଆମେ ଓଡ଼ିଆ ଭାଷାର ବ୍ୟବହାରକୁ କମେଇ ଦେଇଛୁ । ସେଥିପାଇଁ ଯେ ପର୍ଯ୍ୟନ୍ତ ଆମେ ଓଡ଼ିଆ ମାନଙ୍କର ମାନସିକ ସ୍ଥିତିରେ ପରିବର୍ତ୍ତନ ନ ଆସିଛି ଆମ ମାତୃଭାଷା ଏମିତି ଅଭାବ ଅନାଟନ ଦେଇ ଗତି କରୁଥିବ । କିନ୍ତୁ ମୋବାଇଲ ଓ କମ୍ପ୍ୟୁଟରରେ ଓଡ଼ିଆ ଭାଷାର ବ୍ୟବହାର ଫଳରେ କିଛିଟା ଓଡ଼ିଆ ମାନଙ୍କୁ ଆସ୍ୱସ୍ତି ମିଳିଛି । ହଁ, ଏଥିରୁ ମୁକ୍ତି ପାଇବାକୁ ହେଲେ ଆମକୁ ମାଗଣାରେ ବ୍ୟବହାର ହେଇପାରୁଥିବା ସଫ୍ଟୱେର ତିଆରି କରି ତାକୁ ବ୍ୟବହାରିକ ଭାଷା ବୋଲି ବ୍ୟବହାର କରି ପାରିଲେ ହିଁ ଆମେ ଓଡ଼ିଆ ଭାଷା ବଂଚାଇ ପାରିବା । ଏ ପର୍ଯ୍ୟନ୍ତ ଆମେ ମୋବାଇଲ ଓ କମ୍ପ୍ୟୁଟର ଆଦି ଯନ୍ତ୍ର ମାନଙ୍କର ଓଡ଼ିଆ ଅକ୍ଷର ଚିପି ଲେଖି ପାରୁନାହୁଁ । ଆମକୁ ଫୋନେଟକସ ଜରିଆରେ ଲେଖିବାକୁ ହେଉଛି । ସେଥିରେ ପ୍ରେଡିକସନ୍ ଭିତରେ ଆମେ ଅନେକ ଓଡ଼ିଆ ଶବ୍ଦ ପାଉନାହୁଁ । ମୋଟାମୋଟି ଆମକୁ ସହଜ ଓ ବିନା ମୂଲ୍ୟରେ ଓଡ଼ିଆରେ ଟାଇପ୍ କରି ପାରୁଥିବା ଭଳି ସଫ୍ଟୱେର ବାହାର କରି ତାକୁ ସରକାରୀ ଓ ବ୍ୟବହାରୀକ ଭାଷା ନ କରିବା ଯାଏ ଏ ସଙ୍କଟ ରହିବ । ସାହିତ୍ୟ ଏ ଦିଗରେ ଅନେକାଂଶ ସାହାଯ୍ୟ କରିପାରେ ।

■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?

■■ ସାହିତ୍ୟ ଏକ ଅନୁଭବର କଳା । ଲେଖକଟିଏ ବ୍ୟବସ୍ଥା ବା ଅବ୍ୟବସ୍ଥାକୁ ଅନୁଭବ କରି ସାରିବା ପରେ ଯାହା ତାକୁ ବ୍ୟଥା ଦିଏ ସେ ଲେଖେ । ସେତେବେଳେ ସେ କିଛିଟା ଲୋକଙ୍କ ମନରେ ଆନ୍ଦୋଳନ ଆଣିବ ବୋଲି ଭାବେ । ତେବେ ସାହିତ୍ୟ ପାଠକର ମାନସିକତାରେ ବୌଦ୍ଧିକ ବିକାଶ ଆଣିବାରେ ବହୁତ ସାହାଯ୍ୟ କରେ । ଲେଖକଟିଏ ଯଦି ପାଠକର ରୁଚି ପରିବର୍ତ୍ତନ କରିପାରେ, ତେବେ ସମାଜରେ କିଛିଟା ପରିବର୍ତ୍ତନ ନିଶ୍ଚୟ ଆଣିହେବ ।

■ ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ସାହିତ୍ୟ ଲେଖାପଢ଼ାର କଳା ଏବଂ ଶିଳ୍ପ । ଏହା ସ୍ଥିତିଶୀଳ ନୁହେଁ ବରଂ ମନ୍ଥର ହେଇପାରେ । ପୂର୍ବରୁ ଏହାର ପ୍ରକାଶ ମାଧ୍ୟମ କାଗଜ, କଲମ ଓ ଛପା ଇତ୍ୟାଦି ଥିଲା । ବର୍ତ୍ତମାନ ଡିଜିଟାଲ ମାଧ୍ୟମରେ ସାହିତ୍ୟ ତା'ଠାରୁ ଶୀଘ୍ର ଗତିକରି ପହଞ୍ଚି ପାରୁଛି । ସେଥିପାଇଁ ଭଲ ଲେଖକ ନିଜକୁ ଡିଜିଟାଲ ମାଧ୍ୟମରେ ପ୍ରକାଶ କରିବା ବାଞ୍ଛନୀୟ । ବର୍ତ୍ତମାନ ଓଡ଼ିଆ ସାହିତ୍ୟ ଛପା ଓ ଡିଜିଟାଲ, ଏ ଦୁଇଟି ମାଧ୍ୟମର ମଝିରେ ଅଛି ବୋଲି ଗତି ମନ୍ଥର ହେଇଛି । ସମୟ ବଦଳିଲେ ସାହିତ୍ୟର ଗତିରେ ତୀବ୍ରତା ଆସିବ, ସେଥିରେ ସନ୍ଦେହ ନାହିଁ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ବ୍ୟକ୍ତିଗତ ଭାବରେ ମୁଁ ପୁରସ୍କାରର ସପକ୍ଷରେ ନୁହଁ । କାରଣ ସମ୍ମାନ ଲେଖକକୁ ସ୍ଥାଣୁ କରିଦେଇ ପାରେ । ତା'ଛଡ଼ା ପୁରସ୍କାର ଭଳି ଲୋଭନୀୟ ବସ୍ତୁ ଲୋକଙ୍କଠୁ ଲୋଭ ଦେଖାଇ ତା'ଠାରୁ ତାର ଗୁଣାତ୍ମକ ସୃଷ୍ଟି ହ୍ରାସ କରିଦିଏ । ତା'ଛଡ଼ା ପୁରସ୍କାର ଅନେକ ସମୟରେ ପ୍ରିୟା ପ୍ରୀତି ଓ ତୋଷଣ ବାଟ ନେଇ ଆସେ ଯାହାଦ୍ୱାରା ଗୁଣାତ୍ମକ ଲେଖା ବା ଲେଖକ ସମୟର ଜନଗହଳିରେ ଲୁଚିଯାଏ । ବାଜେ ସାହିତ୍ୟ ଓ ସାହିତ୍ୟିକଙ୍କ ଧାଡ଼ି ଆଗକୁ ଆସି ଭଲ ଲେଖକକୁ ସଂପୂର୍ଣ୍ଣ ଲୁଚାଇ ନଷ୍ଟ କରିଦିଏ । ଯାହା ଏବେ ଓଡ଼ିଆ ସାହିତ୍ୟକୁ ବିକଳାଙ୍ଗ କରିବାକୁ ବସିଛି । ତେଣୁ ପୁରସ୍କାର ପ୍ରଥା ସଂପୂର୍ଣ୍ଣ ନିଷିଦ୍ଧ ହେଲେ ହିଁ ଭଲ ଲେଖା ଆଗକୁ ଆସିବ ବୋଲି ମୋର ବିଶ୍ୱାସ । କିନ୍ତୁ ବିନା ପୁରସ୍କାରରେ ଲେଖକକୁ ପରିଚୟ ମିଳିପାରେ ନାହିଁ । ସେ କ୍ଷେତ୍ରରେ ପୁରସ୍କାର ନିହାତି ଜରୁରୀ, କିନ୍ତୁ ଏହାର ଚୟନ ପ୍ରକ୍ରିୟା ଶୁଦ୍ଧ ହେବା ଆବଶ୍ୟକ । ମୋର ଯାହା ବି ବାର୍ତ୍ତା ଅଛି, ଥାଏ ବା ନେବାକୁ ଅଛି ତାହା ମୁଁ ଗଳ୍ପ ମାଧ୍ୟମରେ ପ୍ରକାଶ କରେ । ସେ ବିଷୟରେ ଅଧିକ କିଛି ମୋର ବକ୍ତବ୍ୟ ନାହିଁ ।♥♥

### ■ ଅଳ୍ପରେ ଅଭାସ ବରାଳ



ନାମ: ଆଭାସ କୁମାର ବରାଳ
ପିତା : ଅବନୀ କୁମାର ବରାଳ
ମାତା : ଆଦରମଣି ବରାଳ
ଜନ୍ମ ( ଜାତକ) : ୩୦.୦୯.୧୯୬୦
ଜନ୍ମ (ଚାକିରି) : ୩୦.୧୦.୧୯୬୧
ଜନ୍ମ ସ୍ଥାନ: କଟକ (ଡଗରପଡା)
ପତ୍ନୀ : ଡଃ ଅହଲ୍ୟା ସ୍ୱାଇଁ
ସନ୍ତାନ : ଏକମାତ୍ର କନ୍ୟା ଅଶ୍ଳେଷା ବରାଳ
(ମୋ) ୯୯୩୭୧୬୦୮୬୬

### ■ ପ୍ରକାଶିତ ପୁସ୍ତକ (ଗଳ୍ପ)

୧- ନାନୁ-(୧୯୯୮)
୨- ମୁଁ ୧/୧୮ (୨୦୦୭)
୩- ସେମାନେ (୨୦୧୩)
୪- ଜୀବଣୁ ଓ ଅନ୍ୟାନ୍ୟ ଗଳ୍ପ (୨୦୧୬)

### ■ ଉପନ୍ୟାସ

୧- ମହାପୁରୁଷ (୨୦୧୧)
୨- ଇଣ୍ଟରଭ୍ୟୁ (୨୦୨୨)
୩- ପାହାଚ-୧ (୧୯୯୮)
୪- ପାହାଚ ୨ ଓ ୩ (ଯନ୍ତ୍ରସ୍ଥ))



ପ୍ରାଣପ୍ରିୟା ପତ୍ନୀଙ୍କ ସହ କଥାକାର ଡ. ବରାଳ....



ସୁଖୀ ପରିବାର : ନିଜ ପରିବାର ସହ ଲେଖକ ଆଭାସ କୁମାର ବରାଳ ......



ପତ୍ନୀ ଓ କନ୍ୟାଙ୍କ ସହ ଲେଖକ, ଏକ ସ୍ମରଣୀୟ ମୁହୂର୍ତ୍ତରେ....

ପ୍ରଥମ ବିଦେଶ ଯାତ୍ରା

ନନ୍ଦିତା ମହାନ୍ତି

# ମୋ ଝର୍କାରୁ ଆମେରିକା...

ଭାଗ-୧୬



**ସେଠାକାର ଅଧିକାଂଶ ଲୋକ ସୁବିଧାଜନକ ଭାବରେ ଉପଲବ୍ଧ, ବିଶେଷ ଭାବରେ ଫାଷ୍ଟ ଫୁଡ, ସାଲାଡ ଓ ସ୍ନାକ୍ସ ଉପରେ ନିର୍ଭରଶୀଳ । ଆମ ପରି ଘରେ ତିନି ଓଳି ରୋଷେଇ କରିବାର ପ୍ରଥା ସେଠାରେ ନାହିଁ । ଆଉ ଏହାର ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ସେଠାରେ ସମସ୍ତେ କାମ କରନ୍ତି । ତେଣୁକରି ଘରେ ରୋଷେଇ କରିବାର ସମୟ କାହା ପାଖରେ ନ ଥାଏ ।**

ରାତିରେ ଖିଆପିଆ ସରିଲା ପରେ ମୁଁ ସିଙ୍କରେ ପଡିଥିବା ବାସନକୁସନ ମାଜିବାକୁ ବାହାରିଲେ ଝିଅ ମୋ ହାତରୁ ବାସନ ଛଡେଇ ନେଇ ଡିସ-ୱାସର ବା ବାସନାମଜା ମେସିନ ଭିତରେ ପୁରେଇ ଦିଏ । କହେ, ମେସିନ ଥାଉ ଥାଉ ହାତରେ କାହିଁକି ମାଜିବ । କିନ୍ତୁ ମେସିନରେ ପୂରେଇବା ଆଗରୁ ବାସନସବୁକୁ ଟିକେ ପିଛୁଳେଇ ଦେବାକୁ ପଡେ । ଆଉ ତାର କାରଣ ଶୁଣି ମୁଁ ପ୍ରଥମେ ଟିକେ ଆଶ୍ଚର୍ଯ୍ୟ ହୋଇଥିଲି ।

ତାର କାରଣ ହେଲା ଏହି ଡିସ-ୱାସର ମେସିନ ଆମେରିକାନ ଓ ୟୁରୋପିଆନ ଲୋକଙ୍କ ଜୀବନଶୈଳୀକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି । ଯେଉଁମାନେ ତରକାରୀପତ୍ରରେ ମସଲା ନାମରେ କେବଳ ଭିନ୍ନ ଭିନ୍ନ ସସ୍, ଲୁଣ ଓ ଗୋଲମରିଚ ଗୁଣ୍ଡ ଖାଇଥାନ୍ତି । ସେମାନେ ତେଲମସଲା ଖୁବ କମ ଖାଆନ୍ତି । ତାଙ୍କର ତରକାରୀରେ ଆମ ପରି ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ପଡେନାହିଁ, ମସଲା କଷା ହୁଏନାହିଁ କି ଛୁଙ୍କ ଦିଆ ଯାଏନାହିଁ । ଆଉ ଥାଳିରେ ପରଶା ଯାଇଥିବା ଖାଦ୍ୟ ଆମର ଖାଦ୍ୟ ପରି ରଙ୍ଗୀନ ନ ହୋଇ ଭାରି ସାଧାସିଧା ବା ବ୍ଲାଣ୍ଡ ଦିଶନ୍ତି ।

ଆମେରିକା ବା ୟୁନାଇଟେଡ ଷ୍ଟେଟସ ଓଫ ଆମେରିକାର ସୃଷ୍ଟି ପଛରେ ରହିଛି ଲମ୍ବା ଇତିହାସ । ଯେତେବେଳେ ପୃଥିବୀର ଏକ ଚତୁର୍ଥାଂଶରୁ ଅଧିକ ଅଂଚଳ ବ୍ରିଟିଶ ଶାସନାଧୀନ ଥିଲା ସେତେବେଳେ ଉତ୍ତର ଆମେରିକାର, ବ୍ରିଟିଶ ଶାସନାଧୀନ ତେରଟି ରାଜ୍ୟ ବିଦ୍ରୋହ ଆରମ୍ଭ କରିଥିଲେ ଓ ନିଜକୁ ସ୍ୱାଧୀନ ଘୋଷଣା କରି ଦେଇଥିଲେ । ୧୭୭୬ ମସିହାରେ ସେମାନେ ନିଜର ଶାସନଭାର ନିଜ ହାତକୁ ନେଇଥିଲେ ଓ ଆତ୍ମପ୍ରକାଶ କରିଥିଲା ଯୁକ୍ତରାଷ୍ଟ୍ର ଆମେରିକା ପରି ଏକ ଶକ୍ତିଶାଳୀ, ଉଦାରବାଦୀ, ଗଣତାନ୍ତ୍ରିକ ରାଷ୍ଟ୍ର । ପରେ ପରେ ଆଖପାଖର ଅନ୍ୟ ଅଞ୍ଚଳ, ଯେଉଁଗୁଡିକ ସ୍ପେନ, ଫ୍ରାନସ ଓ ଅନ୍ୟ ୟୁରୋପୀୟ ଦେଶ ଅଧୀନରେ ଥିଲେ ସେମାନେ ମଧ୍ୟ ମିଶି ଯାଇଥିଲେ ଆମେରିକା ସହିତ । ଆଉ ସେଇସବୁ ରାଜ୍ୟକୁ ମିଶାଇ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାରେ ଅଛି ୫୦ ଟି ରାଜ୍ୟ । ଯେହେତୁ ଭିନ୍ନ ଭିନ୍ନ ରାଜ୍ୟ ବିଭିନ୍ନ ଦେଶର ଶାସନାଧୀନ ଥିଲେ ସେଥିପାଇଁ ଆମେରିକାରେ ଦେଖାଯାଏ ଭିନ୍ନ ଭିନ୍ନ ଭାଷା, ସଂସ୍କୃତି ଓ ଐତିହ୍ୟ । ସେଇ ଅନୁସାରେ ଲୋକମାନେ ବିଭିନ୍ନ ପ୍ରକାର ଖାଦ୍ୟ ମଧ୍ୟ ଖାଇଥାନ୍ତି । କିନ୍ତୁ ସେଠାକାର ଅଧିକାଂଶ ଲୋକ ସୁବିଧାଜନକ ଭାବରେ ଉପଲବ୍ଧ, ବିଶେଷ ଭାବରେ ଫାଷ୍ଟ ଫୁଡ, ସାଲାଡ ଓ ସ୍ନାକ୍ସ ଉପରେ ନିର୍ଭରଶୀଳ । ଆମ ପରି ଘରେ ତିନି ଓଳି ରୋଷେଇ କରିବାର ପ୍ରଥା ସେଠାରେ ନାହିଁ । ଆଉ ଏହାର ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ସେଠାରେ ସମସ୍ତେ କାମ କରନ୍ତି । ତେଣୁକରି ଘରେ ରୋଷେଇ କରିବାର ସମୟ କାହା ପାଖରେ ନ ଥାଏ । ତଥ୍ୟ ଅନୁସାରେ ସାରା ପୃଥିବୀରେ ଭାରତୀୟମାନେ ହିଁ ସବୁଠାରୁ ଅଧିକ ସମୟ, ସପ୍ତାହରେ ପାଖାପାଖି ୧୪ ଘଂଟା ରୋଷେଇ କରିବାରେ ବିତାନ୍ତି ଆଉ ଆମେରିକା ଏହି ତାଲିକାର ଚତୁର୍ଦ୍ଦଶ ସ୍ଥାନରେ ଅଛି ଯେଉଁଠି ଲୋକମାନେ ମାତ୍ର ୬ ଘଂଟା ସମୟ ବିତାଇଥାନ୍ତି ରୋଷେଇ କରିବାରେ ।

ଆମେରିକାନ ଷ୍ଟୋର ୱାଲମାର୍ଟ, ଜିଆଣ୍ଟ ଆଦିରେ ଷ୍ଟୋରରେ ସାଲାଡ ପାଇଁ ଦରକାର ହେଉଥିବା କାକୁଡି, ଛୋଟ ଗାଜର, ଚେରି ଟମାଟର, ସିଲେରି, ପାର୍ସଲେ, ବିଟ ଆଦି କଟା ହୋଇ ପ୍ୟାକେଟରେ ମିଳୁଛି । ଯାହାକୁ ନେଇ ପ୍ଲେଟରେ ଢାଳ, ଉପରେ ଡ୍ରେସିଂ ପକାଅ ଓ ଖାଅ । ଉପରେ ପଡୁଥିବା ଡ୍ରେସିଂ, ଯାହା ସାଲଡକୁ ସ୍ୱାଦିଷ୍ଟ କରିବା ପାଇଁ ବ୍ୟବହାର କରାଯାଏ, ଭିନ୍ନ ଭିନ୍ନ ଫ୍ଲେଭରର ହୋଇଥାଏ ଯେମିତି କି ରାଞ୍ଚ ଡ୍ରେସିଂ, ସିଜର ଡ୍ରେସିଂ, ବଟରମିଲ୍କ ଡ୍ରେସିଂ ଇତ୍ୟାଦି । ତାଛଡା ଲୋକଙ୍କର ଚାହିଦାକୁ ପୂରଣ କରିବା ପାଇଁ ଏଠାରେ ଅଛି ଅନେକ ଫାଷ୍ଟ ଫୁଡ ଚେନର ଷ୍ଟୋର ଯେମିତି କି ମ୍ୟାକ ଡୋନାଲ୍ଡ, ଚେକ-ଫିଲ-ଏ, କେଏଫସି, ଟାକୋ ବେଲ, ୱେଣ୍ଡିଜ, ଚିପୋଟଲେ ଇତ୍ୟାଦି । ପୃଥିବୀର ପ୍ରାୟ ଅଧିକାଂଶ ଦେଶର ଖାଦ୍ୟ ଆମେରିକାରେ ମିଳେ । କାରଣ ସେଠାରେ ପ୍ରାୟ ପ୍ରତି ଦେଶର ଲୋକ ବାସ କରନ୍ତି ।



ଭାରତୀୟ ଖାଦ୍ୟ ପଦାର୍ଥ ଓ ବ୍ୟବହାର୍ଯ୍ୟ ଜିନିଷ ପାଇଁ ସେଠାରେ ଅଛି ଇଣ୍ଡିଆନ ଷ୍ଟୋର, ଯେଉଁଠି ଊଣାଅଧିକେ ଅଧିକାଂଶ ଭାରତୀୟ ଜିନିଷ ମିଳେ । ଏପରିକି ଆମ୍ବଡାଳ, ଭୃଶୁଙ୍ଗପତ୍ର ବି ମିଳେ ସେଠାରେ । ନ୍ୟୁଜର୍ଶୀରେ ଏହି ପରି ଅନେକ ଷ୍ଟୋର ମଧ୍ୟରେ ଇଣ୍ଡିଆନ ବଜାର, ଇଣ୍ଡିଆନ ଗ୍ରୋସରି, ପଟେଲ ବ୍ରଦର୍ସ ଇତ୍ୟାଦି ପ୍ରମୁଖ । ପଟେଲ ବ୍ରଦର୍ସ ହେଉଛି ପୃଥିବୀର ସବୁଠାରୁ ବଡ ସୁପରମାର୍କେଟ ଚେନ ଯେଉଁଠି ସମସ୍ତ ଭାରତୀୟ ଚିଜ ମିଳେ । ଏହି ଷ୍ଟୋର ଆମେରିକାର ୨୦ ଟି ରାଜ୍ୟରେ ୫୨ ଟି ସ୍ଥାନରେ ରହିଛି ।

ପ୍ରତ୍ୟେକ ଶନିବାର ସନ୍ଧ୍ୟାରେ ଝିଅ-ଜୋଇଁ ନିକଟରେ ଥିବା ଇଣ୍ଡିଆନ ଷ୍ଟୋର 'ନର୍ମଦା ଇଣ୍ଡିଆନ ଗ୍ରୋସରି'ରୁ ଯାଇ ପରିବାପତ୍ର ଓ ଗ୍ରୋସରି ଆଦି କିଣି ଆଣନ୍ତି । ପାଖରେ ଥିବା ଫାର୍ମରସ ମାର୍କେଟରୁ ଆଣନ୍ତି ମାଛମାଂସ । ଫାର୍ମରସ ମାର୍କେଟରେ ତାଜା ପରିବା ମଧ୍ୟ ମିଳେ । ଏହି ଭାରତୀୟ ଷ୍ଟୋର ଉପରେ କେବଳ ଭାରତୀୟ ନୁହନ୍ତି ବାଂଲାଦେଶୀ, ପାକିସ୍ଥାନୀ, ନେପାଳର ଲୋକମାନେ ମଧ୍ୟ ନିର୍ଭର କରନ୍ତି । ଅଳ୍ପ ସଂଖ୍ୟକ ଆମେରିକାନ ଓ କଳା ଲୋକ ମଧ୍ୟ ଯାଆନ୍ତି ଏହି ଷ୍ଟୋରକୁ । ଆମେରିକାରେ ନିଗ୍ରୋ କିମ୍ବା କଳାଲୋକ କହିବା ଏକ ଧର୍ତ୍ତବ୍ୟ ଅପରାଧ । ଏଥିପାଇଁ ଜେଲ ଓ ଜୋରିମାନାର ବ୍ୟବସ୍ଥା ରହିଛି । ସେଠାରେ କାହାର ରଙ୍ଗରୂପକୁ ନେଇ ସମ୍ବୋଧନ କରିବାକୁ ଅପରାଧ ମନେ କରାଯାଏ । ମୁଁ ସେଠାରେ ପହଂଚିବା ପରେ ଝିଅ ମୋତେ ସେ ବିଷୟରେ ସତର୍କ କରି ଦେଇଥିଲା । ଆଉ ଆମେ ନିଜ ନିଜ ଭିତରେ କଥା କହିବା ବେଳେ ବ୍ଲାକ ଶବ୍ଦ ବଦଳରେ 'ଶ୍ୟାମ'ର ପ୍ରୟୋଗ କରୁଥିଲୁ ।




ଝିଅର ଘର ପାଖରେ ଥିଲା ଏକ ଛୋଟ ସୁପରମାର୍କେଟ 'ସୁପର ଫୁଡଟାଉନ' ଯେଉଁଠିକି ଚାଲିକି ଯିବା ପାଇଁ ପାଂଚ ମିନିଟ ସମୟ ଲାଗୁଥିଲା । କିଛି ଜରୁରୀ ଜିନିଷ ଦରକାର ପଡିଲେ ଆମେ ସେଇଠିକି ଯାଇ ଜିନିଷ କିଣି ଆଣୁଥିଲୁ । ମୋତେ ସେଠାକୁ ନେଇ ଦୁଇ/ ଚାରିଥର ବୁଲେଇ ଆଣିଥିଲା ଝିଅ ।

ସେଦିନ ଝିଅ ନ୍ୟୁୟର୍କ ଯାଇଥିଲା ଆଉ ଜୋଇଁ ଯାଇଥିଲେ ଟୁରରେ । ମୁଁ କଣ ଟିକେ ଖାଇନେଇ, ସୋଫାରେ ଶୋଇ ଶୋଇ ଟିଭିରେ ଦେଖୁଥିଲି ଚର୍ଚ୍ଚିତ ସିରିଜ 'ଗେମ ଅଫ ଥ୍ରୋନ'ର କୌଣସି ଏକ ଏପିସୋଡ । ଭାରି ଚାହା ପିଇବାକୁ ଇଛା ହେଲା । ଆମ ଭାରତୀୟଙ୍କ ପାଇଁ ତ ଚାହା ପିଇବାର କୌଣସି ସମୟ ନ ଥାଏ ନା । ଶୋଇକି ଉଠିଲେ ଚାହା, ନିଦ ଲାଗିଲେ ଚାହା, ବୋର ହେଲେ ଚାହା, ଟେନସନ ବଢିଲେ ଚାହା ଏମିତି କେତେ କେତେ ବାହାନା ଚାହା ପିଇବା ପାଇଁ । ଏଣୁକରି ମୁଁ ସୋଫାରୁ ଉଠି ଚାହା ତିଆରି କରିବା ପାଇଁ ସସ୍ପେନ ବସେଇଲି ହିଟର ଉପରେ । କ୍ଷୀର ପକେଇ ସାରି ଚିନି ଡବା ଖୋଲି ଦେଖେ ତ ଚିନି ନାହିଁ । ପ୍ରଥମେ ଭାବିଲି ବିନା ଚିନିର ଡାଇବେଟିକ ଚାହା ବନେଇକି ପିଇବି । ପରମୁହୂର୍ତ୍ତରେ ନିଜେ ନାକଚ କରିଦେଲି ଏହି ପ୍ରସ୍ତାବକୁ । କାହିଁକି ପିଇବି ଡାଇବେଟିକ ଚାହା, ମୁଁ ତ ଡାଇବେଟିକ ନୁହେଁ । ହେଲେ ଚିନି .....

ମୁଁ ଦିନବେଳା ଘରେ ଏକୁଟିଆ ରହୁଥିବାରୁ ଝିଅ ମୋତେ ଗୋଟେ ଡେବିଟ କାର୍ଡ ଦେଇଥିଲା ଓ ମୋ ମୋବାଇଲରେ ଗୋଟେ ଆମେରିକାନ ସିମ ପକେଇ ଦେଇଥିଲା । ଦରକାର ବେଳେ କାମରେ ଆସିବ ବୋଲି । ଘରେ ଥିଲା ବେଳେ ସିନା ହ୍ୱାଟସଅପ କଲ କରି ହେଉଥିଲା ହେଲେ ବାହାରେ .... । ଝିଅର ବୋଧହୁଏ ଭୟ ଥିଲା ମମ୍ମି ତ ଆଖପାଖରେ ବୁଲାବୁଲି କରିବା ପାଇଁ ଏକୁଟିଆ ବାହାରି ଯାଉଛି । ଯଦି ହଜିଗଲା ତେବେ କେମିତି ସମ୍ପର୍କ କରିବ ମୋ ସହିତ । ଆଉ ମୁଁ ସତକୁ ସତ ବାହାରିଗଲି ଚିନି ଆଣିବା ପାଇଁ ।

ଘରେ ତାଲା ପକେଇ, ପର୍ସରେ କାର୍ଡ ଓ ହାତରେ ମୋବାଇଲ ଧରି ମୁଁ ପହଂଚିଗଲି ଯାଇ ଘର ନିକଟରେ ଥିବା ସୁପର ମାର୍କେଟରେ। ଚାଲିଲି ଗ୍ରୋସରି ସେକ୍ସନକୁ । ଖୋଜିଲି ଚିନି। ବ୍ରାଉନ ସୁଗାର । କାରଣ ସେମାନେ ଘରେ ବ୍ରାଉନ ସୁଗାର ବ୍ୟବହାର କରୁଥିଲେ । ଗୋଟେ ବିରାଟ ryaaKe ତଳୁ ଉପର ଯାଏଁ ଥିଲା ସୁଗାର ବା ଚିନି । ବିଭିନ୍ନ ଆକାର, ପ୍ରକାର, ରଙ୍ଗ ରୂପ, କେତେ ପ୍ରକାର ନାଁ। ମୁଁ କେଉଁଟିକୁ ନେବି ବୁଝି ପାରିଲିନି । ଡାର୍କ ସୁଗାର, ଲାଇଟ ସୁଗାର, ଟର୍ବିନାଡୋ ସୁଗାର, ଡେମେରାରା ସୁଗାର, ର ସୁଗାର, ବେକିଙ୍ଗ ସୁଗାର ଏମିତି କେତେ ପ୍ରକାର ସୁଗାର । କାହାକୁ ପଚାରିବି । ମୁଁ ଚାରିଆଡେ ଦୃଷ୍ଟି ପହଁରେଇ ଆଣିଲି । ସୁପରମାର୍କେଟ ଭିତରେ କେତେ ଲୋକ ହେଲେ କେହି କାହାକୁ ଚାହୁଁ ନ ଥାନ୍ତି । ଯିଏ ଯାହାର କିଣାକିଣିରେ ବ୍ୟସ୍ତ । ଶେଷରେ ମୁଁ ଗୋଟିଏ ଅପେକ୍ଷାକୃତ ଛୋଟ ଚିନି ପ୍ୟାକେଟ ନେଲି । ଭାବିଲି ଆଳୁ, ପିଆଜ ଟିକେ ନେଇଗଲେ ଭଲ ହେବ । ଝିଅ ଫେରିଲା ବେଳକୁ ତା ପାଇଁ ପୁରି, ଆଳୁଦମ ଟିକେ ବନେଇଦେବି । ଗଳି ବା ଆଲେ ନମ୍ବର ଦେଖି ଚାଲିଲି ମୁଁ ସେଇ ଦିଗରେ । ଧାଡି ଧାଡି ହୋଇ ସଜା ଯାଇଥିଲା ଆଳୁ, ପିଆଜ । ସେଇଠି ପହଂଚି ବି ମୁଁ ଆଶ୍ଚର୍ଯ୍ୟ ହେଲି, ବିଭିନ୍ନ ପ୍ରକାର ଆଳୁ ଗୋଲ ଆଳୁ, ଲମ୍ବା ଆଳୁ, ଧଳା ଆଳୁ, ମାଟିଆ ଆଳୁ, ଲାଲ ଆଳୁ, କଳା ଆଳୁ । ପିଆଜ ବି ଭିନ୍ନ ଭିନ୍ନ ପ୍ରକାରର ଛୋଟ, ବଡ, ଗାଢ ପିଆଜି , ଫିକା ପିଆଜି, ଅଳ୍ପ ହଳଦିଆ, ବିବାକ ଧଳା । ସବୁ ଅଲଗା ଅଲଗା ଜାଗାରେ ସଜା ହୋଇ ରଖାଯାଇଛି । ମୋର ମୁଣ୍ଡ ପୁରା ପାଗଳ ହେଇଗଲା । କେଉଁଟିକୁ ନେବି । ଶେଷରେ ମାଟିଆ ରଙ୍ଗର ଆଳୁ ଆଉ ଗାଢ ପିଆଜି ରଙ୍ଗର ପିଆଜ କିଛି ଆଣିଲି ।

ବିଲ କାଉଣ୍ଟରକୁ ଆସି ବିଲ କରେଇଲି, କାର୍ଡରେ ପେମେଣ୍ଟ କଲି । ବିଲ କାଉଣ୍ଟରରେ ଥିବା ସୁନ୍ଦରୀ ଆମେରିକାନ ଝିଅଟି ଚୁପଚାପ ନିଜ କାମ କରୁଥିଲା । ମୁଁ ତାକୁ ଚାହିଁ ଟିକେ ହସିଦେଲି । ସିଏ ଗୋଟେ ଫିକା ହସ ଫୋପାଡିଦେଲା ମୋ ଆଡକୁ । ମୋର ଇଛା ହେଉଥିଲା ତା ସହିତ ଟିକେ କଥା ହେବାକୁ । କିନ୍ତୁ ପଛରେ ଲୋକ ଥିବାରୁ ସେଥିରୁ ନିଜକୁ ବିରତ କଲି । ଏଠାକାର ଲୋକମାନେ ଭାରି ଶୃଙ୍ଖଳିତ । ଧାଡିରେ ଛିଡା ହୋଇଥିବା ଲୋକମାନେ କେବେ ହେଲେ ଧାଡି ଭାଙ୍ଗନ୍ତି ନାହିଁ । ସର୍ବସାଧାରଣ ସ୍ଥାନରେ ସମସ୍ତେ ଚୁପ ଥାଆନ୍ତି, ବଡ ପାଟିରେ କଥା ହେବା ତ ଦୂରର କଥା ।

ଅତି ଜରୁରୀ ନ ହେଲେ କେହି ପାଟି ଫିଟାନ୍ତି ନାହିଁ । ହେଲେ ବେଳେବେଳେ ଏତେ ବେଶୀ ଶୃଙ୍ଖଳା ବି ମାଡି ପଡିଲା ପରି ଲାଗେ ।

ମୋର ଭାରି ମନେ ପଡିଲା ଆମ ଦେଶ କଥା । ଆମେ ବର୍ଷ ବର୍ଷ ଧରି ଗୋଟିଏ ଦୋକାନରୁ ସଉଦା ଆଣୁ । ଦୋକାନରେ ପହଂଚିଯିବା କ୍ଷଣି ଦୋକାନ ମାଲିକ ନମସ୍କାରଟିଏ ପକେଇ ଭଲମନ୍ଦ କେତେ କଥା ପଚାରେ। ପଚାରେ ଦେହପାଆ କେମିତି ଅଛି, ପିଲାମାନେ କେମିତି ଅଛନ୍ତି । ମୁଁ ସିରିଡି ଯାଇ ଫେରିଲେ ତାଙ୍କୁ ନେଇ ଦେଇଆସେ ସାଇବାବାଙ୍କର ଗୋଟିଏ ଫଟୋ ସହିତ ବିଭୁତି ଆଉ ପ୍ରସାଦ । ଦୋକାନରେ କାମ କରୁଥିବା ପିଲାଙ୍କୁ ଦୁର୍ଗାପୂଜାରେ କିଛି କିଛି ବକସିସ୍ ଦିଏ । ଆଉ ମୋର ଜିନିଷ କିଣା ସରିଲେ ବ୍ୟାଗ ଭାରି ହୋଇଗଲାଣି କହି ସେମାନେ ବି ମୋ ବ୍ୟାଗକୁ ଗାଡି ପର୍ଯ୍ୟନ୍ତ ନେଇଆସନ୍ତି । ତା ପଛେ ପଛେ ଆସୁ ଆସୁ ମୁଁ ତାକୁ ପଚାରେ, "ପୁଅ ପରା ମ୍ୟାଟ୍ରିକ ପରୀକ୍ଷା ଦେଇଥିଲା ରେଜେଲ୍ଟ ବାହାରିଲାଣି ? ଆଗକୁ ପାଠ ପଢିବା ପାଇଁ କିଛି ସାହାଯ୍ୟ ଦରକାର ହେଲେ କହିବ । ଲୋକଟି ମୁଣ୍ଡ ଟୁଙ୍ଗାରେ, କହେ, 'ହଁ ଆଜ୍ଞା, କହିବି ନିଶ୍ଚୟ । ଆପଣମାନଙ୍କ ପାଇଁ ତ ମୋର ଜୀବନଡଙ୍ଗା ଚାଲିଛି ।' ଏମିତି ଗୋଟେ ଭାବାବେଗର ସମ୍ପର୍କ ଥାଏ ସେମାନଙ୍କ ସହିତ । ଆମେ ସଉଦା ଆଣିବାକୁ ଯାଇ ବି ଗୋଟିଏ ସମ୍ପର୍କ ଗଢି ତୋଳୁ ଲୋକଙ୍କ ସହିତ । କିନ୍ତୁ ଏହି ସୁପରମାର୍କେଟ ସଂସ୍କୃତି ଆମକୁ ଦେଇପାରେନାହିଁ ଆବେଗବୋଳା ସେହି ସମ୍ପର୍କକୁ । ଏଠାରେ ସବୁ କିଛି ଯନ୍ତ୍ରଚାଳିତ।

ଗୋଟେ କାଗଜ ବ୍ୟାଗରେ ଜିନିଷ ସବୁକୁ ପୁରେଇ ବଢେଇ ଦେଲା ଝିଅଟି ମୋ ହାତକୁ । ଜିନିଷ ନେଇ ମୁଁ ପାଦ ଦେଲି ସୁପରମାର୍କେଟ ବାହାରେ ।

(ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

# ସିଲଭିୟା ପ୍ଲାଥ : ଏକ ଅନ୍ତଃହୀନ ଯାତ୍ରା



ପ୍ରଦୀପ କୁମାର ରାୟ

( ମାତ୍ର ତିରିଶ ବର୍ଷ ବୟସରେ ଆତ୍ମହତ୍ୟା କରିଥିବା ବିଶ୍ୱବିଖ୍ୟାତ କବି ତଥା ଔପନ୍ୟାସିକା ସିଲଭିୟା ପ୍ଲାଥଙ୍କ ଜୀବନ ସମ୍ପର୍କରେ ଏକ ଆଲେଖ....! )

ସମ୍ପ୍ରତି ନିଲାମ ହେଲା ଷାଠିଏ ଦଶକର ବିଖ୍ୟାତ କବି, ପ୍ରାବନ୍ଧିକ ଓ କ୍ଷୁଦ୍ରଗଳ୍ପର ସ୍ରଷ୍ଟା ସିଲଭିୟା ପ୍ଲାଥଙ୍କ କିଛି ସ୍ମାରକ । ଏହି ନିଲାମର ଆୟୋଜନ କରିଥିଲେ ତାଙ୍କର ଏକମାତ୍ର କନ୍ୟା ଫ୍ରିଡା ହିଉଜ୍ । ଫ୍ରିଡା ନିଜେ ମଧ୍ୟ ଜଣେ କବି ଏବଂ ଚିତ୍ରଶିଳ୍ପୀ ।

ଖୁବ୍ ଅଳ୍ପ ବୟସରୁ ହିଁ ମାନସିକ ଅବସାଦ ସିଲଭିୟା ପ୍ଲାଥଙ୍କର ନିତ୍ୟ ସାଥୀ । ଅବସାଦର ହାତରୁ ରକ୍ଷା ପାଇବା ପାଇଁ ଗ୍ୟାସ ବର୍ଣ୍ଣର ର ନିଆଁରେ ମୁଣ୍ଡ ଚାପିଧରି ନିଜକୁ ନିଃଶେଷ କରିଦେବାକୁ ଚାହିଁଥିଲେ ସେ ।

ସିଲଭିୟା ପ୍ଲାଥଙ୍କ ଜୀବନର ବହୁ ସ୍ମୃତି, ଅନେକ ସ୍ମାରକ ତାଙ୍କର କନ୍ୟା ଫ୍ରିଡାଙ୍କ ପାଖରେ ଏତେ ବର୍ଷ ଧରି ଯତ୍ନର ସହିତ ସଂରକ୍ଷିତ ହୋଇ ରହିଥିଲା । ଦୀର୍ଘ ବର୍ଷ ପରେ ସେ ସେସବୁକୁ ପ୍ରକାଶ୍ୟକୁ ଆଣିଥିଲେ ସେ । ନିଲାମର ଶୀର୍ଷକ ରଖିଥିଲେ - **your own Sylvia.**

ଫ୍ରିଡା ନିଜେ ଜଣେ କବି ହେଲେ ମଧ୍ୟ ପ୍ରାୟ ତିନି ଦଶକ ଧରି ବାପା ଟେଡ ହିଉଜ୍ ?ଙ୍କୁ ତାଙ୍କର କବିତା ରଚନା ସମ୍ପର୍କରେ କିଛି କହିନଥିଲେ । ସେ କବିତା ଲେଖି ସାରିବା ପରେ ସେଗୁଡ଼ିକୁ ଜୋତା ବାକ୍ସ ଭିତରେ ଲୁଚାଇ ରଖୁଥିଲେ । ଦିନେ ବାପାଙ୍କୁ କହିଥିଲେ, ଝିଅ ହିସାବରେ ନୁହେଁ, ଜଣେ କବି ହିସାବରେ କବିତା ଗୁଡ଼ିକ ଦେଖିବେ । ଟେଡ୍ ମଧ ତାହା କରିଥିଲେ । ଫ୍ରିଡାଙ୍କ ମା ସିଲଭିୟା ପ୍ଲାଥ ମଧ ଠିକ୍ ସେମିତି କରୁଥିଲେ । କୌଣସି ଦିନ କବିତା ଲେଖି ପ୍ରେମିକ, ସ୍ୱାମୀ ଟେଡ୍ ?ଙ୍କୁ ଦେଖାଉନଥିଲେ । ଲୁଚାଇ ରଖୁଥିଲେ ।

ଫ୍ରିଡା ଲେଖିଛନ୍ତି - I had a fear of similarity, I wanted to be judged by my own merits . ଫ୍ରିଡାଙ୍କ କବିତା ପଢ଼ି ସାରିବା ପରେ ଗୋଟିଏ ବି କବିତା ସଂଶୋଧନ କରିବା ପାଇଁ କହିନଥିଲେ ଟେଡ ହିଉଜ୍ । ଫ୍ରିଡାଙ୍କର ଆହୁରି ଗୋଟିଏ ଭୟ ଥିଲା, ତାଙ୍କ କବିତାରେ ଯେମିତି ତାଙ୍କ ବାପା ମା ଙ୍କର ପ୍ରଭାବ ନ ପଡ଼େ ।

ସିଲଭିୟା ପ୍ଲାଥଙ୍କ ସହିତ ତାଙ୍କ ନିଜ ବାପାଙ୍କର ସମ୍ପର୍କ ସେଭଳି ନ ଥିଲା । ନିହାତି ପିଲା ଦିନରୁ ସେ ବାପାଙ୍କୁ ଭୟ କରୁଥିଲେ । ପିଲା ଦିନରୁ ସିଲଭିୟା ତାଙ୍କ ବାପାଙ୍କୁ ଠିକ୍ ବୁଝି ପାରୁନଥିଲେ । ସିଲଭିୟାଙ୍କ ବାପା ଥିଲେ ଭୀଷଣ ରୁକ୍ଷ ଏବଂ ଜିଦ୍‌ଖୋର ପ୍ରକୃତିର ବ୍ୟକ୍ତି ।

ସିଲଭିୟା ତାଙ୍କର ଡବୟଇ କବିତାରେ ତାଙ୍କ ବାପାଙ୍କୁ ହିଟଲର୍‌ଙ୍କ ସହିତ ତୁଳନା କରିଛନ୍ତି । କିନ୍ତୁ ଖୁବ୍ ଅଳ୍ପ ବୟସରେ ଦୁଇଟି ଛୋଟ ଛୋଟ ପୁଅ ଝିଅଙ୍କର ଦାୟିତ୍ୱ ମା' ଙ୍କୁ ଦେଇ ଚାଲି ଯାଇଥିଲେ ଡାଏବେଟିସ୍‌ରେ । ଶେଷ ବେଳକୁ ଡ଼ାକ୍ତର ଏବଂ ଆଧୁନିକ ଚିକିତ୍ସା ମଧ ପ୍ରତ୍ୟାଖ୍ୟାନ କରିଥିଲେ । ଏହିସବୁ ଘଟଣା ସିଲଭିୟାଙ୍କ ଜୀବନରେ ମାରାତ୍ମକ ପ୍ରଭାବ ପକାଇଥିଲା । ଅନେକଙ୍କ ମତରେ ପରବର୍ତ୍ତୀ ସମୟରେ ସିଲଭିୟାଙ୍କର ଆତ୍ମହତ୍ୟାର ଗୂଢ କାରଣ ତାଙ୍କ ପିତାଙ୍କ ସ୍ୱଭାବ ଏବଂ ଅକାଳରେ ଚାଲିଯିବା ।

ସିଲଭିୟାଙ୍କ ବାପା ଯେତେବେଳେ ମୃତ୍ୟୁ ବରଣ କରନ୍ତି, ସେତେବେଳେ ସିଲଭିୟାଙ୍କ ବୟସ ସାଢ଼େ ଆଠବର୍ଷ । ସାନଭାଇର ବୟସ ଆହୁରି କମ୍ । ବାପାଙ୍କ ମୃତ୍ୟୁ ପରେ ସିଲଭିୟା ମା' ଅରେଲିୟାଙ୍କୁ ଜାବୁଡ଼ି ଧରି ରହିବାକୁ ଚାହିଁଥିଲେ । କିନ୍ତୁ ଅରେଲିୟାଙ୍କ ଉପରେ ସେତେବେଳେ ଅନେକ ଦାୟିତ୍ୱ - ସାନ ସାନ ଦୁଇ ସନ୍ତାନଙ୍କୁ ମଣିଷ କରିବା, ସ୍ୱାମୀଙ୍କ ଆବର୍ତ୍ତମାନରେ ସନ୍ତାନଙ୍କୁ ଭବିଷ୍ୟତ ସୁରକ୍ଷିତ କରିବା । ଏସବୁ ପାଇଁ ଅନେକ ଅର୍ଥ ଆବଶ୍ୟକ । ତେଣୁ ସିଲଭିୟା ମା' ଙ୍କୁ ପାଖରେ ପାଇବା ପାଇଁ ବ୍ୟାକୁଳ ହେବା ବେଳକୁ ମା'ଙ୍କ ପାଖରେ ସମୟର ଅଭାବ । କେବଳ କର୍ତ୍ତବ୍ୟ, ଏବଂ ଦୁଇ ସନ୍ତାନଂକୁ ନେଇ ଅନେକ ଅନେକ ସ୍ୱପ୍ନ । ଅନେକଙ୍କ ମତରେ, ସେହି ପିଲା ଦିନରୁ ହିଁ ସିଲଭିୟାଙ୍କ ମନରେ ଜଟିଳତା ବସା ବାନ୍ଧିଥିଲା । ରାତି ରାତି ସେ ଆଦୌ ଶୋଇ ପାରୁନଥିଲେ ।

**ଯେଉଁ ମହିଳାଙ୍କ ପାଇଁ ଟେଡ୍ ହିଉଜ୍ ସିଲଭିୟାଙ୍କ ପ୍ରତି ବିଶ୍ୱାସ ଘାତକତା କରିଥିଲେ, ସେହି ମହିଳାଙ୍କ ନାମ ଥିଲା ଆସିୟା ଉଇଭିଲ୍ । ପୂର୍ବରୁ ଆସିୟାଙ୍କର ଗୋଟିଏ ଝିଅ ଥିଲା । ସିଲଭିୟାଙ୍କ ସହିତ ବିଚ୍ଛେଦ ପରେ ଟେଡ୍ ହିଉଜ୍ ଲଣ୍ଡନରେ ବସବାସ କରୁଥିଲେ ଏବଂ ସେଠାରେ ଥିବା ସମୟରେ ସିଲଭିୟାଙ୍କ ଆତ୍ମହତ୍ୟାର ଖବର ପାଇଥିଲେ ।**

ସିଲଭିୟା ପ୍ଲାଥଙ୍କ ପରି ଜଣେ ବିଶିଷ୍ଟ କବିଙ୍କର ସ୍ମାରକ ଦେଖିବା ପାଇଁ ସାଧାରଣ ଲୋକଙ୍କର ମଧ କୌତୁହଳ ଥିଲା । ସେହି କଥା ଚିନ୍ତା କରି ତାଙ୍କର କନ୍ୟା ଫ୍ରିଡା ନିଲାମ ମାଧ୍ୟମରେ ସବୁକିଛି ବାଣ୍ଟି ଦେଇଥିଲେ । ମୋଟ ୫୫ଟି ସ୍ମାରକ ନେଇ ଫ୍ରିଡା ନିଲାମ କରିଥିଲେ । ମୋଟ୍ ଦଶ ଲକ୍ଷ ପାଉଣ୍ଡ ମୂଲ୍ୟରେ ସବୁ ନିଲାମ ହୋଇଥିଲା ।

ସିଲଭିୟା ପ୍ଲାଥ ଯେତେବେଳେ ମୃତ୍ୟୁ ବରଣ କରନ୍ତି, ସେତେବେଳେ ତାଙ୍କର ବୟସ ମାତ୍ର ତିରିଶ ବର୍ଷ । ଗୋଟିଏ କନ୍ୟା ଏବଂ ଗୋଟିଏ ପୁତ୍ରକୁ ରଖି ସିଲଭିୟା ଆତ୍ମହତ୍ୟା କରନ୍ତି । ସେତେବେଳେ ଫ୍ରିଡାଙ୍କ ବୟସ ତିନି ବର୍ଷ, ଭାଇ ନିକୋଲାସ ମାତ୍ର ଏକ ବର୍ଷ । ଆତ୍ମହତ୍ୟା କରିଥିବା ଦିନ ସକାଳେ ଦୁଇ ସନ୍ତାନଙ୍କ ପାଇଁ ବ୍ରେକଫାଷ୍ଟ ତିଆରି କରି ରଖି ଦେଇଥିଲେ ସିଲଭିୟା । ନିଲାମ କରାଯାଇଥିବା ଜିନିଷପତ୍ର ଭିତରେ ସିଲଭିୟାଙ୍କର ଏକ ସମର୍ ଡ୍ରେସ୍ ଥିଲା । ତତ୍କାଳୀନ ସମୟରେ ତାହା ଥିଲା ସବୁଠାରୁ ଫେସନେବଲ୍ ଡ୍ରେସ୍ ଏବଂ ତାହା ୯୦୦ ରାଉଣ୍ଡରେ ନିଲାମ ହୋଇଥିଲା । ଆହୁରି ମଧ ଥିଲା ପ୍ରେମିକ ତଥା ସ୍ୱାମୀ ଟେଡ୍ ହିଉଜ୍‌ଙ୍କୁ ଲେଖିଥିବା ୧୬ ଖଣ୍ଡ ଚିଠି । ସେ ସବୁ ଚିଠିରେ ସେମାନଙ୍କ ନବବିବାହିତ ପ୍ରେମମୟ ଜୀବନର ନାନା କଥା ଥିଲା ।

ନିଲାମରେ ଥିଲା ସିଲଭିୟାଙ୍କର ଦୁଇଟି ଫଟୋଚିତ୍ର, ଯେଉଁ ଫଟୋ ଉଠାଇଥିଲେ ଏରିକ୍ ଷ୍ଟଲବର୍ଗ । ୧୯୫୫ ମସିହା ଫେବୃଆରୀ ମାସରେ ଇଂଲଣ୍ଡର ଗୋଟିଏ ଷ୍ଟୁଡିଓରେ ଫଟୋ ଦୁଇଟି ଉଠା ଯାଇଥିଲା ।

ଶୈଶବରୁ ମାନସିକ ଜଟିଳତା ଓ ନାନା ଅପ୍ରାପ୍ତି ହିଁ ସିଲଭିୟାଙ୍କୁ ଆତ୍ମହତ୍ୟାପ୍ରବଣ କରି ତୋଳିଥିଲା । ପୂର୍ବରୁ ମଧ ଥରେ ସେ ଆତ୍ମହତ୍ୟା କରିବାର ପ୍ରୟାସ କରିଥିଲେ ଏକ ପ୍ରତ୍ୟାଖ୍ୟାନ ହେତୁ । ବଷ୍ଟନରେ ଥିବା ସମୟରେ ସେ ହାର୍ଭାର୍ଡର ସମୟ ସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ଏକ କବିତା ପାଠୋତ୍ସବରେ ଅଂଶଗ୍ରହଣ କରିବା ପାଇଁ ଆବେଦନ କରନ୍ତି । ସ୍ୱରଚିତ କିଛି କବିତା ଆବେଦନ ପତ୍ର ସହିତ ପଠାଇ ସିଲଭିୟା ନିଶ୍ଚିତ ଥିଲେ ଯେ, ତାଙ୍କର କବିତା ନିର୍ବାଚିତ ହେବ ।

କିନ୍ତୁ ହାର୍ଭାର୍ଡରୁ ଚିଠି ଆସିଲା ଯେ ତାଙ୍କର କବିତା ମନୋନୀତ ହୋଇନାହିଁ । ସିଲଭିୟା ଜୀବନରେ କେବେହେଲେ ଏତେ ବଡ଼ ଆଘାତ ପାଇନଥିଲେ । ସିଲଭିୟାଙ୍କ ଜୀବନୀ ଲେଖକ ଏଡୱାର୍ଡ ମୁଶାର ଲେଖିଛନ୍ତି - 'ଏହି ପ୍ରତ୍ୟାଖ୍ୟାନ ତାଙ୍କର ସବୁଠାରୁ ଦୁର୍ବଳ ସ୍ଥାନରେ ଆଘାତ କରିଥିଲା । ଆହତ ହୋଇଥିଲା ତାଙ୍କର ଆତ୍ମସମ୍ମାନ । ନିଜର ପ୍ରତିଭା ଆଉ ତାର ମୂଲ୍ୟ ସମ୍ବନ୍ଧରେ ଯେଉଁ ସନ୍ଦେହ ତାଙ୍କ ମନରେ ଦାନା ବାନ୍ଧିଥିଲା, ତାହା ବହୁ ମାତ୍ରାରେ ବଢ଼ି ଯାଇଥିଲା । ହାର୍ଭାର୍ଡରୁ ପ୍ରତ୍ୟାଖ୍ୟାନ ପତ୍ର ପାଇ ସର୍ବପ୍ରଥମେ ତାଙ୍କର ମନେ ହୋଇଥିଲା, ମୋ ମା'ଙ୍କ ଆକାଂକ୍ଷା ପୂରଣ କରିବା ପାଇଁ ସମର୍ଥ ହେଲି ନାହିଁ । ତାପରେ ସେ ନିଜ ଡାଏରୀ ରେ ଲେଖିଥିଲେ,' ମୋର ପ୍ରତ୍ୟାଖ୍ୟାନ ଭୀତି ଜଡ଼ିତ ହୋଇ ରହିଛି ମୋ ପାଇଁ ଭୟ ସାଥିରେ, ଏହି ପ୍ରତ୍ୟାଖ୍ୟାନ ଅସଲରେ ମୋ ମା'ଙ୍କ ପାଖରେ ପ୍ରତ୍ୟାଖ୍ୟାନ ।' ଜୀବନରେ ଅସଫଳ ହେବାର ଭୟ । ତେଣୁ ଏହି ଭୟ ଏତେ ଭୟଙ୍କ ।' ବାପା ଚାଲିଯିବା ପରେ ଦୁଇଟି ସନ୍ତାନଙ୍କୁ ମଣିଷ କରି ଗଢିତୋଳିବା ପାଇଁ ମା'ଙ୍କ ଚେଷ୍ଟାର କୌଣସି ଅନ୍ତ ନଥିଲା । ତଥାପି ସେହି ଚାପ ସିଲଭିୟାଙ୍କ ପାଇଁ ମଝିରେ ମଝିରେ ଭୟାବହ ହୋଇ ଉଠୁଥିଲା ।

ଫୁଲବ୍ରାଇଟ୍ ସ୍କଲରସିପ୍ ପାଇ ସିଲଭିୟା ଯେତେବେଳେ ବଷ୍ଟନରୁ ଇଂଲଣ୍ଡର କେମ୍ବ୍ରିଜକୁ ପଢ଼ିବା ପାଇଁ ଆସିଲେ, ସେତେବେଳେ ତାଙ୍କର ପ୍ରତିଦିନର ଘଟଣାବଳୀ ମା'ଙ୍କୁ ଚିଠିରେ ଲେଖୁଥିଲେ । ସିଲଭିୟା ଯେତେବେଳେ କେମ୍ବ୍ରିଜରେ ଇଂରାଜୀ ସାହିତ୍ୟର ଦ୍ୱିତୀୟ ବର୍ଷର ଛାତ୍ରୀ, ଦିନେ କଲେଜ ପତ୍ରିକାରେ ଟେଡ୍ ହିଉଜଙ୍କର ଗୋଟିଏ କବିତା ଦେଖିଲେ । କବିତାଟି ପଢ଼ି ଏତେ ମାତ୍ରାରେ ବିଭୋର ହୋଇ ପଡିଲେ ଯେ, ମନେ ମନେ ହିଉଜ୍‌ଙ୍କୁ ଭେଟିବା ପାଇଁ ବ୍ୟାକୁଳ ହୋଇ ପଡ଼ିଥିଲେ । ପରଦିନ ଧାଇଁ ଯାଇଥିଲେ କବିଙ୍କୁ ଭେଟିବା ପାଇଁ । ବାକି ତ ଇତିହାସ ।

ବିଂଶ ଶତକର ଇଂଲଣ୍ଡ ଏବଂ ଆମେରିକାର ସାହିତ୍ୟ ଜଗତରେ ସବୁଠାରୁ ଚର୍ଚ୍ଚିତ ପ୍ରେମକାହାଣୀ ପାଲଟି ଯାଇଥିଲା ହିଉଜ୍ ଏବଂ ସିଲଭିୟାଙ୍କ ପ୍ରେମ । ୧୯୫୬ ମସିହାରେ ଉଭୟେ ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି। ୧୯୬୦ ମସିହାରେ ସିଲଭିୟା ରଚନା କରନ୍ତି 'ବେଲଜାର' ଭଳି ରକ୍ତାକ୍ତ ଉପନ୍ୟାସ। ଏହି ଉପନ୍ୟାସର କେନ୍ଦ୍ରୀୟ ଚରିତ୍ରର ମୁହଁର ଭାଷାରେ ସିଲଭିୟା ଲେଖିଥିଲେ - ନାରୀ ମାନଙ୍କରେ ଜୀବନ ଯାପନରେ ଯଦି ବିଦ୍ରୋହ ଥାଏ, ତାହାହେଲେ ସେହି ଦ୍ରୋହ ଯେକୌଣସି ସୃଷ୍ଟିଶୀଳ ନାରୀର ମନରେ ମଧ ଅହରହ ଛାପ ପକାଇଥାଏ ।' ଅନେକ ସମାଲୋଚକଙ୍କ ମତରେ ବିଶ୍ୱ ସାହିତ୍ୟରେ ସିଲଭିୟା ହିଁ ପ୍ରଥମ ଲେଖିକା ଯିଏ ନାରୀ ମାନଙ୍କ ସମ୍ପର୍କରେ ଏଭଳି ଅନୁଭବ କରିଥିଲେ ।

କବି ଟେଡ୍ ହିଉଜ୍‌ଙ୍କୁ ବିବାହ କରିବା ପୂର୍ବରୁ ସିଲଭିୟା ଯଥେଷ୍ଟ ବିଖ୍ୟାତ ଥିଲେ, ବିଶେଷ ଭାବରେ ତାଙ୍କର

'ବ୍ଲାକ ପୋଏମ' ପାଇଁ ସେ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କ କବିତାରେ ରୂପକର ଅପୂର୍ବ ପ୍ରୟୋଗ ପାଠକଙ୍କୁ ଚମକୃତ କରୁଥିଲା । ବିବାହର ମାତ୍ର ଅଳ୍ପ କିଛି ବର୍ଷ ପରେ ସ୍ୱାମୀ ଟେଡ୍‌ଙ୍କ ଜୀବନରେ ଅନ୍ୟ ନାରୀର ଉପସ୍ଥିତି ସେ ଆଦୌ ମାନିନେଇ ପାରିନଥିଲେ । ନିଜକୁ ତିଳ ତିଳ କରି ନିଃଶେଷ କରି ଦେଇଥିଲେ ।



ଯେଉଁ ମହିଳାଙ୍କ ପାଇଁ ଟେଡ୍ ହିଉଜ୍ ସିଲଭିୟାଙ୍କ ପ୍ରତି ବିଶ୍ୱାସ ଘାତକତା କରିଥିଲେ, ସେହି ମହିଳାଙ୍କ ନାମ ଥିଲା ଆସିୟା ଉଇଭିଲ୍ । ପୂର୍ବରୁ ଆସିୟାଙ୍କର ଗୋଟିଏ ଝିଅ ଥିଲା । ସିଲଭିୟାଙ୍କ ସହିତ ବିଚ୍ଛେଦ ପରେ ଟେଡ୍ ହିଉଜ୍ ଲଣ୍ଡନରେ ବସବାସ କରୁଥିଲେ ଏବଂ ସେଠାରେ ଥିବା ସମୟରେ ସିଲଭିୟାଙ୍କ ଆତ୍ମହତ୍ୟାର ଖବର ପାଇଥିଲେ ।

ସିଲଭିୟାଙ୍କର ଆଲୋଡନ ସୃଷ୍ଟିକାରୀ ପୁସ୍ତକ 'ଏରିୟେଲ୍' ତାଙ୍କ ମୃତ୍ୟୁର ଦୁଇ ବର୍ଷ ପରେ ପ୍ରକାଶ ପାଇଥିଲା । ଏହା ବ୍ୟତୀତ ତାଙ୍କର ଅଧିକାଂଶ ପୁସ୍ତକ ତାଙ୍କ ମୃତ୍ୟୁ ପରେ ହିଁ ପ୍ରକାଶିତ ହୋଇଥିଲା ଏବଂ ଅଧିକାଂଶ ବହିର ସମ୍ପାଦନା କରିଥିଲେ ଟେଡ୍ ହିଉଜ୍।

ବୋଧହୁଏ ଏସବୁ କରି ସିଲଭିୟାଙ୍କ ପ୍ରତି କରିଥିବା ଅନ୍ୟାୟର ପ୍ରାୟଶ୍ଚିତ କରିଥିଲେ ଟେଡ୍ ହିଉଜ୍ ।

ଗ୍ରନ୍ଥ ଋଣ --

ସିଲଭିୟା ପ୍ଲାଥ ପୋଏମସ୍, ବିଟର୍ ଫେମ୍ ,ଏ ଲାଇଫ୍ ଅଫ୍ ସିଲଭିୟା ପ୍ଲାଥ୍ - ଅ୍ୟାନି ଷ୍ଟିଭେନସନ୍ ।

♥ ଭୁବନେଶ୍ୱର
ମୋ: ୯୪୩୭୫୩୪୭୭୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

## ଦୃଷ୍ଟିକୋଣ-୧୦

# ମୃତ୍ୟୁ କ'ଣ ବ୍ୟକ୍ତି, ପରିବାର ଓ ଅନୁଷ୍ଠାନ ପାଇଁ ସୁଖଦ ପରିସ୍ଥିତି ସୃଷ୍ଟିକରେ ?



♥ ଡ. କାଳୀପଦ ପଣ୍ଡା

ଜନ୍ମ ମୃତ୍ୟୁ ଚିରନ୍ତନ। ପ୍ରତିଟି ଆରମ୍ଭର ଶେଷ ଥାଏ। ଆବିର୍ଭାବ ଓ ତିରୋଭାବ ଏହା ଧ୍ରୁବସତ୍ୟ। ତେବେ ଜନ୍ମ ଯେମିତି ଅଦୃଷ୍ଟ ସ୍ରଷ୍ଟାଙ୍କର ବରଦାନ, ମୃତ୍ୟୁ ମଧ୍ୟ ସେହି ପରମଙ୍କ ଇଚ୍ଛାଧୀନ। କେହି ଅମର ନୁହଁନ୍ତି। ମନବ ରୂପେ ଲୀଳାଖେଳା ମର୍ତ୍ତ୍ୟଧାମରେ ସମସ୍ତଙ୍କ ପାଇଁ ସମାନ ସମୟଖଣ୍ଡରେ ନିର୍ଦ୍ଧାରିତ ନୁହେଁ। କିଏ କେବେ ଧରାବତରଣ କରିବ ଏବଂ ଧରାରୁ ଚିର ବିଦାୟ ନେବ ତାହା ତ ସେହି ସକଳସୃଷ୍ଟିର ଆଧାର ବିଶ୍ୱନିୟନ୍ତାଙ୍କ ଇଚ୍ଛାଧୀନ। ଯୋଗୀ, ଋଷି ଠାରୁ ସାଧାରଣ ମାନବପକ୍ଷେ ଏହା ସମାନ ଭାବେ ପରିଲକ୍ଷିତ। ତେବେ ମଣିଷର ଯେଉଁ ଚାରିଗୋଟି ଅବସ୍ଥା କୁହାଯାଇଛି, ସେହି ଚାରିଗୋଟି ଅବସ୍ଥା ବା (କାଳ)କୁ ଉପଭୋଗ କରିବା ସମସ୍ତଙ୍କ ଭାଗ୍ୟରେ ଜୁଟେ ନାହିଁ। ଯେମିତିକି ବାଲ୍ୟ, କୈଶୋର, ଯୌବନ ଓ ବାର୍ଦ୍ଧକ୍ୟକାଳ। ଯେଉଁମାନେ ଏଇ ଚାରିଗୋଟି ଅବସ୍ଥାକୁ ଉପଭୋଗ କରିପାରନ୍ତି ତାହାଙ୍କୁ ଆମେ ଏକ ପୂର୍ଣ୍ଣଲଗ୍ନ ଜୀବନକାଳ ଉପଭୋଗ କରିପାରିଥିବା ମଣିଷ ବୋଲି କହିଥାଉ।

କିନ୍ତୁ ଅଧୁନାତନ ସମୟରେ ପରିଦୃଷ୍ଟ ହେଉଛି ଏଇ ଚାରି ଅବସ୍ଥାକୁ ଅଧିକାଂଶ ଭୋଗ କରି ନପାରି ଯେକୌଣସି ଅବସ୍ଥାରେ ଏ ଭବ ସଂସାର ଛାଡୁଛନ୍ତି। ଦୁରାରୋଗ୍ୟ ବ୍ୟାଧି ଜନିତ ତ କେବେ ପୁଣି ନାନା ଦୁର୍ଘଟଣା ଜନିତ ଅକାଳରେ ଜୀବନଦୀପ ସବୁ ନିର୍ବାପିତ ହୋଇଯାଉଛି। ତେବେ ଏଇ ମୃତ୍ୟୁ ଯେଉଁସମୟରେ ବି ଘଟିଲେ, ସେ ପରିଣତ ବୟସରେ କିମ୍ବା ଯୁବା ବୟସରେ, ଅଥବା ଅତି ଅଳ୍ପ ବୟସରେ, ଏହା ସମସ୍ତଙ୍କ ମନରେ ଭରିଦିଏ ଗଭୀର ଶୋକ। ଶୂନ୍ୟତା ସୃଷ୍ଟିକରେ କେବଳ ଏକ ପରିବାର ମଧ୍ୟରେ ନୁହେଁ, ସେ ଅଞ୍ଚଳରେ ଓ ଦେଶରେ। କାରଣ ଜିଇଁ ରହିବାକୁ ହିଁ ଆମର ସାରାଜୀବନ ସଂଗ୍ରାମ। ଯେତେଯେତେ ପ୍ରାକୃତିକ ବିପର୍ଯ୍ୟୟ ହେଉ କିମ୍ବା ରୋଗବ୍ୟାଧି, ସବୁଥିରୁ ମଣିଷ ଏଇ ସଂସାରମଞ୍ଚରେ ବଞ୍ଚିରହି ଅଭିନୟ କରିବାକୁ ସୁଖମଣେ। ବଞ୍ଚିବାରେ ହିଁ ଆନନ୍ଦ ନିହିତ। ମରିଗଲେ କେଉଁଠି ଆନନ୍ଦ ମିଳେ ଯେ ? ବଞ୍ଚି ରହିଥିଲେ ସବୁକିଛି। ପରସ୍ପର ମଧ୍ୟରେ ଯେତେ ମତାନ୍ତର ହେଉ କି ମନାନ୍ତର ହେଉ କିନ୍ତୁ ଜିଇଁ ରହିଲେ ହିଁ ତ ସବୁକିଛି ! ମରଣକୁ କେବେ ସୁଖଦ ପରିସ୍ଥିତି ବୋଲି କେହି କେବେ ଗ୍ରହଣ କରିନାହାଁନ୍ତି। ହଁ, ଏହା ସତ୍ୟ ଯେ, ମୃତ୍ୟୁକୁ ଚିରମହିମ୍ନ ବା ଚିରବାନ୍ଧବ ଭାବେ ଗ୍ରହଣ କରିଥାନ୍ତି ବିଶିଷ୍ଟ ଦାର୍ଶନିକ ଓ ଚିନ୍ତାଶୀଳ ବ୍ୟକ୍ତିମାନେ।

ସେମାନେ କହିଥାନ୍ତି - ସଂସାର ପଥରେ ଜିଇଁ ରହିବାର ଯେଉଁ ସଂଗ୍ରାମ ବ୍ୟକ୍ତିଟିଏ ଅହରହ କରିଚାଲିଥାଏ, ତାହିଁରେ ପୂର୍ଣ୍ଣଚ୍ଛେଦ ପଡ଼େ ମୃତ୍ୟୁକୁ ଆଲିଙ୍ଗନ କଲେ। ହେଲେ ଏହି ଆଲିଙ୍ଗନ ବା ଅନ୍ତିମଶଯ୍ୟାରେ ଶାୟିତ ହେବାକୁ କେବେ ସ୍ୱଇଚ୍ଛାରେ କେହି ବରଣ କରିନଥାନ୍ତି। ତାହା ବିଧିନିର୍ଦ୍ଦିଷ୍ଟ ଭଳି ପ୍ରତ୍ୟେକଙ୍କ ପାଇଁ ଭିନ୍ନ ଭିନ୍ନ ପରିସ୍ଥିତିରେ ଉପନୀତ ହୁଏ। ମାତ୍ର ମୃତ୍ୟୁଲାଭ କରୁଥିବା ବ୍ୟକ୍ତିର ଅବର୍ତ୍ତମାନ ଏକ ପରିବା ମଧ୍ୟରେ ଯେଭଳି ଶୂନ୍ୟତା ଭରିଦିଏ, ସେହିଭଳି ତାର ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ସହ ସେ ଅଞ୍ଚଳ, ଏପରିକି ଗୋଟିଏ ରାଜ୍ୟ ଓ ସମଗ୍ର ଦେଶପାଇଁ ଶୂନ୍ୟତା ସୃଷ୍ଟିକରେ। ତାର ସ୍ଥାନ ପୂରଣ ହେବା ସମ୍ଭବ ହୋଇନଥାଏ। ଘରର ଯେକୌଣସି ସଦସ୍ୟଙ୍କ ବିୟୋଗ ଯେବେ ଯେକୌଣସି ପରିସ୍ଥିତିରେ ଘଟିଲେ ମଧ୍ୟ ସେ ଘରେ ଭରିଯାଏ ଭୀଷଣ ନିରବତା। ଦୁଃଖର ପାହାଡ଼ ଛିଡ଼ିପଡ଼େ। କେତେକେତେ ପରିବାର ପରିଜନ ହୋଇଯାନ୍ତି ଦିଗହରା। ଆଉ ସେହି ଅପୂରଣୀୟ କ୍ଷତିକୁ ସ୍ମରଣ କରି ଶୋକସନ୍ତପ୍ତ ପରିବାର ପରିଜନ, ଗାଁ ଭୂଇଁ ଓ ଦେଶଜନ ସଭିଏଁ ଶୋକାକୁଳ ହୋଇ ଅଶ୍ରୁ ବିସର୍ଜନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେହି ଦିବଂଗତ ଆତ୍ମାର ସ୍ମୃତି ରୋମନ୍ଥନରେ ଦୁଃଖାଭିଭୂତ ହୋଇପଡ଼ନ୍ତି। ସର୍ବତ୍ର ଶୋକ ପାଳନ କରାଯାଏ। ଦୁଃଖ ହିଁ ଦୁଃଖ, ଚାରିଆଡ଼େ ମାଡ଼ିଯାଏ। କିଏ ପିତା ବିନା ପିତୃହରା ହୁଏତ, କିଏ ମାତୃହରା, ସ୍ୱାମୀହରା, ପୁତ୍ରହରା, ପତ୍ନୀହରା ଇତ୍ୟାଦି ଇତ୍ୟାଦି ଭିତରେ ଜିଇଁ ରହିବାକୁ ବାଧ ହୋଇପଡ଼ନ୍ତି। ପୁଣି ଜଣେ ବିଶିଷ୍ଟ ବ୍ୟକ୍ତି ଯେ କି ଏକ ଏକ ବିଶେଷ କ୍ଷେତ୍ରରେ ତାଙ୍କର ଅବଦାନ ଉଲ୍ଲେଖଯୋଗ୍ୟ ରହିଥାଏ, ସେ କ୍ଷେତ୍ରରେ ସେହି ବ୍ୟକ୍ତି ପାଇଁ ଏକ ଗ୍ରାମ, ଅଞ୍ଚଳ, ପ୍ରଦେଶ ଏବଂ ରାଷ୍ଟ୍ର ଶୋକରେ ବୁଡି ଯାଇଥାଏ। ଏଣୁ ମୃତ୍ୟୁ ଯେ କେବେ କାହାପକ୍ଷେ ସୁଖଦ ବିଷୟ ନୁହେଁ, ଏହା ଦୃଢ଼ ନିଶ୍ଚିତ। ଏଭଳିକି କୁହାଯାଇଥାଏ - ଶତ୍ରୁ ହେଉପଛେ ସେ ବଞ୍ଚି ରହିଥାଉ। ଅଥଚ ଏବେ ଆମ ରାଜ୍ୟରେ ବିଶେଷକରି ସାହିତ୍ୟଜଗତରେ ଓ ପ୍ରଶାସନ ଜଗତରେ ଜଣେ ମୂର୍ଦ୍ଧନ୍ୟ ବ୍ୟକ୍ତିଙ୍କ ବିଦାୟକୁ ଏକ ପୁରାତନ ସାହିତ୍ୟ ଅନୁଷ୍ଠାନ ସେମାନଙ୍କ ପାଇଁ ସୁଖଦ ପରିସ୍ଥିତି ସୃଷ୍ଟିକଲା ବୋଲି ଲିଖିତଭାବେ ପ୍ରକାଶ କରିବା ଆଜି ଏକ ବିତର୍କର ବଳୟ ସୃଷ୍ଟି କରିଛି। ସେଇ ସମ୍ବେଦନଶୀଳ ପ୍ରସଙ୍ଗର ଅବତାରଣା କରିବାର ଯଥାର୍ଥ ରହିଛି ବୋଲି ଅନୁଭବ କରି ପ୍ରସଙ୍ଗଟିକୁ ଏଠାରେ ଉଦ୍ଧାର କରୁଛି। ଗତ ମାର୍ଚ୍ଚ ମାସରେ ଭାରତୀୟ ସାହିତ୍ୟର ପ୍ରଖ୍ୟାତ ତଥା ଆମ ଓଡ଼ିଶା ମାଟିର ପ୍ରଣମ୍ୟ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କର ଦେହାନ୍ତ ଘଟିଲା। ସେ ରାଜ୍ୟ, ଦେଶ ଓ ବିଦେଶରୁ ମଧ୍ୟ ଅନେକ ସମ୍ମାନ ଓ ପୁରସ୍କାର ଲାଭ କରିଥିଲେ। ପ୍ରଥମ ଓଡ଼ିଆ ଲେଖକ ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି ପଦମଣ୍ଡନ କରି ଓଡ଼ିଆ ଜାତୀୟ ଜୀବନର ଏକ କୀର୍ତ୍ତିସ୍ତମ୍ଭ ସ୍ଥାପନ କରିପାରିଥିଲେ। ଓଡ଼ିଶା ସରକାରଙ୍କର ମୁଖ୍ୟଶାସନ ସଚିବ ଭାବେ ଅବସର ନେଇଥିଲେ। କବି ରମାକାନ୍ତ ରଥଙ୍କର ଅସଂଖ୍ୟ ପାଠକ ରାଜ୍ୟ ଓ ଦେଶରେ ରହିଛନ୍ତି। ପରିଣତ ବୟସରେ ତାଙ୍କର ବିୟୋଗ ପରେ ସାରା ରାଜ୍ୟରେ ସବୁସ୍ତରରେ ଶୋକର ଛାୟା ଖେଳିଗଲା। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଓଡ଼ିଶା ସରକାର ଏହି ଉତ୍କଳଭାରତୀଙ୍କ ସୁସନ୍ତାନଙ୍କର ଅନ୍ତିମ ସଂସ୍କାର କରାଇଥିଲେ ପୁରୀର ସ୍ୱର୍ଗଦ୍ୱାରରେ। ଏହାପରେ ତାଙ୍କ ସ୍ମୃତିରେ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ମୃତିସଭା ଅନୁଷ୍ଠିତ ହୋଇ କବି ରଥଙ୍କର ଅମୂଲ୍ୟ ସୃଷ୍ଟି ସଂପଦର ଚର୍ଚ୍ଚା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ନିରବ ପ୍ରାର୍ଥନା ପୂର୍ବକ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ସେହି କ୍ରମରେ ରାଜ୍ୟର ଅନ୍ୟତମ ପୁରାତନ ସାହିତ୍ୟ ଅନୁଷ୍ଠାନ "ଫକୀର ମୋହନ ସାହିତ୍ୟ ପରିଷଦ" ବାଲେଶ୍ୱର ପକ୍ଷରୁ ଶାନ୍ତିକାନନ ପରିସରସ୍ଥ ବ୍ୟାସକବିଙ୍କ ଜନ୍ମପୀଠରେ ଗଢ଼ି ଉଠିଥିବା ୭୬ବର୍ଷର ଅନୁଷ୍ଠାନର ସଭାଗୃହରେ କବି ରଥଙ୍କ ସ୍ମୃତିରେ ଏକ ସ୍ମୃତିଚାରଣସଭା ସହ ତାଙ୍କ ଉଦ୍ଦେଶ୍ୟରେ 'ହିରଣ୍ମୟ ରମାକାନ୍ତ' ନାମକ ସ୍ମୃତିଗ୍ରନ୍ଥ ବିଭିନ୍ନ ବ୍ୟକ୍ତିଙ୍କ ସ୍ମୃତି ଆଲେଖ୍ୟକୁ ଭିତ୍ତିକରି ପ୍ରକାଶ ପାଇ ଉନ୍ମୋଚନ ହେଲା। ସଭାରେ କବି ରଥଙ୍କ ଅମର ଆତ୍ମା ଉଦ୍ଦେଶ୍ୟରେ ନିରବପ୍ରାର୍ଥନା ମଧ୍ୟ କରାଗଲା। ଏହାପରେ ସେଇ ସ୍ମୃତିଗ୍ରନ୍ଥ ଯେବେ ଅନ୍ୟମାନଙ୍କ ହାତକୁ ଆସିଲା, ସେଥିରେ ଥିବା ସମ୍ପାଦକୀୟର ଦୁଇପୃଷ୍ଠାର ଆଲେଖ୍ୟର ଶୀର୍ଷକ "ରମାକାନ୍ତ ରଥ : ଏକ ଶ୍ରଦ୍ଧାଞ୍ଜଳି"ରେ ବର୍ତ୍ତମାନର ପରିଷଦର ସଭାପତି ଓ ସମ୍ପାଦକ ଉଭୟଙ୍କର ମିଳିତ ନାମରେ ଲେଖାଯାଇଥିବା ପ୍ରଥମ ଓ ଦ୍ୱିତୀୟ ବାକ୍ୟରେ ରହିଛି- "ବେଳେବେଳେ ମଣିଷର କର୍ତ୍ତବ୍ୟବୋଧ ପରମ୍ପରାକୁ ପରିବର୍ଦ୍ଧିତ କରି ନୂତନ ସୁଯୋଗ ସୃଷ୍ଟି କରେ। କାଳଜୟୀ ସ୍ରଷ୍ଟା ରମାକାନ୍ତ ରଥଙ୍କ ବିୟୋଗ ସେମିତି ଏକ ସୁଖଦ ପରିସ୍ଥିତି ସୃଷ୍ଟିକଲା ଫକୀରମୋହନ ସାହିତ୍ୟ ପରିଷଦ ପାଇଁ।"

ଏ କଥାକୁ ନେଇ ଯେବେ ଏହି ବକ୍ତବ୍ୟ କେମିତି ପ୍ରାସଙ୍ଗିକ ବୋଲି ପ୍ରଶ୍ନ କରାଗଲା ଏବଂ ସାମାଜିକ ଗଣମାଧ୍ୟମରେ ଝଡ଼ ସୃଷ୍ଟି ହେଲା, ସେତେବେଳେ ଏହା କୁଆଡ଼େ ଇଂରାଜୀ ସାହିତ୍ୟରେ ଠିକ୍ ବୋଲି କୁହାଗଲା। ଜଣେ ସାଧାରଣ ବ୍ୟକ୍ତି ହୁଅନ୍ତୁ କିମ୍ବା ମହାନ ବ୍ୟକ୍ତି ହୁଅନ୍ତୁ, ଜଣକର ବିୟୋଗ କିଭଳି ଏକ ସମ୍ମାନଜନକ ପ୍ରତିଷ୍ଠିତ ଅନୁଷ୍ଠାନ ପାଇଁ ସୁଖଦ ପରିସ୍ଥିତି ସୃଷ୍ଟିକଲା ତାହା ବିସ୍ମୟ ସୃଷ୍ଟି କରିଛି।

ଏ ସମ୍ପର୍କରେ ବିଶିଷ୍ଟ ସାହିତ୍ୟିକ ଓ ଗବେଷକ ଡ. ଅସିତ୍ ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ ଯେଉଁ ଉତ୍ତର ଦେଇଥିଲେ ତାହା ଖୁବ୍ ପ୍ରଣିଧାନଯୋଗ୍ୟ ମନେହୁଏ। ତାଙ୍କ ମତରେ - "ଆମର କୌଣସି ସ୍ରଷ୍ଟାଙ୍କର ବିୟୋଗ କୌଣସି ବ୍ୟକ୍ତି ବା ଅନୁଷ୍ଠାନ ପାଇଁ ଏକ ସୁଖଦ ଘଟଣା ନୁହେଁ। ତାହା କାହା ପାଇଁ ବି ସୁଖଦ ପରିସ୍ଥିତି ସୃଷ୍ଟି କରେନାହିଁ। ସାଧାରଣତଃ ପ୍ରମୁଖ ଅନୁଷ୍ଠାନମାନେ ଦିବଂଗତ ବିଶିଷ୍ଟ ସ୍ରଷ୍ଟାମାନଙ୍କ ବିୟୋଗରେ ସ୍ମୃତିସଭାର ଆୟୋଜନ କରିଥାନ୍ତି ବା ସ୍ମୃତିଗ୍ରନ୍ଥ ପ୍ରଣୟନ କରିଥାନ୍ତି। ସମ୍ଭବତଃ ସେହି ଦୃଷ୍ଟିରୁ କର୍ତ୍ତବ୍ୟବୋଧ ଓ ପରମ୍ପରାର ପରିବର୍ଦ୍ଧନ କଥା କୁହାଯାଇଛି। କିନ୍ତୁ ଏହାକୁ ଏକ ସୁଖଦ ପରିସ୍ଥିତି କହିବା ଉଚିତ ମନେ ହେଉନାହିଁ। ଏବେ ସମୟ ବଦଳି ଯାଇଛି। ରମାକାନ୍ତ ରଥଙ୍କର ବିୟୋଗ ପରେ ଅନେକେ ତାଙ୍କ ହାତଲେଖା ଚିଠି ବା ତାଙ୍କ ସହ ଫଟୋ ପ୍ରକାଶ କରୁଛନ୍ତି। ତାହା ସେମାନଙ୍କ ପାଇଁ ସୁଖଦ ପରିସ୍ଥିତି। କାରଣ, ସେମାନେ ଏକଦା ରମାକାନ୍ତ ରଥଙ୍କ ପରି ବିଶିଷ୍ଟ କବିଙ୍କର ଆଶିଷ ବା ସାନ୍ନିଧ ପାଇଥିଲେ, ଏବେ ସେ ନେଇ ସୁଖ ପାଉଛନ୍ତି। ମୋ ମତରେ, ଯଦି ରମାକାନ୍ତ ରଥଙ୍କ ଜୀବଦ୍ଦଶାରେ ଅନୁଷ୍ଠାନ ପକ୍ଷରୁ ତାଙ୍କ ସମ୍ପର୍କରେ ଏକ ସ୍ମାରକୀ ଗ୍ରନ୍ଥ ପ୍ରଣୟନ କରାଯାଇଥାନ୍ତା, ତେବେ ତାହାକୁ ଏକ ସୁଖଦ ପରିସ୍ଥିତି କହିବା ଯଥାର୍ଥ ହୋଇଥାନ୍ତା।"

ଏହି ଘଟଣା କେବଳ ସାହିତ୍ୟ ଜଗତ ନୁହେଁ, ସାଧାରଣ ଜଗତକୁ ମଧ୍ୟ ଏକ ବିତର୍କର ବିଷୟ କରାଇଛି।

♥ ସୂନାରୁଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
(ମୋ) ୯୪୩୭୦୮୯୨୪୧

## ।। ଗଳ୍ପ ।।

# ପରିଚୟ

### ଅଧ୍ୟାପିକା ମମତା ଜେନା



ମୁଁ ତାକୁ ନେଇ କିଛି ଭାବୁଛି.... ମନେ ପକାଉଛି ସେ କଥା ଅବଶ୍ୟ ତାକୁ କହିନଥିଲି କି କେବେ ଜାଣିବାର ଇସାରା ମଧ୍ୟ ଦେଇନଥିଲି । ବାସ ବହୁତ ସମୟ ତାକୁ ଦେଖିବାର ସୁଯୋଗ ପାଇଥାଏ । ତା'ର କଥା କୁହା ଆଖି, ନିରୀହ ମୁହଁ ଓ ଚୁପଚୁପ ହସ ମୋତେ ଅନେକ ସମୟ ବିଭୋର କରିଦିଏ । ଗଲା ଅଇଲା ବାଟରେ ତାକୁ ଦେଖିବାର ସୁଯୋଗ ମିଳୁଥିଲା । ସତରେ ଭଗବାନ କେତେ ପ୍ରକାରର ମଣିଷ ସୃଷ୍ଟି କରିଛନ୍ତି, କିଏ କେତେ ପ୍ରକାରର । ଅନେକଙ୍କ ମଧ୍ୟରେ ସେ ମୋତେ ଭଲ ଲାଗିଥିଲା ।

ଏକ ଭିଜା ଭିଜା ମଧୁର ସନ୍ଧ୍ୟାରେ ଏକ ମ୍ୟାରେଜ ପାର୍ଟିରେ ତାକୁ ପ୍ରଥମ ଥର ଦେଖିଥିଲି । ଅଳ୍ପ ପରିଚୟରେ ନମସ୍କାର ଟିଏ ହୋଇଥିଲା ହସିହସି ।

ସେଦିନଠୁ ତାକୁ ଦେଖିଲେ ମୋ ମନରେ ପୁଲକତା ଆସେ । କିଏ ସେଇ ଅଙ୍କିତା ପଣ୍ଡା!!!! ବୟସ ତେଇଶି କିମ୍ବା ଚବିଶ ହେବ ବୋଧହୁଏ, ଏବେ ଏବେ ଏଇ ପାଖ କଲେଜରେ ଅଧ୍ୟାପକ ଭାବେ ଜଏନ କରିଛି ।

ଅନେକ ସମୟ ଅତିକ୍ରାନ୍ତ ହୋଇଗଲାଣି, ଅପେକ୍ଷାର ଶେଷ ନାହିଁ । କିନ୍ତୁ କାହିଁକି ଏ ପ୍ରକାର ପାଗଳାମି ?? ମୁଁ କାହାକୁ ଅପେକ୍ଷା କରିଛି କିଏ ସେ ???? ସେଇ ହ୍ୱାଇଟ ଆଉ ରେଡ ମିଶା ଚୁଡିଦାର ପିନ୍ଧା ଝିଅଟି ।ଆଉ କେହି ଜାଣନ୍ତୁ କି ନଜାଣନ୍ତୁ ମୁଁ ଅନ୍ତତଃ ଜାଣି ଦେଇଥିଲି ତା ପ୍ରତି ମୋର ଦୁର୍ବଳତା ରହିଛି ।

ଘରୁ ବୋଉର ଫୋନ ଆସିଥିଲା ଘର କାମ ଚାଲିଥିଲାତ ସେଇ ବିଷୟରେ କଥା ହେଲି । ମୁଁ ତ ପ୍ରାୟ ବର୍ଷେ ହେଇଯିବ ଏଇ ମେଡ଼ିକାଲରେ ଯୋଗଦାନ କରିଛି । ବହୁତ ବଡ଼ ଆଶା ଥିଲା, ଘରର ପରିସ୍ଥିତି ଆଉ କଣ ହେବ ନହେବ ଭାବି ଯୋଗଦାନ କରିଗଲି, ଏମିତ୍ୱି ପରବର୍ତ୍ତୀ ସମୟରେ ଅନ୍ୟ ସବୁ ପ୍ରତିଯୋଗୀତା ମୂଳକ ପରୀକ୍ଷା ଦେଇପାରିବି...।

ସବୁ ଭାବନା ଭିତରେ ସେଇ ଅଙ୍କିତା ହିଁ ଚାଲି ଆସୁଥିଲା । ଆଗରୁ ଅନ୍ୟଦିନ ମାନଙ୍କରେ କାହାକୁ ଏମିତି ଚାହିଁବା ଓ ତା ବିଷୟରେ ଭାବିବା ଏସବୁ ପ୍ରାୟ ମୋର ନଥିଲା । ମନେପଡ଼ିଲା ସ୍ମିତା କଥା, କଲେଜ ବେଳର ସାଥି ପୁଣି ଗାଁ ପାଖ ପିଲା, ସେ କେତେ ଥର ମନଖୋଲି କହିଛି । ମୁଁ କିଛି ବି ବୁଝିପାରେନି ତା ପ୍ରତି ସେମିତି ଭାବନା ମୋର ନଥିଲା, ଜଣେ ଭଲ ସାଙ୍ଗ ଥିଲା, ବାସ ସେତିକି । ମୋ ଭାବନାର ସବୁ ଅନ୍ତ ଘଟାଇ ବସରୁ ଓହ୍ଲାଇଲା ଏକ ଅରେଞ୍ଜ କଲର ଶାଢ଼ୀ ପିନ୍ଧି ଅଙ୍କିତା ନାମ୍ନୀ ଝିଅଟି । ଛାତି ଧକ ଧକ ହେଉଥିଲା, କାହିଁକି ଏମିତି ମୋ ମନ ଆକୁଳିତ ହେଉଥିଲା, ନିଜ କଥା ଭାବି ନିଜକୁ ଛୋଟ ମନେ କରୁଥିଲି । ସକାଳୁ କିଛି କାମ ନାହିଁ, କାଲିର ବାସନ, କପଡା ଘର ଦ୍ୱାର ସବୁ ପଡିଛି ମୁଁ କିନ୍ତୁ ଏଠି ସେଇ ଅଙ୍କିତା ନାମ୍ନୀ ଝିଅ କୁ ଅପେକ୍ଷା କରିଛି । ଏମିତି ଯେ ତାକୁ କେବେ କିଛି କହିନି ମୋ ମନର କଥା, ଏମିତି କଣ ହେଇଥିବ ମୁଁ ଯେମିତି ତାକୁ ଖୋଜୁଛି.... ସେ କଣ ମୋତେ ମନେ ପକାଉଥିବ.... ନାଁ ନାଁ ସେ କାହିଁକି ମୋତେ ମନେପକାଇବ ଯେ ...ସୂର୍ଯ୍ୟ ଆସି ମଥା ଉପରେ ହେଲାଣି, ଭୋକରେ ପେଟ ଜଳିଲାଣି, ସେ ମଧ୍ୟ ଆଗକୁ ପାଦ ପକାଇ କଲେଜ ଅଭିମୁଖେ ଚାଲିଗଲାଣି କେତେବେଳୁ । ମୁଁ ବି ଆଶ୍ଚର୍ଯ୍ୟ ହେଲି... ଆଜି କଣ ପାଇଁ ଶାଢ଼ି, ମୋର ମନେପଡ଼ିଲା କାଲି ଆମ ଭଡା ଘର ମାଲିକର ପୁଅ ଜିଦ କହୁଥିଲା ତାଙ୍କ କଲେଜରେ ଆନୁଆଲ ଫଙ୍କ୍ସନ ଅଛି ।

ମୁଁ ଘରେ ପହଂଚିଲା ବେଳକୁ ମାମୁଁ ଆସିଥିଲେ, ମାମୁଁଙ୍କ ପୁଅର ବାହାଘର ଥିଲା ଆଗକୁ । ଆଉ କିଛି ଉପାୟ ନାହିଁ, ଘରେ ରୋଷେଇ ହୋଇନି ମାମୁଁଙ୍କୁ ନେଇ ବାହରକୁ ଖାଇବାକୁ ଗଲି । କିଛି କାମରେ ମନ ଲାଗୁନଥିଲା ସଦାବେଳେ ସେଇ ଅଙ୍କିତା ନାମ୍ନୀ ଝିଅର ମୁହଁ ଆଖି ଆଗକୁ ଆସୁଥିଲା । ମୁଁ ବି ଆଗରୁ ତାର ନାଁ ଜାଣିନଥିଲି, ସେଇ ଜିତ ଥରେ କହୁଥିଲା, ସାର୍ ଆମ ଅଙ୍କିତା ମାଡାମ ବହୁତ ବଢିଆ, କାହାକୁ ଗାଳି କରନ୍ତିନି ଭାରି ମେଳାପି, ମୁଁ ଆଉ କଣ ତାକୁ କହିବି, ଖାଲି ମନେ ମନେ କହିଲି.. ହଁ ସତରେ ମେଳାପି ନଚେତ ମୋ ପରି ଚରିତ୍ରଟି ତାକୁ ଏମିତି ରାସ୍ତା ଘାଟରେ ଖୋଜିନଥାନ୍ତା...।

ଏମିତି ମଧ ତାଙ୍କୁ ଜାଣିବାର ଆଉ ଏକ ସୁଯୋଗ ଥିଲା, ମୋ ପାଖ ଘରେ ରହୁଥିଲେ ତାଙ୍କରି କଲେଜର ଇତିହାସ ଅଧ୍ୟାପକଙ୍କ ଠାରୁ କେତେ ଥର ପ୍ରଂଶସା ଶୁଣିଛି..। ଅଙ୍କିତା ପାଇଁ ହେଉ କି ସେମିତ୍ୱି ହେଉ ସେ ସାରଙ୍କ ସହିତ ଦୋସ୍ତିଟା ଅଧିକ ଥିଲା..। ହୋଟେଲରେ ଥରେ ଅଧେ ଦେଖିଛି ସହକର୍ମୀ ମାନଙ୍କ ସହିତ ।

ଅପରାହ୍ନର ଏକ ସୁନ୍ଦର ପରିବେଶ, ଆମ୍ବ ବଉଳର ବାସ୍ନା ଚାରିଆଡେ ମହକୁଛି, ମଝିରେ ମଝିରେ କୋଇଲିର କୁହୁତାନ ମନକୁ ଆହୁରି ମନ୍ତ୍ରୀତ୍ୱ କରୁଛି, ଆକାଶ ବି ଭାରି ସୁନ୍ଦର ଦିଶୁଥିଲା, ଅଳ୍ପ ଅଳ୍ପ ପ୍ୱନରେ ମୋ ମାନ କାହିଁକି ଗୋଟେ ଅପହଂଚ ଇଲାକାକୁ ଚାଲିଯାଉଥିଲା ।

ଭାବିଥିଲି କାଲିଠାରୁ ଆଉ କେବେ ନବୀନ ପାଣ୍ଡିଆନଙ୍କ ସରକାର ଅମଳରେ ଚାଲୁଥିବା ଲକ୍ଷ୍ମୀବସ ପାଖକୁ ଯିବିନି କିନ୍ତୁ କେତେବେଳେଜେ ବସ ପାଖରେ ନିଜକୁ ଆବିଷ୍କାର କରି ନିଜକୁ ନିଜେ ବହୁତ ଗାଳି କରିବାକୁ ପଛାଉ ନଥିଲି । ଏଡ଼େ ଅପଦାର୍ଥ ଟିଏ କେମିତି ହେଲି । ବୋଉ ସଦାବେଳେ କୁହେ.. ଭଲ କାମ କରିବୁ, ଭଲ ବାଟରେ ଯିବୁ..। ତାହେଲେ ଏଇଟା କଣ ଖରାପ ବାଟ ଢଢଢଢ ବୋଉ ଖୁସି ହେବତ...ନାଁ ଗାଳି କରିବ । ନାଁ ଏକଥା କହିବିନି । ମୋ ସାଙ୍ଗ ପିଲାମାନେ କହନ୍ତି... ତୋର ସ୍ଥାନ କାଳ ପାତ୍ର କିଛି ନାହିଁ । ସେଦିନ ପ୍ରଜ୍ଞା ଅପା ର ସାଙ୍ଗ ମୋ ଚୁଟି ଘୁମେଇ ଛୋଟିଆ ବିଧାଟିଏ ଦେଇ କହିଥିଲା... ସମ୍ବିତତୁ ଆଉ ହେବୁନି, କେଉଁଠି କଣ କହୁଛୁ ? ବୋଉକୁ ମାଉସୀ କହୁଥିଲା ସମ୍ବିତକୁ ଏସବୁ ତ ଟିକେ ଶିଖାଅ । ମୋ ମନରେ ପ୍ରଶ୍ନ ଆସିଲା ସତରେ କିଛି ଶିଖିନି ଜାଣିନି.... ମନେ ମନେ ହସିଲି, କେତେବେଳେ ଶୋଇପଡ଼ିଛି ମୁଁ ଜାଣିନି, ଏମିତି ବି ମୁଁ କେତେବେଳେ ପ୍ରସ୍ତୁତ ହୋଇ ଶୋଇବାକୁ ଯାଏନି । ଖବର କାଗଜ ପଢୁ ପଢୁ ମୋବାଇଲି ଦେଖୁ ଦେଖୁ ଶୋଇଯାଏ ।

ଭାବିଲି ଆଜି ସଂକ୍ରାନ୍ତି ଆଉ ସୋମବାର ମନ୍ଦିର ଯିବି । ବୋଉ ତ ସେଦିନ କହୁଥିଲା... ତୁ ପ୍ରତି ସୋମବାର ମନ୍ଦିର ଯିବୁ । ସେଦିନଠୁ ପ୍ରତିଦିନ ରାତି ହେଲେ କାନ୍ଥରେ ଟଙ୍ଗା ଯାଇଥିବା କ୍ୟାଲେଣ୍ଡର ଦେଖେ । ପ୍ରଥମତ ମୋର ଭୁଲା ମନ, ସେଥିପାଇଁ ତ କେବେ କେବେ ଗାଡି ଚାବି ଖୋଜୁଥିବି ତ କେବେ ମୋବାଇଲି ପକେଟରେ ରଖି ବେଡ଼ ସାରା ଖୋଜୁଥିବି ... । ମନ୍ଦିର ପାହାଚରୁ ଓହ୍ଲାଇଲା ବେଳେ ସାମ୍ନାକୁ ଚାହିଁଦେଲି ଓଃ ପୁଣି ଦେବୀ ଦର୍ଶନ ସେଇ ଭାବନାର ଈଶ୍ୱରୀ ଅଙ୍କିତା ଗୋଲ ଗୋଲ ମୁହଁ ଓଠରେ ହସ ଲାଖି ରହିଛି ।

ହାତ ଟେକି ନମସ୍କାର ହେଲା, ମୋ ଛାତିରେ କଣ କଣ ହେଇଗଲା । କଣ କହିବି ନ କହିବି ହୋଇ ବାହାରକୁ ଚାଲିଆସିଲି । ପଳେଇବି ନାଁ ରହିବି, ଆରେହେ ମୁଁ କାହିଁକି ରହିବି କିଏ କଣ ଯଦି ଭାବିବ ଆଉ କହିବ..

- ପୂଜା ତ କରିସାରିଲଣି ଛିଡା କାହିଁକି ହେଇଛି । ମୁଁ ଯାହା ଭାବୁଛି କେହି ଜାଣିଦେଉନିତ... ହେ ପ୍ରଭୁ ଭୋଳାନାଥ ମୁଁ କଣ କରିବି...!! ଦିନରେ ଭାବନାରେ ରାତିରେ ସ୍ୱପ୍ନରେ ଅଙ୍କିତା ମୋତେ ଆପଣେଇ ନେଇଥିଲା ସେଇ ହସ, ଚାଲି, କଥା ପ୍ରତିଟି ମୁହୂର୍ତ୍ତରେ ମନକୁ ଆସୁଥିଲା ।

ଗାଡିଷ୍ଟାର୍ଟ କରି ଯେତେବେଳେ ବାହାରୁଛି ପଛରୁ କାହାର ଡାକ ଶୁଭୁଥିଲା.... ସାର.. ସାର..

ପଛକୁ ଫେରି ଚାହିଁଲି.... ଅଙ୍କିତା ତ, ମୋ ଭାବନା ଜାଣିଦେଲାକି... ଓଃ କଣ ମୋତେ ପଚାରିବ!! ଲାଜରେ ଭୟରେ ଏକ ପ୍ରକାର ଅପ୍ରସ୍ତୁତ ଅନୁଭବ କଲି.. ପୂଜା ଭୋଗ ଧରି ଆସି ପାଖରେ ପହଞ୍ଚିଗଲାଣି..। ସାର ମୁଁ ଆପଣଂକୁ ଡାକୁଛି ଆପଣ ଆଡେ ସାଡେ କୁଆଡେ ଅନାଉଛନ୍ତି। ସାର ଖରା ହେଲାଣି ଘର ଏଠୁ ପ୍ରାୟ ଦୁଇ କିଲୋମିଟର ହେବ ମୁଁ ଖରାରେ ଯାଇପାରିବିନି ମୋତେ ଟିକେ ଆପଣ ଘରେ ଛାଡ଼ିଦେବେ ।

ବହୁତ ଲାଜ ଲାଜ ହୋଇ ଏଇ କଥା ପଦକ କହିଦେଲ ସେ... ମନେ ମନେ କହୁଥାଏ... ଆସିଲାବେଳେ କହିଥିଲେ ବି ନେଇଆସିଥାନ୍ତି...।

ସତେ ଯେମିତି ମୋ ଦୁନିଆ ବଦଳିଗଲା...

ସତ ନାଁ କଣ ଯେଉଁ ଅଙ୍କିତାକୁ ଏତେ ଭାବୁଛି ସିଏ ମୋ ସହିତ ଯିବ... ମନେ ମନେ ହସିଦେଲି... ହଁ କି ନାହିଁ କହିବା ପୂର୍ବରୁ ସେ ମୋ ଗାଡ଼ିରେ ମୋ ଦେହକୁ ଲାଗି ବସିସାରିଥିଲା । ହଠାତ ସୂର୍ଯ୍ୟ ଦେବତାଙ୍କର ଅନ୍ତର୍ଦ୍ଧାନ ହେବା ଥଣ୍ଡା ମଳୟ ପବନ ବହିବା ମୋ ଜୀବନକୁ ପଜିଟିବ କରିଦେଲା, ତାପରେ ପୁଣି ଅଙ୍କିତା ଦେହର ପାଉଡ଼ର କ୍ରିମ ଓଃ ପରଫ୍ୟୁମ ମିଶା ବାସ୍ନା ମୋତେ କୁଆଡେ କୁଆଡେ ନେଇଗଲା...ସତେକି ଫୁଲ ପାହାଡ଼ର ସ୍ୱର୍ଶରେ ମୁଁ ହଜି ହଜି ଗଲି...। ଘର କୁଆଡେ ପଚାରିଲା ପୂର୍ବରୁ... ସେ କହୁଥିଲା.. ସାର ସିଧା..ଚାଲନ୍ତୁ ସେହି ରାଜୁଭାଇ ଓମଫେଡ ସାମ୍ନା ଘର । ମୁଁ ତ ବାଧ୍ୟ ଶିଶୁଟିଏ ପରି ଆଗେଇ ଚାଲିଥିଲି, ବୋଧହୁଏ ଟିକିଏ ଆଗକୁ ଚାଲିଯାଇଥିଲି ଅଙ୍କିତା କ୍ଷୀଣ ସ୍ୱର୍ଶ ଦେଇ କହିଥିଲା ସାର... ଏଇଠି ରଖନ୍ତୁ ।ମୋତେ ହସିହସି ନମସ୍କାର ଟିଏ ପକାଇ କହୁଥିଲା ସାର ଆସୁନାହାନ୍ତି ଆମ ଘରକୁ... ।

ପଆଉ କେବେ ଆସିବି କହି ପଛକୁ ଗାଡି ବୁଲେଇ ପଳେଇ ଆସିଥିଲି ।

ପ୍ରାୟ କେତେଦିନ ଯାକ ସେଇ କଥା ମୋ ମନ ଭିତରେ ବସାବାନ୍ଧି ରହିଲା । ସେଦିନ ରାତିରେ ବାପାଙ୍କ କଥା କାହିଁ ବହୁତ ମନେପଡ଼ିଲା..। ଭାବିଲି ଘରଆଡେ ଯାଇ ଟିକେ ବୁଲିଆସିବି । କଟକ ସାଲେପୁର ଥିଲା ମୋ ଘର । ଲଘୁଚାପ ଯୋଗୁଁ ପାଗ ଖୁ ଥଣ୍ଡା ଲାଗୁଥିଲା, କହିବାକୁ ଗଲେ ଏକ ପ୍ରକାର ଭଲ ଲାଗୁଥିଲା । ମନଟା ଜମାବି ଭଲ ଲାଗୁନଥିଲା । ସକାଳୁ ଉଠି ବଜାର ଆଡେ ଘେରାଏ ବୁଲିଆସିଲା ବେଳକୁ ବୋଉର ଫୋନ...। ଭାରି ଡର ଡର ଲାଗିଲା, କଣ ହେଲାକି... ସେଇ କୋହଭରା କଣ୍ଠ... । ପାପୁନି ତୋ ବାପାଙ୍କର ଦେହ ଭୀଷଣ ଖରାପ, କାଲିଠୁ ଆମେ ମେଡ଼ିକାଲରେ ଅଛୁ, ଆସିବୁ ତୁ.... ଆଉ କିଛି ଶୁଭିଲାନି.. ବୋଉ ଅନ୍ତତଃ କାନ୍ଦୁଥିଲା ।

ଏଇ କେତେଟା ଦିନ ମେଡ଼ିକାଲରେ କେମିତି କଟିଗଲା, ଘରକୁ ଆସି ବୋଉର ନିଷ୍ପତ୍ତି ଶୁଣି ଭାଙ୍ଗି ପଡିଲି । ମୋର ବାହାଘର ଠିକ କରିଛନ୍ତି...। ଝିଅଟି ଶିକ୍ଷିତା ଚାକିରି କରିଛି । ଏସବୁ କଥା ଶୁଣିବାକୁ ମୋର ଇଚ୍ଛା ନଥିଲା...। ମନ ଭିତରଟା ଜଳି ପୋଡି ପାଉଁଶ ହୋଇ ଯାଉଥିଲା ।ମନେପଡୁଥିଲା ଅଙ୍କିତା କଥା । ତାକୁ ତ ମୁହଁ ଖୋଲି କହିପାରିନି.... କଣ କରିବି ନକରିବି ହୋଇ ଚୁପ ରହିଲି । ଚାରି ଦିଗ ମୋତେ ଅନ୍ଧାର ଦିଶିଲା ..। ମନ ଆଉ ହୃଦୟରେ ଅନୁଭବ କଲି ଅଙ୍କିତା ମୋର ସବୁକିଛି ।

ବୋଉ କହୁଥିଲା ତୁ ଯିବୁ ପପୁ... ସେ ଝିଅକୁ ଦେଖି... ହଁ କିମ୍ବା ନାହିଁ କହୁଛି ନକହି ଖାଲି ମୁଣ୍ଡ ହଲାଇଲି..। ବୋଉ କହୁଥାଏ.. ଝିଅଟି ଭଲ ଦେଖିବାକୁ, ଭଲ ପିଲା ମଧ୍ୟ ।ତୋ ମାନସୀ ମାଉସୀର ଝିଆରୀ ହେବ ହିସାବରେ ।

ବାହାଘରର କେଉଁ ଖୁସିରେ ମୁଁ ଅଂଶ ଗ୍ରହଣ କରିପାରିଲିନି.....। ବାପା ମାଆଙ୍କର ବାଧ୍ୟ ସନ୍ତାନ ଡକ୍ଟର ତାରିଖ ଦେଇଛନ୍ତି ବାପା ଆଉ ମାତ୍ର ଦୁଇମାସ ଏଇ ଦୁନିଆର ଅତିଥି ।ବାପାଙ୍କ ମୁହଁକୁ ଚାହିଁ ସବୁକିଛି ନିରବିଗଲି..ବାହାଘର ଭୋଜିଭାତ ଓ ପିଠା ପଣା କିଛି ମୁଁ ଜାଣୁନଥିଲି ।ବାଧ୍ୟ ପିଲାଟିଏ ପରି ବର ହୋଇଗଲି...।ଏତେ ଆଲୋକ ସାଜସଜ୍ଜା ବାଣ ରୋଷଣୀ ଭିତରେ ହୃଦୟଟା କାନ୍ଦି ଉଠୁଥିଲା.. ଇଚ୍ଛା ହେଉଥିଲା ସେଇଠୁ ସେମିତି ଅଙ୍କିତା ପାଖଟିଏ ପହଞ୍ଚନ୍ତି.. ଆଉ କହନ୍ତି.. ଅଙ୍କିତା ତମେ ମୋର....।ଆଉ ଭାବିପାରିଲିନି ଆଖିରୁ ମୋର ଲୁହ ଖସିପଡ଼ିଲା..।ସେଠି ଅନ୍ୟମାନଙ୍କ କନ୍ଦା କଟା ଭିତରେ ମୁଁ ବି କାନ୍ଦିପକାଇଲି ..। ମୋତେ ପ୍ରାୟତଃ ଧରିକି କିଏ କେତେ କଣ କହି କାନ୍ଦୁଥିଲେ.... ମୁଁ ବି ଅଙ୍କିତା କଥା ମନେପକାଇ କାନ୍ଦିପକେଇଲି । ମୋ ପରି ହତଭାଗ୍ୟ ଆଉ କିଏ ଥିବ..... ଅନ୍ଧାର ଅନ୍ଧାର ସବୁ ଲାଗୁଥିଲା ମୋତେ...। ବୋଉ ମୁହଁକୁ ଚାହିଁ ସବୁ ଭୁଲିଯାଉଥିଲି, ହସ୍ତଗଣ୍ଠି ପଡିଲା ବେଳେ ଭାବୁଥାଏ.. ଏଇ ହାତ ସତରେ ଅଙ୍କିତାର ହାତ ହୋଇ ଯାଆନ୍ତାନି..। ଭାବନା ଭାବନାରେ ରହିଗଲା.....।

ଜୀବନର ସେଇ ବହୁ ପ୍ରତିକ୍ଷୀତ ରାତି ଯେ ମୋ ପାଇଁ ଯନ୍ତ୍ରଣାର ଘର ତିଆରି କରିବ.. ଏହା କେବେବି ସ୍ୱପ୍ନରେ ସୁଧା ଭାବିନଥିଲି । ସବୁ ମରୀଚିକା ମନେହେଉଥିଲା... ସବୁ ସ୍ୱପ୍ନ ମୋର ଜଳି ପୋଡି ପାଉଁଶ ହୋଇ ଯାଉଛି.. ମୁଁ କାନ୍ଦୁଛି ମୋ ଲୁହ ଦେଖି ପାରୁନାହାନ୍ତି..। ପାଖ ରୁମର ବାସ୍ନା ଭାସିଆସୁଛି... ଆଖି ବୁଜି ଦେଲି ଅଙ୍କିତାର ସେଇ ହସ ହସ ମୁହଁ.... ଛାଟିପିଟି ଲାଗୁଥିଲା....। ଚୁପ ଚାପ ମୁହଁ ମାଡି ଶୋଇପଡିଲି..। କାହାର ସ୍ୱର୍ଶରେ ଉଠି ଚାହିଁଲି.. ରୀନା ଭାଉଜ, ମୋ ମାଉସୀ ପୁଅ ପ୍ରତାପ ଭାଇରସ୍ତୀ... ସେ ମୋତେ କହୁଥିଲେ.. ଚାଲ ଚାଲ ଏଠି ନୁହଁ ସେଇ ରୁମ.. ମୋ ହାତଧରି ନେଇ ଛାଡି ଦେଲେ...। ମୁଁ ନିରୀହ ହରିଣ ଶିଶୁସାବକ କିଂକର୍ତ୍ତବ୍ୟ ବିମୂଢ଼ ଅବସ୍ଥା ।ପାଦ ରଖୁ ରଖୁ ନିଜକୁ କାହିଁ କୁଆଡେ ହଜେଇ ଦେଲି... ଅଙ୍କିତା ବିନା ମୋତେ କିଛିବି ଦିଶୁନଥିଲା... ଆଖି ବୁଜି ବସିପଡ଼ିଲି ବେଡ଼ ଉପରେ ଭଗବାନଙ୍କୁ ଡାକୁଥିଲି.. ମୋ ପାଦରେ ସ୍ନିଗ୍ଧ ସ୍ୱର୍ଶ ପାଇଁ ଚାହିଁଲି.... ଅଳ୍ପ ତନୁପାତଳୀ ଝିଅଟି... ବିମୋହିତ ହୋଇଗଲି ଇଏ କେଉଁ ବାସନା, ଯାହା ଅଙ୍କିତା ଦେହର, ସେଦିନ ବାଇକିରେ ଗଲାବେଳେ ଓଃ.. ମୁଁ ଏତେ ଭାବୁଛି ବୋଲି ସେମିତି ଅନୁଭବ ହେଉଛି.... । ଧୀରେ ଖୁବ୍ ଲାଜ ଲାଜ ହୋଇ ସେଇ ଅପରିଚିତ ଝିଅଟି କହୁଥିଲା.. କଣ ଏତେ ଭାବୁଛ.. ଆଖି ବୁଜି ଜାଣିପାରିଲି ମୁଁ ପାଗଳ ହୋଇଯିବି ଏଇ ସ୍ୱର ମଧ୍ୟ ଅଙ୍କିତାର ଓଃ ଭଗବାନ.... ମୋତେ ରକ୍ଷାକର... ଅନେକ ଆବେଗରେ ବିଛଣାରେ ଗଡ଼ିପଡ଼ିଲି.. ମୋର ସାରା ସତ୍ତାକୁ ଅଙ୍କିତା କବଳିତ କରିସାରିଥିଲା... ସାର .. ସାର ମୋତେ କଣ ପାଇ ଆପଣ ସନ୍ତୁଷ୍ଟ ନୁହଁନ୍ତି, ଆଖି ଖୋଲି ଚାହିଁଲି ମୋ ମୁହଁ ପାଖରେ ଅଙ୍କିତାର ସେଇ ମୁହଁ, ବଧୂବେଶରେ ଖୁ ସୁନ୍ଦର ଲାଗୁଥିଲା । ସେ... ଖୁସିରେ ମୋ ଆଖିରୁ ଲୁହ ଚାଲିଆସିଲା.. ତାହେଲେ ସତ୍ୟଭାମାପୁର ଅଙ୍କିତାର ନିଜ ଗାଁ... ମୁଁ ନିଜକୁ ହଜାଇ ଦେଇଥିଲି । ଦୁନିଆର ସବୁ ଖୁସି ଆଉ ସୁଖ ମୋତେ ଏମିତି ମିଳିଯିବ ବୋଲି କେବେ ବିଶ୍ୱାସ କରିପାରୁନଥିଲି । ♥

## ପଢ଼ିବା ପରେ...

# ଅନ୍ୟ ଏକ ଆକାଶ






ରସାୟନ ବିଜ୍ଞାନ ପାଠ ସହିତ ସେ ପଢ଼େଇ ପାରନ୍ତି ରସାଳ ପ୍ରେମ ପାଠ। ଅଧ୍ୟାପନା ପରି ଏକ ବ୍ୟସ୍ତ ବହୁଳ ଜୀବନ ଭିତରୁ ସମୟ କାଢ଼ି ପାଠକଙ୍କୁ ପରସି ଦିଅନ୍ତି ରାଶି ରାଶି ଗପ। ସେ ହେଉଛନ୍ତି ସ୍ମୃତି ପଟ୍ଟନାୟକ । ଆମ ସମୟର ଜଣେ ପରିଚିତ ଗାଳ୍ପିକା । ଗୋଟିଏ ନିର୍ଦ୍ଦିଷ୍ଟ ଥିମ୍ କୁ ନେଇ ଏକ କାଳୀନ ପଚିଶଟି ଗଳ୍ପ ଲେଖିବା ଏକ ଦୁଃସାହସିକ ପଦକ୍ଷେପ ନିଶ୍ଚୟ। ସେ ସାହସ ସେ କରିଛନ୍ତି । ପ୍ରେମକୁ ନେଇ ତାଙ୍କର ଗଳ୍ପ ସଂକଳନ 'ଅନ୍ୟ ଏକ ଆକାଶ' ପ୍ରକାଶିତ ହୋଇଛି। ରତ୍ନଚିରା ଏହାର ପ୍ରକାଶନ ଭାର ସମ୍ଭାଳିଛନ୍ତି।

ଅପେରସନ ଟେବୁଲ ଉପରେ ନିଜର ପ୍ରେମିକାକୁ ମୂମୂର୍ଷ ଅବସ୍ଥାରେ ଦେଖି ଡାକ୍ତର ଶ୍ରୀମୟଙ୍କ ହୃତ୍‌ସ୍ପନ୍ଦନ ବଢ଼ି ଯାଇଛି। ହଜି ଯାଇଥିବା ଅତୀତ ସ୍ମୃତିର କଙ୍କାଳ ମାଂସାଳ ହୋଇ ତାଙ୍କ ଆଗରେ ଦଣ୍ଡାୟମାନ ହୋଇଛି। ଫଗୁଣ ସଞ୍ଜ, ନଈ ପଠା, ମଲ୍ଲୀ ଫୁଲର ବାସ୍ନା ଖେଳି ବୁଲିଛି ତାଙ୍କ ଚେମ୍ବର ସାରା। ଏମିତି ଏକ ଅସଫଳ ପ୍ରେମ କାହାଣୀରୁ ଆରମ୍ଭ ହୋଇଛି ତାଙ୍କର ସଫଳ ପ୍ରେମ ଗପ 'ଅସମାହିତ ପ୍ରଶ୍ନବାଚୀ।'

ଅର୍ଥ ଜୀବନରେ ସବୁ କିଛି ବୋଲି କିଛି ଲୋକ ଭାବୁଥାଇ ପାରନ୍ତି ମାତ୍ର ପ୍ରେମହୀନ ଜୀବନରେ ଅର୍ଥ କଣ ରଙ୍ଗ ଭରି ପାରେ ! କେବେ ନୁହେଁ। ନହେଲେ କଣ ପ୍ରଫେସର ବୃନ୍ଦାଦିତ୍ୟ ଆଉ ଡାକ୍ତର ଅମ୍ରିତା ତୁଳୀତଳ୍ପ ଶେଯରେ ଶୋଇ ପରସ୍ପରକୁ ଝୁରୁ ଥାନ୍ତେ ! ସବୁ ପାଇ କିଛି ନ ପାଇବାର ଆବସୋସରେ କମାର ଶାଳର ଆଞ୍ଚ ପରି ଜଳୁଥାନ୍ତେ ! 'ଜୀବନ ରଙ୍ଗ' ର ଜୀବନ୍ତ ବର୍ଣ୍ଣନା ଦାମ୍ପତ୍ୟର ଭିନ୍ନ ଏକ ଲୁହ ଭିଜା କାହାଣୀ। ସମ୍ପର୍କ ଲୁହାର ଜଞ୍ଜିର ପରି। ତାକୁ ଛିଣ୍ଡାଇ ଯାଇ ହୁଏନି। ସେଠୁ ମୁକୁଳି ହୁଏନି ସହଜରେ। ନହେଲେ କଣ ଲିସିତା ତା ନିଷ୍ପତ୍ତି ବଦଳେଇ ଥାନ୍ତା ? ଯୋଉ ମୁହୂର୍ତ୍ତକୁ ସେ ପାଗଳୀ ପରି ପ୍ରତୀକ୍ଷା କରିଥିଲା ସେଇ ମୁହୂର୍ତ୍ତ ତା ହାତ ଭିଡୁଥିବା ବେଳେ ସେ ନିଜକୁ ନିଜେ ହୁଗୁଳେଇ ଆଣିଥାନ୍ତା ! 'ସମ୍ପର୍କର ରଙ୍ଗ ' ବୁଝେଇ ଦେବ ରକ୍ତ ସମ୍ପର୍କ ପାଖରେ ବି ପ୍ରେମ ଫିକା।

'ପ୍ରତିକ୍ଷୀତ ଲଗ୍ନ ' ଏକ ସଫଳ ପ୍ରେମ କଥା, ଯେଉଁଠି ଆକାଶ ଆଉ ପୂଜା ପରସ୍ପରକୁ ପାଇ ପାରିଛନ୍ତି। ଅନ୍ୟ ଏକ ଗଳ୍ପରେ ଏକ ବର୍ଷଣ ମୁଖର ସନ୍ଧ୍ୟାରେ ପ୍ରଫେସର ନିର୍ମାଲ୍ୟ ଏବଂ ଅଧ୍ୟାପିକା ନୀଳୁ ପରସ୍ପରକୁ ଭେଟନ୍ତି ଏଟିମ କାଉଣ୍ଟର ଭିତରେ। କୌଣସି ଏକ ସିନେମାର ନାୟକ ନାୟିକା ପରି ଗୋଟିଏ ବଜ୍ରପାତରେ ପରସ୍ପରକୁ ଜଡେଇ ଧରନ୍ତି ଆଉ ତାଙ୍କ ଭିତରେ ପ୍ରେମର ବୀଜ ବପନ ହୁଏ। ଗଳ୍ପର ଅନ୍ତିମ ପର୍ଯ୍ୟାୟରେ ନାଟକୀୟ ଢଙ୍ଗରେ ଜଣାପଡ଼େ ଉଭୟ ପିଲାଦିନର ସାଙ୍ଗ। ପରସ୍ପରକୁ ପ୍ରତୀକ୍ଷାକରି ଜୀବନ ଆଉ ଯୌବନକୁ ହଜେଇ ଦେବାକୁ ବସିଥିବା ଦୁଇ ପ୍ରେମୀ ଯୁଗଳ ପୁଣି ଅନ୍ତରଙ୍ଗ ହୋଇ ଯିବାର ପ୍ରେମ କାହାଣୀ 'ବର୍ଷା : ଏକ ଅନ୍ୱେଷଣ'।

ଏକଦା କଲେଜ କ୍ୟାମ୍ପସରେ ନିର୍ଦ୍ଦ୍ୱନ୍ଦ୍ୱରେ ଉଡ଼ି ବୁଲୁଥିବା ଦୁଇଟି ପ୍ରେମ ପକ୍ଷୀ ହେଲେ ଆକାଶ ଏବଂ ସିକତା। କଲେଜ ଶିକ୍ଷା ସମାପ୍ତ ପରେ ଉଚ୍ଚ ଶିକ୍ଷା ପାଇଁ ଆକାଶ ଚାଲିଯାଏ ସୁଦୂର ଦିଲ୍ଲୀ। ସିକତା ଜୀବନ ଯୋଡି ହୋଇଯାଏ ଆଉ କାହା ସହ। କ୍ୟାମ୍ପସର ପ୍ରେମ ଧୂଳିସାତ ହୋଇଯାଏ। ଏତିକିରେ ସରେନି ସିକତା ଜୀବନର କଳାରାତି। ଅସମୟରେ ବିଧବା ହୁଏ ଆଉ ସମ୍ପର୍କୀୟଙ୍କ ଦ୍ୱାରା ବଳାତ୍କାରର ଶିକାର ହୋଇ ପାଗେଳୀ ହୋଇଯାଏ। ଶେଷକୁ ରେଳ ଦୁର୍ଘଟଣାରେ ଶେଷ ହୁଏ ଗୋଟିଏ ଅଭିଶପ୍ତ ପ୍ରେମ କାହାଣୀ 'ଅସ୍ତରାଗ'।

ବହିର ଶୀର୍ଷକ ଗଳ୍ପ 'ଅନ୍ୟ ଏକ ଆକାଶ' ଭିନ୍ନ ଧରଣର ପ୍ରେମ କାହାଣୀ। ଯେଉଁଠି ଅନେକ ବର୍ଷ ପରେ ଦୁଇ ସହପାଠୀ ପରସ୍ପରକୁ ଭେଟୁଛନ୍ତି। ସୁଚିତ୍ରା ଆଉ କୈବଲ୍ୟ। ଅସମୟରେ ବୈଧବ୍ୟ ଯନ୍ତ୍ରଣା ଭୋଗି ମୃତ ସ୍ୱାମୀର ସ୍ମୃତି ରକ୍ଷା ପାଇଁ ସେ କୈବଲ୍ୟର ସହଯୋଗ ଲୋଡ଼ିଛି। ଦୁଇ ବାଲ୍ୟବନ୍ଧୁ ପୁଣି ଅତୀତରେ ହଜିଛନ୍ତି ଆଉ ପରସ୍ପର ସହ ହାତ ମିଳେଇଛନ୍ତି।

ଯେହେତୁ ଲେଖିକା ଜଣେ ଅଧ୍ୟାପିକା ଆଉ ନାରୀ ତେଣୁ ତାଙ୍କର ଅଧିକାଂଶ ଗଳ୍ପର ପ୍ଲଟ କ୍ୟାମ୍ପସର ପ୍ରେମ କାହାଣୀକୁ ନେଇ ସମୃଦ୍ଧ ଏବଂ ନାରୀ ମନସ୍ତତ୍ତ୍ୱର ଚମତ୍କାର ବିଶ୍ଳେଷଣ ଦେଖିବାକୁ ମିଳିବ। ସଂକଳନର ଅଧିକାଂଶ ଗଳ୍ପ ଘଟଣା ବହୁଳ ଏବଂ କାହାଣୀଧର୍ମୀ । ସଂକଳନଟି ଆଦୃତି ଲାଭ କରିବାର ଆଶା କରାଯାଏ। ♥



ସମୀକ୍ଷା : ବିପ୍ଲବ
ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

# ପ୍ରଧାନଶିକ୍ଷକ ବିୟୋଗରେ ଶୋକସଭା



ବସ୍ତା୧୨।୪(ନିପ୍ର) ବସ୍ତା ୟୁ ଜି ମଇ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧା ସିନ୍ଧୁ ସାମନ୍ତ ରାୟ (୮୦)ବର୍ଷରେ ମୃତ୍ୟୁବରଣ କରିଛନ୍ତି। ଏ ନେଇ ବସ୍ତା ଅବସର ପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇ ଯାଇଅଛି । ସଂଘର ଉପସଭାପତି ଶଙ୍କର କୁମାର କର ସମ୍ପାଦକ କୁମୁଦ ରଞ୍ଜନଗିରି ସହ ସମ୍ପାଦକ ଶ୍ରୀପତି ଚରଣପାତ୍ର ପ୍ରକାଶ ଚ ନ୍ଦ୍ର ବେହେରା କମଳାକାନ୍ତ ବେହେରା ବିଶ୍ୱମ୍ଭରଗିରି ସମେତ ବାଲିଆପାଳ ଅବସର କର୍ମଚାରୀ ସଂଘର ସଦସ୍ୟ ନରସିଂହ ବିଶ୍ୱାଳ ବିର୍ଷ୍ଣୁପଦଗିରି ସମେତ ବହୁ ମାନ୍ୟଗନ୍ୟବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ସାମନ୍ତ ରାୟଙ୍କ ଉଦ୍ୟେଶ୍ୟରେ ୨ମିନିଟ ନିରବ ପ୍ରାର୍ଥନା କରିଥିଲେ । ସେଜଣେ ମିଷ୍ଟଭାଷି ସୁ ସଂଗଠକ ଧର୍ମପରାୟଣ ବ୍ୟକ୍ତିଭାବେ ଅଞ୍ଚଳରେ ବେଶ ଯଣାଶୁଣାଥିଲେ । ତାଙ୍କ ଅମର ଆତ୍ମାର ସଦଗତି ହେଉ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

# ଏମସିଏଏମର ଓଡ଼ିଆ ବିଭାଗ ଦ୍ୱାରା ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା




ବାରିପଦା,୧୨/୦୪(ନି.ପ୍ର)- ସ୍ଥାନୀୟ ମହାରାଜ ପୁର ସ୍ଥିତ ମୟୁରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜେମେଣ୍ଟ ଓଡ଼ିଆ ବିଭାଗ ଦ୍ୱାରା ଶେଷ ବର୍ଷ ଛାତ୍ରଛାତ୍ରୀ ମାନଙ୍କ ଉଦେଶ୍ୟରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି. ଏକ ବର୍ଣାଢ୍ୟ ଉତ୍ସବରେ ଏହି ମହାବିଦ୍ୟାଳୟ ର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜର ଅବିଭାଷଣ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ସେମାନଙ୍କର ପରବର୍ତ୍ତି ଶିକ୍ଷା ର ବିଭିନ୍ନ ଦିଗ ଓ ଭବିଷ୍ୟତ ପାଇଁ ନିଜକୁ କିପରି ପ୍ରସ୍ତୁତ କର୍ବି। ପାଇଁ ବିଭିନ୍ନ ମାର୍ଗ ବତାଇ ଥିଲେ. ସମ୍ମାନିତ ଅତିଥି ଭାବେ ବି ଏ ଏଲ ଏଲ ବି ବିଭାଗର ଅଧ୍ୟାପକ ଜ୍ଞାନରଞ୍ଜନ ପଣ୍ଡା ଯୋଗ ଦେଇ ବିଦାୟୀ ଛାତ୍ରଛାତ୍ରୀ ମାନଙ୍କୁ ସବୁଜ ଭବିଷ୍ୟତ ପାଇଁ ଆଗାମୀ କିଛି ବର୍ଷ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ. ପ୍ରାରମ୍ଭ ରେ ଓଡ଼ିଆ ବିଭାଗର ବରିଷ୍ଠ ଅଧ୍ୟାପକ ଡ଼ ଠାକୁରା ଚରଣ ମାରାଣ୍ଡି ସ୍ୱାଗତ ଭାଷଣ ଦେଇଥିଲେ. ଓଡ଼ିଆ ବିଭାଗର ଅଧ୍ୟାପିକା ତୃପ୍ତି ଦାସ ଓ ଅଧ୍ୟାପିକା କିରଣ୍ବାଲା ବାସ୍କେ ଛାତ୍ରଛାତ୍ରୀ ମାନଙ୍କ ସହ ନିଜର ଅନୁଭୂତି ବର୍ଣନା କରିବା ବେଳେ ଭାବବିହ୍ୱଳ ହୋଇପଡ଼ିଥିଲେ. ଅନ୍ୟ ବିଭାଗ ର ଅଧ୍ୟାପିକା ସୁଜାତା ପାଲ, ଶସ୍ମିତା ସି, ସଂଯୁକ୍ତା ମହାନ୍ତ, ପୂଜା ଶତପଥି, ଭାବନା ଭଞ୍ଜଦେଓ ଓ ଅଧ୍ୟାପକ ଅଭିଜିତ ପଟ୍ଟନାୟକ ଯୋଗ ଦେଇ ନିଜର ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ବହୁ ଉପଦେଶ ଦେଇଥିଲେ. କନିଷ୍ଠ ଛାତ୍ରଛାତ୍ରୀ ମାନେ ସ୍ନାତକୋତ୍ତର ବିଭାଗର ଚତୁର୍ଥ ସେମିଷ୍ଟାର ଓ ସ୍ନାତକ ରେ ଷଷ୍ଠ ସେମିଷ୍ଟାର ଛାତ୍ରଛାତ୍ରୀ ମାନଙ୍କୁ ଓଡ଼ିଆ ପରମ୍ପରା ଅନୁଯାୟୀ ବନ୍ଦାପନା କରି ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ. ମହାବିଦ୍ୟାଳୟ ର ଉପାଧକ୍ଷ୍ୟା ସଂଘମିତ୍ରା ରାଉତ ସଭାପତିତ୍ୱ କରିଥିବା ବେଳେ ସ୍ନାତକୋତ୍ତର ବିଭାଗର ଶେଷ ବର୍ଷର ଛାତ୍ରି ଲିଜାରାଣୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଓ୍ୱାକଫ ଆଇନକୁ ବିରୋଧ କରି ...

ଯେତେବେଳେ ପୋଲିସ କର୍ମଚାରୀମାନେ ସେମାନଙ୍କୁ ଜାତୀୟ ରାଜପଥରୁ ହଟାଇବାକୁ ଗଲେ , ପ୍ରଦର୍ଶନକାରୀମାନେ ପୋଲିସ ଉପରକୁ ପଥର ମାଡ଼ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣା ଯୋଗୁଁ ଜାତୀୟ ରାଜପଥ ଘଣ୍ଟା ଘଣ୍ଟା ଧରି ଜାମ୍ ହୋଇ ରହିଥିଲା, ଯାହା ଫଳରେ ଯାତ୍ରୀମାନଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା । ବିକ୍ଷୋଭକାରୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ମଧ୍ୟ କଠୋରତା ଦେଖାଇଥିଲା । ପୋଲିସ ଭିଡ଼କୁ ଘଉଡ଼ାଇବା ପାଇଁ ଲାଠିଚାର୍ଜ କରିଥିଲା ଏବଂ ଲୁହ ବୁହା ଗ୍ୟାସ୍ ସେଲ୍ ଫୁଟାଇଥିଲେ ।

# ୧୪ ଓ ୧୫ ତାରିଖରେ ଝଡ଼ ସାଙ୍ଗକୁ ବଜ୍ରପାତ: ପବନ ଓ ଭୀଷଣ ବର୍ଷା ନେଇ କେତେକ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ

ଭୁବନେଶ୍ୱର, ୧୨/୪ (ନି.ପ୍ର): ଆଗାମୀ ଦୁଇ ଦିନ ଏବଂ ୧୬ ତାରିଖରେ ଝଡ଼ ସାଙ୍ଗକୁ ବଜ୍ରପାତ ଓ ପବନ ନେଇ ରାଜ୍ୟର କେତେକ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ୧୪ ତାରିଖ ଓ ୧୫ ତାରିଖରେ ଝଡ଼ ସାଙ୍ଗକୁ ବଜ୍ରପାତ, ପବନ ଓ ଭୀଷଣ ବର୍ଷା ନେଇ କେତେକ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ଆଜି ସକାଳ ଠାରୁ ଆସନ୍ତାକାଲି ସକାଳ ସୁଦ୍ଧା ଝଡ଼ ସାଙ୍ଗକୁ ବଜ୍ରପାତ ଓ ପବନ ନେଇ ୧୩ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ରାୟଗଡ଼ା, କୋରାପୁଟ । ଏହି ସମୟରେ ତନ୍ମଧ୍ୟରୁ କେତେକ ସ୍ଥାନରେ ପବନର ବେଗ ଘଂଟା ପ୍ରତି ୩୦ରୁ ୪୦ କି.ମି. ଏବଂ ଅନ୍ୟ କେତେକ ସ୍ଥାନରେ ରହିପାରେ । ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କି.ମି. ରହିପାରେ ।

୧୩ ତାରିଖ ସକାଳ ଠାରୁ ୧୪ ତାରିଖ ସକାଳ ସୁଦ୍ଧା ଝଡ଼ ସାଙ୍ଗକୁ ବଜ୍ରପାତ ଓ ପବନ ନେଇ ୮ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ୧୪ ତାରିଖ ସକାଳ ଠାରୁ ୧୫ ତାରିଖ ସକାଳ ସୁଦ୍ଧା ଝଡ଼ ସାଙ୍ଗକୁ ବଜ୍ରପାତ, ପବନ ନେଇ ୯ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ତନ୍ମଧ୍ୟରେ ଭୀଷଣ ବର୍ଷା ନେଇ ଦୁଇ ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝରକୁ ଚେତାବନୀ ଜାରି ହୋଇଛି ।୧୫ ତାରିଖ ସକାଳ ଠାରୁ ୧୬ ତାରିଖ ସକାଳ ପର୍ଯ୍ୟନ୍ତ ୧୩ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ତନ୍ମଧ୍ୟରେ ଭୀଷଣ ବର୍ଷା ନେଇ ଦୁଇ ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝରକୁ ଚେତାବନୀ ଜାରି ହୋଇଛି ।୧୬ ତାରିଖ ସକାଳ ଠାରୁ ୧୭ ତାରିଖ ସକାଳ ସୁଦ୍ଧା ୯ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ୫୦ ଟଙ୍କା ପାଇଁ ବନ୍ଧା ପଡ଼ିଲା ଭୋଗ ଡଲା



ଲଙ୍ଗଳେଶ୍ୱର,୧୨/୪(ନିପ୍ର) ଜଜମାନର ମଙ୍ଗଳ କାମନା କରିଥାଏ ପୁରୋହିତ। ପୁରୋହିତ ଜଜମାନର ପୂଜାର୍ଚ୍ଚନା ପାଇଁ ଜୋରଜବରଦସ୍ତ ଅଧିକ ଅର୍ଥଦାବି କରିବା ସହିତ ୫୦ ଟଙ୍କା ପାଇଁ ବନ୍ଧା ପଡ଼ିଲା ଭୋଗ ଡଲା ।ଏପରି ଏକ ନିନ୍ଦନୀୟ ଘଟଣା ଘଟିଛି ଲଙ୍ଗଳେଶ୍ୱର ଶିବମନ୍ଦିର ରେ। ଘଟଣାରୁ ପ୍ରକାଶ ବାଲିଆପାଳ ବ୍ଲକ ବାଲିକୁଟୀ ଗ୍ରାମର ସଞ୍ଜୟ ଗିରି ଓ ସ୍ତ୍ରୀ ଅମିତା ଗିରି ତାଙ୍କ ଛୁଆର ଚୁଟି ପକାଇବାପାଇଁ ଲଙ୍ଗଳେଶ୍ୱର ଶିବ ମନ୍ଦିରକୁ ଆସିଥିଲେ। ମନ୍ଦିରର ପୂଜକ ଶ୍ରୀ ନଟ ବର ମିଶ୍ର ୩୫୦ ଟଙ୍କା ଦେବାକୁ କହିଥିଲେ ମାତ୍ର ଶ୍ରୀ ଗିରି ୩ ଶହ ଟଙ୍କା ଦେଇ ଥିଲେ । ଏହାପରେ ପୂଜାର୍ଚ୍ଚନା ହୋଇଥିଲା। ପୂଜା ସରିବାପରେ ପୂଜକ ନଟ ବର ମିଶ୍ର ଆଉ ୫୦ ଟଙ୍କା ମାଗିଥିଲେ ମାତ୍ର ଶ୍ରୀ ଗିରି ୫୦ ଟଙ୍କା ନଦେବାରୁ ଭୋଗ ଡଲା ଟିକୁ ଛଡ଼ାଇ ନେଲେ ପୂଜକ ଜଣଙ୍କ। ପୂଜକଙ୍କ ଏପରି ଅମାନୁଷିକ କାର୍ଯ୍ୟକଳାପ ରେ ଅସନ୍ତୋଷ ପ୍ରକାଶ କରିଛନ୍ତି ଲଙ୍ଗଳେଶ୍ୱର ଅଞ୍ଚଳର ଜନସାଧାରଣ। ତେବେ କମିଟି ଦ୍ୱାରା ଏହି ଦର ଧାର୍ଯ୍ୟ ହୋଇଛି ବୋଲି ଶ୍ରୀ ମିଶ୍ର କହିଛନ୍ତି।

# ପ୍ରଜ୍ଞାଭାରତୀ ଶିକ୍ଷାକେନ୍ଦ୍ରରେ ବାର୍ଷିକଉତ୍ସବ



ବସ୍ତା୧୨.୪(ନିପ୍ର) ବସ୍ତା ବ୍ଲକ ବାହାର୍ଦ୍ଦା ପଞ୍ଚାୟତ ବାହାର୍ଦ୍ଦାସ୍ଥିତ ପ୍ରଜ୍ଞାଭାରତୀ ଶିକ୍ଷା କେନ୍ଦ୍ରରେ ବାର୍ଷିକ ଉତ୍ସବରେ ଶିକ୍ଷକଙ୍କୁ ଗୁରୁ ଗୌରବ ସମ୍ମାନ ଓ କ୍ରିଡା ଉତ୍ସବରେ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ ୫ମ ଶ୍ରେଣୀରୁ ଆଦର୍ଶବିଦ୍ୟାଳୟକୁ ସର୍ବୋତ୍ତମ ନମ୍ବରରଖି ଉତ୍ତିର୍ଣ୍ଣ ୩ଜଣ ଛାତ୍ରଛାତ୍ରୀଙ୍କୁ ଉତ୍ତରୀୟ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷାକେନ୍ଦ୍ରର ସ୍ଥାୟୀ ସଭାପତି ପରିବେଶବିତ ଯୁବ ସମାଜସେବୀ ସୁମନ୍ତ କୁମାର ଜେନାଙ୍କ ପୌର ହିତ୍ୟରେ ଏକ ସଭାର ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ କୁଡିଆ ସରପଞ୍ଚ ଗୌରାଙ୍ଗ ଚରଣ ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ମାଣିଦା କଲେଜର ଅଧ୍ୟାପକ ଦିଲ୍ଲୀପ କୁମାର ଭୋଇ ସମ୍ମାନୀତ ଅତିଥି ଅବସର ପ୍ରାପ୍ତ ଶାନ୍ତିଲତା ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ବେହେରା. ସମାଜସେବୀ ଗୋପାଳକୃଷ୍ଣ ଗିରି ପ୍ରକାଶ କୁଣ୍ଡୁ ଧିରେନ ସେଠୀ ରତିକାନ୍ତ ପଣ୍ଡା ଯୋଗ ଦେଇ କୁନିକୁନି କୋମଳମତୀ ପିଲାମାନଙ୍କୁ ଗଢି ତୋଳିବାର ପ୍ରମୁଖ ଭୂମିକା ଗୁରୁଜୀ ଗୁରୁମା ଓ ମା ବାପାଙ୍କର ଭୂମିକା ଗୁରୁତ୍ୱ ପୂର୍ଣ୍ଣ । ତତ୍ ସହିତ ଶିକ୍ଷା ସାଙ୍ଗକୁ ନାଚଗୀତ ଖେଳ କସରତ ନିତ୍ୟାନ୍ତ ଜରୁରି ବୋଲି ମତବ୍ୟକ୍ତ କରିଥିଲେ। ବନମାଳୀ ଗୁରୁଜୀ ମଞ୍ଚ ଆହ୍ୱାନ କରିଥିବା ବେଳେ ଅତିଥି ପରିଚୟ ଶିକ୍ଷାକେନ୍ଦ୍ରର ସମ୍ପାଦକ ଅଧ୍ୟାପକ ହିରନ୍ୟ କୁମାରବିଶ୍ୱାଳ ବାର୍ଷିକ ବିବରଣୀପାଠ ପ୍ରଧାନଶିକ୍ଷକ ଗକୁଳଚନ୍ଦ୍ର ବେହେରା କରିଥିଲେ। ସହକାରୀ ଶିକ୍ଷୟତ୍ରୀ ଗିରିଜାବାଳା ଘୋଷ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ ।

# ତାସ୍‌ର ପତା ପରି ବିଜେଡି ଭାଙ୍ଗିଯିବ: ଜୟନାରାୟଣ ମିଶ୍ର

ଭୁବନେଶ୍ୱର,୧/୦୪ (ନି.ପ୍ର) ବିଜେଡି ଓ ଭିକେ ପାଣ୍ଡିଆନଙ୍କୁ ନେଇ ବିସ୍ଫୋରକ ବୟାନ ଦେଇଛନ୍ତି ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର । ପାଣ୍ଡିଆନଙ୍କୁ ପରୋକ୍ଷରେ ଟାର୍ଗେଟ୍ ସେ କହିଛନ୍ତି, ମୁଁ ବିଜେଡି ନେତାଙ୍କୁ ସାହସ ଦେଇଛି, ସମସ୍ତେ ତାଙ୍କ ନାଁରେ କହୁଛନ୍ତି। ଆହୁରି ଅଧିକ ନେତା କହିଲେ ସେ ଲୋକ ଏକ୍ସପୋଜ ହେବ। ଓଡ଼ିଶାର ଖଣି, ପାଣି ଯିଏ ଲୁଟିଛି ତାକୁ ଛଡ଼ାଯିବା ଉଚିତ ନୁହେଁ । ଭିକେ ପାଣ୍ଡିଆନଙ୍କ ସହ ନବୀନଙ୍କ କେମିଷ୍ଟ୍ରି ମୁଁ ଜାଣିନି, ଏତେ ସବୁ ହେଲା ପରେ ବି ନବୀନଙ୍କ ବୁଦ୍ଧି ଉଦୟ ହେଉନି। ବହୁତ ଦିନର ସଂଚିତ କ୍ରୋଧ ବିଦ୍ରୋହର ରୂପ ଧାରଣ କରିବ ବୋଲି ଜୟନାରାୟଣ କହିଛନ୍ତି । ସେ ଆହୁରି କହିଛନ୍ତି ବିଜେପି ହୁଇସିଲ ଫୁଙ୍କିଲେ ବିଜେଡି ଭାଙ୍ଗିବ। ଆମେ ହୁଇସିଲ ଅପେକ୍ଷାରେ ଅଛୁ। ଯେଉଁଦିନ ଫୁଙ୍କା ହେବ ସେଦିନ ବିଜେଡି ଗୋଲ ହୋଇଯିବ। ତାସ୍‌ର ପତା ପରି ବିଜେଡି ଭାଙ୍ଗିଯିବ। ରାଜ୍ୟସଭାରେ ଦେଖିଲେ, ବିଧାନସଭାରେ ବି କ'ଣ କରୁଛନ୍ତି । ବିଜେଡି ଲୋପ ପାଇବା ବିଜେପିର ଇଚ୍ଛାଧୀନ ବିଷୟ । ବିଜେଡିର ସମସ୍ତେ ଯୋଗାଯୋଗରେ ଅଛନ୍ତି ଏବଂ ଆଗକୁ ଅନେକ କଥା ଘଟିବ ବୋଲି ଜୟନାରାୟଣ ମିଶ୍ର କହିଛନ୍ତି ।

# ଲଙ୍ଗଳେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ କାର୍ଡ ବଣ୍ଟନ




ଲଙ୍ଗଳେଶ୍ୱର ୧୨/୪(ନିପ୍ର) ଆଜି ଠାରୁ ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ ହୋଇଛି। ଏହି କ୍ରମରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ଲଙ୍ଗଳେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଯୋଜନାରେ ୨୦ ଜଣ ହିତାଧିକାରୀଙ୍କୁ ଅତିଥି ମାନଙ୍କ ଦ୍ୱାରା କାର୍ଡ ବଣ୍ଟନ କରାଯାଇଛି। କାର୍ଡ ବଣ୍ଟନ ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଥିଲା ଏଥିପାଇଁ ରାଜ୍ୟ ସରକାର ପ୍ରତ୍ୟେକ କାର୍ଡ ବଣ୍ଟନ ଉତ୍ସବ ଆୟୋଜନ କରିବାକୁ ୨ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହେବବୋଲି ଶୁଣିବାକୁ ମିଳୁଛି ଯଦି ଏହା ଠିକ୍ ହୋଇଥାଏ ତେବେ ସରକାରିକା ମାଲ ଦରିଆ ମେ ଡାଲ ପରି କଥାଟି ହେବ ।କାରଣ ଲଙ୍ଗଳେଶ୍ୱର ଠାରେ ଆୟୋଜିତ ସଭାରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି ।୨୦ ଟି କାର୍ଡ ବଣ୍ଟନ ପାଇଁ ଦୁଇ ଶହ ଲୋକଙ୍କ ଭିଡ଼ ହେଲାପରେ ଅସ୍ୱାସ୍ଥ୍ୟକର ପରିବେଶ ସାଙ୍ଗକୁ କାଦୁଓ ପଚପଚ ରେ ଖାଦ୍ୟ ଖାଇଲେ ଲୋକେ, ଖାଲି ଏତିକି ନୁହେଁ ନିମ୍ନମାନର ପାଣି ପାଉଚ। ସ୍ୱାସ୍ଥ୍ୟକେନ୍ଦ୍ରର ଅସ୍ୱାସ୍ଥ୍ୟକର ପରିବେଶ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ଲୋକେ। ଏହି ଉତ୍ସବ ପାଇଁ କେତେ ଟଙ୍କା ଖର୍ଚ୍ଚ ହେଲା ଅବ୍ୟବସ୍ଥା ଲାଗି ଦାୟୀ କିଏ ? ତା'ର ଉତ୍ତର କାହାରି ପାଖରେ ନାହିଁ। ଏହି କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ବ୍ଲକ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ପାତ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ତାଙ୍କ ମୋବାଇଲ ନଂ ୮୩୪୨୦୯୮୦୮୫ ରେ ବାରମ୍ବାର ଯୋଗାଯୋଗ କରିଥିଲେ ଆମ ଲଙ୍ଗଳେଶ୍ୱର ପ୍ରତିନିଧି ରବିରଞ୍ଜନ ତ୍ରିପାଠୀ, କିନ୍ତୁ କିଛି ଉତ୍ତର ମିଳିପାରିନାହିଁ।

# ବିଜିପୁର ଗ୍ରାମୀଣ ମହୋତ୍ସବରେ ଆଧ୍ୟାତ୍ମିକ ଚୈତନ୍ୟ ଝାଙ୍କି କାର୍ଯ୍ୟକ୍ରମ



ବଡ଼ସାହି ୧୨/୪ ବଡ଼ସାହି ବ୍ଲକର ମାଗୋବିନ୍ଦପୁର ଗ୍ରାମ ପଞ୍ଚାୟତର ବିଜିପୁରଗ୍ରାମରେ ପ୍ରଥମ ବାର୍ଷିକ ଗ୍ରାମୀଣ ମେଳା ଚାରିଦିନ ଧରି ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଗ୍ରାମୀଣ ମେଳାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ,ପାଟଳିପୁରା ଗୀତାପାଠା ଶାଳା ଏବଂ ବାଲେଶ୍ୱର ରେମୁଣାବ୍ଲକରେ ଥିବା ବାଲିପାଳ ଗୀତା ପାଠଶାଳାର ମିଳିତ ସହଯୋଗରେ ଏକ ଆଧ୍ୟାତ୍ମିକ ଚୈତନ୍ୟ ଝାଙ୍କି କାର୍ଯ୍ୟକ୍ରମ ବରିଷ୍ଠ ରାଜଯୋଗୀ ଭାସ୍କର ଚନ୍ଦ୍ର ଦୁର୍ଗାଙ୍କ ନିର୍ଦ୍ଦେଶନା ଏବଂ ବାଲିପାଳ ଗୀତା ପାଠ ଶାଳାର ଜୟନ୍ତ କୁମାର ମହାନ୍ତିଙ୍କର ମିଳିତ ନିର୍ଦ୍ଦେଶନାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ବ୍ରହ୍ମାକୁମାରୀ ଉଷାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଭାରତୀୟ ରେଡକ୍ରସ ସୋସାଇଟିର ଭାଇସ ପ୍ୟାଟ୍ରୋନ ତଥା ରାଜ୍ୟ ଜୁନିୟର ରେଡ଼କ୍ରସର ସିନିଅର ରିଶୋର୍ସପାର୍ଶନ ଡ଼କ୍ଟର ରମାକାନ୍ତ ମହାନ୍ତ ଏବଂ ମାଣତ୍ରୀ ଡାକ୍ତରଖାନାର ଯୋଗ ବିଭାଗର ଯୋଗ ଦାୟିତ୍ୱରେ ଥିବା ଯୋଗ ଡାକ୍ତରାଣୀ ସୁଶ୍ରୀ ସୁଜିତା ମହାନ୍ତି, ବିଜି ପୁର ଗ୍ରାମୀଣ ମେଳାର ସଭାପତି ଦୀପକ କୁମାର ସାହୁ, ସମ୍ପାଦକ ଅଜିତ କୁମାର ବାରିକ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ କ୍ଷ ଏହି ଶିବିରକୁ ବିହାର ପ୍ରଦେଶ ଅନ୍ତର୍ଗତ ମୁଜଫ୍ଫାପୁରର ବରିଷ୍ଠ ରାଜଯୋଗୀ ବିକେ ଦିଗବିଜୟ ଜୀ,ବିକେ ହେମନ୍ତ କୁମାର, ବିକେ ବାସୁଦେବ, ବିକେ ଧ୍ରୁବ,ବିକେ ଶରତ,ବିକେ ମମତା, ବିକେ ରଶ୍ମି,ବିକେ ଭାରତୀ, ହେମ ଲତା ପ୍ରମୁଖ ପରିଚାଳନା କରିଥିଲେ କ୍ଷ ଧନ୍ୟବାଦ ଅର୍ପଣ କରିଥିଲେ ବିକେ ମମତା ।

# ନ୍ୟାୟାଳୟର ଦ୍ୱାରସ୍ଥ ହେବ ନୀଳଗିରି ଜିଲ୍ଲା କ୍ରିୟାନୁଷ୍ଠାନ କମିଟି



ନୀଳଗିରି -୧୨/୪(ନି.ପ୍ର) : ନୀଳଗିରିକୁ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଁ ଚାଲିଥିବା ସଂଗ୍ରାମକୁ ଜୋରଦାର କରାଯିବା ସହିତ ଆଗାମୀ ଦିନରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବ ନୀଳଗିରି ଜିଲ୍ଲା କ୍ରିୟାନୁଷ୍ଠାନ କମିଟି। ଏନେଇ ଶୁକ୍ରବାର କ୍ରିୟାନୁଷ୍ଠାନ କମିଟିର ସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ନୀଳଗିରି ସର୍କିଟ ହାଉସ ଠାରେ ଏକ ବୈଠକ ବସିଥିଲା। ବୈଠକରେ ଦଳମତ ନିର୍ବିଶେଷରେ ନୀଳଗିରିକୁ ଜିଲ୍ଲାର ମାନ୍ୟତା ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା। ପ୍ରବୀଣ ବାମପନ୍ଥୀନେତା ତଥା ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଉପଦେଷ୍ଟା ସଦସ୍ୟ ନିରଞ୍ଜନ ବାରିକ ସଂଗଠନକୁ ମଜବୁତ କରିବାପାଇଁ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେଶ ଚନ୍ଦ୍ର ବେହେରା, ମନୋରଞ୍ଜନ ବେହେରା, ଅନାଦି ବେହେରା, ରେଖା ହେମ୍ବ୍ରମ, ସୁରେଶ ଚନ୍ଦ୍ର ଦାସ, ରବୀନ୍ଦ୍ର ସାହୁ, କାର୍ତ୍ତିକ ସାହୁ, ସୁନୀଲ ପ୍ରଧାନ, ପ୍ରକାଶ ଚୌଧୁରୀ, କରୁଣାକର ଭୂୟାଁ ପ୍ରମୁଖ ଉଦବୋଧନ ଦେଇ ସମସ୍ତ ସଦସ୍ୟମାନେ ନୀଳଗିରି ଜିଲ୍ଲା ଆନ୍ଦୋଳନକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ମେ ମାସ ପ୍ରଥମ ସପ୍ତାହରେ ଜିଲ୍ଲା ଦାବିନେଇ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ କମିଟି ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାଯାଇଛି। ପରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଗିରିଧାରୀ ବେହେରାଙ୍କ ବିୟୋଗରେ ଦୁଃଖପ୍ରକାଶ କରାଯାଇ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଗଣ୍ଡିବେଡ ହାଇସ୍କୁଲ ହୀରକ ଜୟନ୍ତୀ ସମାରୋହ ଉଦ୍‌ଘାଟିତ




ଖଇରା,୧୨/୦୪(ନି.ପ୍ର) ବାଲେଶ୍ୱର ଜିଲା ଖଇରା ବ୍ଲକ ଅନ୍ୟତମ ସୁନମାଧନ୍ୟ ଗଣ୍ଡିବେଡ ହାଇସ୍କୁଲର ୨ଦିନିଆ ହୀରକ ଜୟନ୍ତୀ ଉତ୍ସବ ଶନିବାର ଦିନ ଉଦଘାଟିତ ହୋଇ ଯାଇଛି । ଅପରାହ୍ନରେ ପ୍ରଥମ ଅଧିବେସନର ଆୟୋଜିତ ସଭାରେ ହିରକ ଜୟନ୍ତୀ କମିଟି ସଭାପତି ଅରୁଣ କୁମାର ପାଢୀ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରବଚକ ବିରେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇ ବର୍ତ୍ତମାନ ମାବାପା ମାନେ ପିଲାମାନଙ୍କୁ ଉଚ୍ଚଶିକ୍ଷିତ ଆଳରେ କିଭଳି ତଥ୍ୟ ବା ପୁସ୍ତକ ଗତବିଦ୍ୟା ଆହରଣ କରିବା କାର୍ଯ୍ୟରେ ଲାଗି ପଡିଛନ୍ତି । ହେଲେ ଆମେ ମୂଳତତ୍ତ୍ୱ ଭୁଲିଯାଇଛୁ ବୋଲି ପ୍ରକାଶ କରିଥିଲେ। ପ୍ରଧାନଶିକ୍ଷକ ଯଦୁନାଥ ଶିଅଳ ସମ୍ମାନୀତ ଅତିଥି, ଉପସଭାପତି ଅଭିମନ୍ୟୁ ରାଉଳ ପ୍ରାରମ୍ଭିକ ସୁଚନା, ଆଲୁମିନି ଉପଦେଷ୍ଟା ମଦନମୋହନ ମହଲା ସ୍ୱାଗତ ଭାଷଣ ଭାଷଣ,ସମ୍ପାଦକ ଅଭୟ କୁମାର ମହାନ୍ତି ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଦ୍ୟାଳୟରେ ଶିକ୍ଷକତା କରିଥିବା ପ୍ରାକ୍ତନ ଗୁରୁମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ମଧୁସୂଦନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।ସେହିଭଳି ସଂଧ୍ୟାରେ ଆୟୋଜିତ ପରବର୍ତ୍ତୀ ଅଧିବେସନରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୁର୍ବତନ କୁଳପତି ଡଃ କୁମରବର ଦାସ ମୁଖ୍ୟଅତିଥି, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଆଲୁମିନି ସଭାପତି ଇଂ ରାଜେଶ କୁମାର ମହାକୁଡ ଓ ସହ-ସମ୍ପାଦକ ମାନସ କୁମାର ରାଉଳ ମଞ୍ଚାସୀନ ଥିଲେ । ଓଡିଶା ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିବା ବେଳେ ଓଡିଶାର ଚର୍ଚ୍ଚିତ କଣ୍ଠଶିଳ୍ପୀ ତାରିକ ଅଜିତ ଙ୍କ ସଙ୍ଗୀତ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ପୁରାତନ ଛାତ୍ର ସହଯୋଗ କରିଥିଲେ ।

# ଓଡ଼ିଆ ପକ୍ଷ ପାଳନ : ଓଡ଼ିଶାର ବନ୍ଦନୀୟ ବରପୁତ୍ରଙ୍କ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ

ଭୁବନେଶ୍ୱର,୧୨/୦୪ : ୧୯୩୬ ମସିହା ଏପ୍ରିଲ ମାସ ୧ ତାରିଖରେ ଆମ ରାଜ୍ୟ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଭାବରେ ମାନ୍ୟତା ପ୍ରାପ୍ତ କରିଥିଲା। ଆମ ବରପୁତ୍ରମାନଙ୍କ ତ୍ୟାଗ ଓ ବଳିଦାନର ଫଳସ୍ୱରୂପ ଓଡ଼ିଶା ସ୍ୱତନ୍ତ୍ର ଭାଷା ଭିତ୍ତିକ ପ୍ରଦେଶ ଭାବରେ ଚିତ୍ରିତ ହୋଇପାରିଥିଲା। ।ସେହି ବରପୁତ୍ରମାନଙ୍କର ଆଦର୍ଶରେ ଅନୁପ୍ରାଣିତ ହେବା ସହିତ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଚିର ଉଜ୍ଜୀବିତ କରି ରଖିବା ପାଇଁ ଆଜି ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସ ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାମାନଙ୍କରେ ବରପୁତ୍ରମାନଙ୍କ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ,ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସମେତ ସ୍ଥାନୀୟ ଲେଖକ, କବି, ଶିକ୍ଷାବିତମାନେ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କର ଅମ୍ଳାନ ଅବଦାନର ସ୍ମୃତିଚାରଣ କରିଥିଲେ। ଓଡ଼ିଶାର ବରେଣ୍ୟ ବରପୁତ୍ରମାନଙ୍କ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହେବା ସହିତ ଆଜି କବିତା ପାଠୋତ୍ସବ, ପ୍ରବନ୍ଧ ଲିଖନ ଏବଂ ବକ୍ତୃତା ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଇଥିଲା। ଆମ ବରପୁତ୍ରମାନେ ହେଉଛନ୍ତି ଚିରନମସ୍ୟ। ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଦେବା ସହିତ ଆମ ଭାଷା, ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟକୁ ବଜାୟ ରଖିବା ପାଇଁ ସେମାନଙ୍କର ଅତୁଳନୀୟ ଅବଦାନ ରହିଥିଲା। ତେଣୁ ଆଜିର ଯୁବପିଢ଼ି ଆମ ବରପୁତ୍ରମାନଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ନିଜର ଯୋଗଦାନ ଦେବା ସହିତ ଓଡ଼ିଆ ସଂସ୍କୃତିକୁ ପୁନଃଷ୍ଚ ବିଶ୍ୱବିଦିତ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହେଉବୋଲି ବିଭିନ୍ନ ସାହିତ୍ୟିକ ଏବଂ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଥିଲେ।

# ଯୁବ କଂଗ୍ରେସର ନୂତନ ଓଡ଼ିଶା ପ୍ରଭାରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୨/୪ (ନି.ପ୍ର): କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଯୁବ କଂଗ୍ରେସର ନୂତନ ପ୍ରଭାରୀ ତଥା ଭାରତୀୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ମହେଶ ଦେଶମୁଖଙ୍କୁ ଶନିବାର ଯୁବ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଏବଂ ରାଜ୍ୟ କର୍ମକର୍ତ୍ତାଙ୍କର ଏକ ବୈଠକରେ ଯୋଗଦେଇ ଶ୍ରୀ ଦେଶମୁଖ କହିଲେ ଯେ ଓଡ଼ିଶାରେ ସ୍ୱେଚ୍ଛାଚାରୀ ବିଜେପି ସରକାର ବିରୁଦ୍ଧରେ ଯୁବ କଂଗ୍ରେସ ଦୁର୍ବାର ଆନ୍ଦୋଳନ କରିବ। ଦୀର୍ଘ ୯ମାସ ଅତିବାହିତ ହେଲାପରେବି ବିଜେପି ସରକାର ନିର୍ବାଚନୀ ପ୍ରତିଶ୍ରୁତି ଗୁଡ଼ିକୁ ପାଳନ କରିବାରେ ଅସମର୍ଥ ହୋଇଛନ୍ତି। ମହିଳାମାନଙ୍କୁ ସୁରକ୍ଷିତ ଓ ସ୍ୱାବଲମ୍ବୀ କରିବାପାଇଁ ପ୍ରତିଶ୍ରୁତି ଦେଇଥିଲେ ମାତ୍ର ମହିଳା ନିର୍ଯ୍ୟାତନ, ଦୁଷ୍କର୍ମ ଅନୀୟନ୍ତିତ ହୋଇପଡ଼ିଛି। ସେହିପରି ୩୦୦ ୟୁନିଟ ମାଗଣା ବିଜୁଳି ଦେବବେବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ସ୍ମାର୍ଟମିଟର ଲଗାଇ ଶୋଷଣ କରିବା ସହ ବାରମ୍ବାର ବିଜୁଳି କାଟ ଚାଲିଛି। ମାଗଣା ବିଜୁଳି କଥା ଆଉ ମୁହଁରେ ଧରୁନାହାନ୍ତି। ସେହିପରି ଓଡ଼ିଶାର ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସରକାରୀ ଡାକ୍ତରଖାନା ଏବଂ ମେଡିକାଲ କଲେଜରେ ୫୦ ପ୍ରତିଶତରୁ ଅଧିକ ଡାକ୍ତର ଏବଂ ଅନ୍ୟାନ୍ୟ ପଦବୀ ଖାଲିପଡ଼ିଛି। ଏଣୁ ଓଡ଼ିଶାରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଏକ ପ୍ରହସନରେ ପରିଣତ ହୋଇଛି। ସେହିପରି ସରକାରୀ ବିଶ୍ୱବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଉଚ୍ଚ ଓ ମାଧ୍ୟମିକ ବିଦ୍ୟାଳୟ ମାନଙ୍କରେ ଶିକ୍ଷକପଦବୀ ମରୁଡ଼ି ପଡ଼ିଥିବାରୁ ଘରୋଇ ଶିକ୍ଷାନୁଷ୍ଠାନ ବଢ଼ିଚାଲିଛି ଏବଂ ସରକାରୀ ଶିକ୍ଷାନୁଷ୍ଠାନର ଦୁର୍ଗତି କହିଲେ ନସରେ। ଅନ୍ୟପକ୍ଷରେ ମୋହନ ସରକାର ଚାଷୀ ଓ ଚାଷପ୍ରତି ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି। ବିନା କଟନୀ ଛଟନୀରେ ଚାଷୀର ସମସ୍ତ ଧାନକୁ କିଣିବାକୁ ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ଏବେ କଟନୀ ଛଟନୀ କରି ଚାଷୀଙ୍କୁ ଶୋଷଣ କରାଯାଉଛି। ସୁତରାଂ ପ୍ରଦେଶ ଯୁବ କଂଗ୍ରେସ ଜନବିରୋଧି ବିଜେପି ସରକାର ବିରୁଦ୍ଧରେ ରାଜ୍ୟବ୍ୟାପି ବ୍ୟାପକ ଆନ୍ଦୋଳନ କରିବ। ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ର କହିଥିଲେ ଯେ ବିଜେପି ସରକାର ଓଡ଼ିଶାର ବେକାର ଯୁବକଯୁବତୀ ମାନଙ୍କୁ ପ୍ରତାରିତ କରିଛନ୍ତି।

# ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ଓଡ଼ିଆ ପକ୍ଷ ପାଳନ



ଜଳେଶ୍ୱର,୧୨/୪-(ନିପ୍ର):ଚାରୁ ହାସ୍ୟମୟୀ,ଚାରୁ ଭାଷମୟୀ, ମହିମା ମଣ୍ଡିତ ଉତ୍କଳର ଐତିହ, ସଂସ୍କୃତି, ପ୍ରଥା ଓ ପରମ୍ପରା ସହିତ ଓଡ଼ିଆ ଭାଷା ସାହିତ୍ୟ ଏବଂ ଓଡ଼ିଆ ଅସ୍ମିତା କୁ ଅକ୍ଷୂର୍ଣ୍ଣ ରଖିବା ପାଇଁ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଛାତ୍ର ଛାତ୍ରୀମାନଙ୍କ ହୃଦୟରେ ଗୁଣାତ୍ମକ ଓଡ଼ିଆ ଚିନ୍ତନ, ଓଡ଼ିଆ ପଠନ ଆଉ ଶୁଦ୍ଧ ଓଡ଼ିଆ ଲିଖନ ଦ୍ୱାରା ଯୁବ ଲେଖକ, ଲେଖିକା ସୃଷ୍ଟି କରିବା ଲକ୍ଷ୍ୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେବାକୁ ଯାଇ 'ଓଡ଼ିଆ ପକ୍ଷ ପାଳନ' ଭଳି ଏକ ସୁନ୍ଦର କାର୍ଯ୍ୟକ୍ରମକୁ ସଫଳ କରିବାକୁ ଯାଉଛନ୍ତି।ସରକାରଙ୍କ ଏହି ସୁନ୍ଦର ପ୍ରୟାସ କୁ ସଫଳ କରିବା ପାଇଁ ଜଳେଶ୍ୱର ପୌରପାଳିକା ଅନ୍ତର୍ଗତ ପ୍ରତିଷ୍ଠିତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଓ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଏକ ସଭାର ଆୟୋଜନ କରା ଯାଇଥିଲା।ଉକ୍ତ କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ବିଭାଗର ମୂଖ୍ୟ ଶ୍ରୀ ଶ୍ରବଣ କୁମାର ନାଥ ଏବଂ ଶିକ୍ଷା ବିଭାଗର ଡେମୋନଷ୍ଟ୍ରେଟର ଶ୍ରୀ ନିଶ୍ଚଳ କୁମାର ଘଡେଇ ସଫଳ କରିବା ପାଇଁ ଦାୟିତ୍ୱ ର ସହିତ ପରିଚାଳନା କରିଥିଲେ। ବିଦ୍ୟାର୍ଥୀ ମାନଙ୍କ ଭାବନାରେ ଓ ପ୍ରତିଟି ଓଡ଼ିଆଙ୍କ ମନ ପ୍ରାଣରେ ଓଡ଼ିଆ ଅସ୍ମିତା କୁ ଜାଗ୍ରତ କରିବା ପାଇଁ ଦୃଢ଼ ଇଚ୍ଛାଶକ୍ତି ଏବଂ ଭାବପ୍ରବଣତାର ଆବଶ୍ୟକ ଅଛି ବୋଲି ଯୁକ୍ତି ଉପସ୍ଥାପନ କରିଥିଲେ।ଏହି ପ୍ରୟାସ ଜାରି ରଖିବା ସହିତ 'ଓଡ଼ିଆ ପଢ଼ିବା, ସଭିଏଁ ପଢ଼ିବା, ଆଗକୁ ବଢ଼ିବା, ଓଡ଼ିଶା ଗଢ଼ିବା' ଉକ୍ତ ନାରା ଦ୍ୱାରା ସମସ୍ତଙ୍କୁ ସଚେତନ କରିବା ଏବଂ ସମୟ ଉପଯୋଗୀ ଆବଶ୍ୟକତା ଅନୁଯାଇ ଗୁଣାତ୍ମକ ଓଡ଼ିଆ ପୁଷ୍ତକ କ୍ରୟ ଓ ପଢ଼ିବା ଅଭ୍ୟାସ କଲେ ଓଡ଼ିଆ ଭାଷା ସାହିତ୍ୟ ତଥା ଓଡ଼ିଆ ଅସ୍ମିତା ର ଧ୍ୱଜା ଚିରଦିନ ପାଇଁ ଫର୍ ଫର୍ ଉଡି ବିଶ୍ୱ ଦରବାରରେ ଆମ ଓଡ଼ିଆ ଅସ୍ମିତା ର ଗାଥା କର୍ଣ୍ଣେ କର୍ଣ୍ଣେ ଗୁଞ୍ଜରିତ ହୋଇ ପାରିବ ବୋଲି ଆଶା ଓ ବିଶ୍ୱାସ।ଉକ୍ତ କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ ଉମେଶ ସାହୁ, ଦୀପା ଦାସ, ସସ୍ମିତା ଗିରି, ସୁଭଦ୍ରା ଶୁଭଦର୍ଶନୀ ପାତ୍ର, ତ୍ରୀଶା ଜେନା, ଲିଶି ଦାସ, ସୋଗ୍ରା ଖାତୁନ ଏବଂ ବନିତା ଭଞ୍ଜ ଆଦି ନିଜ ନିଜର ଓଡ଼ିଆ ଭାଷା ଓ ଜାତୀୟତାବୋଧ ର ହୃଦୟସ୍ପର୍ଶି ଅଭିଭାଷଣ ରଖିଥିଲେ।

# ନବୀନ ଓ ପାଣ୍ଡିଆନଙ୍କୁ ଟାର୍ଗେଟ କଲେ ପ୍ରସନ୍ନ ପାଟଶାଣୀ

ଭୁବନେଶ୍ୱର, ୧୨/୦୪ (ନି.ପ୍ର) :- ନବୀନ ଓ ପାଣ୍ଡିଆନଙ୍କୁ ଟାର୍ଗେଟ କରିଛନ୍ତି ପ୍ରସନ୍ନ ପାଟଶାଣୀ । ସେ କହିଛନ୍ତି ଯେ, ନବୀନ ବାବୁ ଏତେ ତଳ ସ୍ତରକୁ ଚାଲିଯିବେ ମୁଁ କେବେ ଆଶା କରି ନଥିଲି । କାହିଁକି ଆଉ କାହା ବୋଲରେ ଯାଉଛନ୍ତି ଆବଶ୍ୟକତା କଣ ଅଛି ନବୀନ ବାବୁଙ୍କର ଏମିତି କରିବାର । ପ୍ରଭାତ ତ୍ରିପାଠୀ ବିରୁଦ୍ଧରେ ଯେଉଁ କାଉଣ୍ଟର କରିଛନ୍ତି ତାହା ନବୀନଙ୍କ ଭାଷା ନୁହେଁ । ମୁଁ ସେବେ ବି କହିଥିଲି ଏବେ ବି କହୁଛି ନବୀନ ବାବୁ ତୁମେ ପାଣ୍ଡିଆନ ପାଣ୍ଡିଆନ କାହିଁକି ହେଉଛ । ଆଉ କଣ କେହି ନାହାନ୍ତି ଓଡ଼ିଶାରେ କି ବିଜେଡିରେ। ନବୀନ ବାବୁଙ୍କ ଭଳି ଲୋକ ମିଛ କହୁଛନ୍ତି ବିଶ୍ୱାସ ହେଉନି । କିନ୍ତୁ ନବୀନଙ୍କ ମିଛ କହିବା ଏବେ ନୁହେଁ ପୂର୍ବରୁ ବି ସେ ମିଛ କହିଛନ୍ତି । ମୋ ରାଜ୍ୟସଭା ଯିବା କଥା ମିଛ କହିଥିଲେ । ଓଡ଼ିଶାବାସୀ ତାହା ଦେଖିଛନ୍ତି । ରକ୍ଷା ହେଇଛି ନବୀନ ପଟ୍ଟନାୟକ ବଞ୍ଚିଯାଇଛନ୍ତି । ଜୟ ଲଳିତାଙ୍କୁ ଯେଉଁଭଳି ରାଜନୈତିକ ହତ୍ୟା କରାଯାଇଥିଲା ନବୀନ ପଟ୍ଟନାୟକଙ୍କୁ ବି ସେଇଭଳି କରାଯାଉଥିଲା । ସେଇଭଳି ଷଡ଼ଯନ୍ତ୍ର କରୁଥିଲା ପାଣ୍ଡିଆନ । ସବୁ ସେଇ ଜଗନ୍ନାଥ ଜାଣିଛନ୍ତି । କୁହନ୍ତୁ ଆସି ରାତି ଅଧରେ ଜଗନ୍ନାଥ ମନ୍ଦିର ଯାଇ କଣ କରୁଥିଲେ । ପଣ୍ଡା ପୂଜା ପଡ଼ିହାରି ମାନଙ୍କ ପୂଜା ବିଦ୍ଧିରେ ବାଧା ରାତି ଅଧରେ ଜଗନ୍ନାଥ ମନ୍ଦିରରେ କଣ କରୁଥିଲେ ପାଣ୍ଡିଆନ କୁହନ୍ତୁ ବୋଲି କହିଛନ୍ତି ପ୍ରସନ୍ନ ପାଟଶାଣୀ ।

# ଜାଗୁଲାଇ ପୀଠରେ ବିଶ୍ୱ ଶାନ୍ତି ମହାଯଜ୍ଞ




ବାସୁଦେବପୁର, ୧୨/୦୪ (ନି.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆଓ୍ୱଙ୍ଗ ଗ୍ରାମ ପଞ୍ଚାୟତ ରେ ଥିବା ଆଓ୍ୱଙ୍ଗ ଗ୍ରାମ ର ଗ୍ରାମ ଦେବୀ ମା ବୁଢୀ ଜାଗୁଲାଇ ପୀଠରେ ଚତୁର୍ଦ୍ଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ତା- ୧୧.୦୪.୨୦୨୫ରିଖ ଠାରୁ ଆରମ୍ଭ ହୋଇଥିବା ଏହି ଯଜ୍ଞାନୁଷ୍ଠାନ ତା- ୧୪.୦୪.୨୦୨୫ରିଖ ରେ ପୂର୍ଣ୍ଣାହୁତି ଦିଆଯିବ । ଗତକାଲି କଳସ ଶୋଭା ଯାତ୍ରା ରେ ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନେ ଉପସ୍ଥିତ ଥିଲେ। ଅନୁଷ୍ଠାନ ପକ୍ଷରୁ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ର ସହ କଳସ ଶୋଭା ଯାତ୍ରା ବେଶ ମନମୁଗ୍ଧକର ଥିଲା। ଶ୍ରଦ୍ଧାଳୁ ଭକ୍ତମାନେ ଗ୍ରାମ ପରିକ୍ରମା କରିଥିଲେ। ଆଜି ଦ୍ୱିତୀୟ ଦିବସ ରେ ଜଗତ୍ ଜନନୀ କାତ୍ୟାୟନୀ ପରମବୈଷ୍ଣବୀ ମା ବୁଢୀ ଜାଗୁଲାଇ ପୀଠରେ ସମସ୍ତ ନୀତି ନିର୍ଦ୍ଧାରିତ ସମୟ ମଧ୍ୟରେ ଚାଲିଛି। ଧରିତ୍ରୀ ପୂଜା ଠାରୁ ଆରମ୍ଭ କରି ଗୋପୂଜା, ଗୁରୁ ପୂଜା, ସୂର୍ଯ୍ୟ ପୂଜା, ନାରାୟଣ ପୂଜା,ମାତୃପିତୃ ପୂଜା,ସର୍ବ ଦେବାଦେବୀ ସହ ଗୀତା ଯଜ୍ଞ ଓ ଚଣ୍ଡୀ ପାଠ ପ୍ରତ୍ୟୋହ ଚାଲୁରହିବ ବୋଲି ଅନୁଷ୍ଠାନ ର ମୂଖ୍ୟ ପୂଜକ ଶ୍ରୀ ବିଜୟକିଷାନ ସନ୍ଧିବିଗ୍ରହ ପ୍ରକାଶ କରିଛନ୍ତି। ପାଞ୍ଚ ଜଣ ପୁରୋହିତ ପୂଜା ପାଠ ରେ ନିୟୋଜିତ ଅଛନ୍ତି। ଅନୁଷ୍ଠାନ ର ମୂଖ୍ୟ ଶିବାଜୀ ଚରଣ ନାୟକ, ସୀତା କାନ୍ତ ରାଉତ, ରତିକାନ୍ତ ପାଣିଗ୍ରାହୀ, ସତ୍ୟବ୍ରତ ବେହେରା, ଉମାକାନ୍ତ ପ୍ରଧାନ,ଗୋତମ ସେଠୀ ,ଗୈରାଙ୍ଗ ରାଉତ,ଅଭି ରାଉତ, ସନାତନ ରାଉତ ,ନିଶାକର ରାଉତ, ସୁଧାକର ରାଉତ, କାଳନ୍ଦୀ ଜେନା ଉପସ୍ଥିତ ରହି ସମସ୍ତ କାର୍ଯ୍ୟ କୁ ଆଗେଇ ନେଉଛନ୍ତି। ଆସନ୍ତା ପଣା ସଂକ୍ରାନ୍ତି ଦିନ ପୂର୍ଣ୍ଣାହୁତି ପ୍ରଦାନ କରା।

# ଦେବଗିରି ପାହାଡ଼ ଶିଖରରେ ବଜ୍ରପାତ

ନୀଳଗିରି,୧୨/୪(ନିପ୍ର)ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ନିବାସସ୍ଥାନ ଦେବଗିରି ପାହାଡଶିଖରରେ ଶନିବାର ସନ୍ଧ୍ୟାରେ ହଠାତ୍ ବଜ୍ରପାତଘଟିବା ଫଳରେ ଶିଖର ହୁତୁହୁତୁ ହୋଇ ଜଳିଥିଲା। ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ନିକଟସ୍ଥ ପାନ୍ଥଶାଳା ଏବଂ ହୋଟେଲ ମାନଙ୍କରେ ଅବସ୍ଥାନ କରୁଥିବା ପର୍ଯ୍ୟଟକ ଏଭଳି ବଜ୍ରପାତ ଦେଖି ଭୟଭୀତ ହୋଇଯାଇଥିଲେ। ତେବେ ଅଦିନରେ କାଳବୈଶାଖୀ ବର୍ଷା ଓ ପବନ ର ପ୍ରକୋପ ଏତେ ବେଶୀଥିଲାଯେ ଭୟଭୀତ ପର୍ଯ୍ୟଟକ ଏବଂ ଅଞ୍ଚଳବାସୀ ଘର ଛାଡ଼ିଦେଇଥିଲେ। ପରେ ପ୍ରବଳ ବର୍ଷା ହେବାରୁ ନିଆଁ ଲିଭିଯାଇଥିବା ଜଣାଯାଇଛି। ତେବେ ଏଭଳି ଭୟାନକ ବଜ୍ରପାତ ଅଞ୍ଚଳବାସୀଙ୍କ ଭୟ ସଂଚାର କରିଛି।

# ଦାମୋଦର ସଂସ୍କୃତ ମହାବିଦ୍ୟାଳୟ 'ଓଡ଼ିଆ ପକ୍ଷ' ସମାରୋହ ପାଳିତ




ଭଦ୍ରକ, ୧୨/୦୪ (ନି.ପ୍ର) ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଡଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ 'ଓଡ଼ିଆ ପକ୍ଷ' ସମାରୋହ ପାଳିତ ହୋଇ ଯାଇଅଛି। ଉକ୍ତ ସମାରୋହରେ ମୁଖ୍ୟ ଅତିଥିଭାବେ ଡଃ କୃପାସିନ୍ଧୁ ନାୟକ, ମୁଖ୍ୟବକ୍ତା ଭାବେ ଡଃ ପ୍ରମୋଦ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଅକ୍ଷ କୁମାର ପାଣିଗ୍ରାହୀ, ପ୍ରଭାତୀ ନାୟକ, ମିଳନ ପଣ୍ଡା, ହରିପ୍ରିୟା ମିଶ୍ର ଓ ମଞ୍ଜୁଲତା ମହାପାତ୍ର ପ୍ରମୁଖ ଯୋଗଦେଇ 'ଓଡ଼ିଆ ପକ୍ଷ'ର ପାଳନର ଆବଶ୍ୟକତା ଓ ଓଡ଼ିଶା ଭାଷାକୁ ସମୃଦ୍ଧ କରିବାପାଇଁ ପ୍ରତ୍ୟେକ ଶିଶୁଠାରୁ ଆରମ୍ଭ କରି ପରିବାରର ସମସ୍ତ ସଦସ୍ୟଙ୍କ ଚେଷ୍ଟା ଓ ଇଚ୍ଛାଶକ୍ତି ରହିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ମଧୁସୂଦନ ତ୍ରିପାଠୀ ବେଦପାଠ ନୋଡ଼ାଲ ଅଫିସର ଶୁକଦେବ ପଣ୍ଡା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ନିଜର ସ୍ୱ କବିତା, ପ୍ରବନ୍ଧ, ଔପନ୍ୟାସ ଓ ଗଳ୍ପ ପ୍ରସ୍ତୁତି ଉପସ୍ଥାପନ କରିଥିଲେ। ପରିଶେଷରେ ନୋଡ଼ାଲ ଅଫିସର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଉତ୍ସବରେ ରଘୁନାଥ ନାୟକ, ଗୌରାଙ୍ଗ ଦାସ ଓ ଜ୍ୟୋତିପ୍ରକାଶ ଗୁଇଁ ପ୍ରମୁଖ ସଭା ସଂଚାଳନ କରିଥିଲେ।

# ରମାକାନ୍ତ ସେବା ଫାଉଣ୍ଡେସନରେ ୩୦୦ ମହିଳା ମିଶିଲେ



ବାସୁଦେବପୁର, ୧୨/୦୪ (ନି.ପ୍ର) : ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟିକଣି ଡିହି ଠାରେ ରମାକାନ୍ତ ସେବା ଫାଉଣ୍ଡେସନ ରେ ତିନି ଶହ ମହିଳା ମିଶିଛନ୍ତି। ସମସ୍ତେ ସେବା କରିବା ଉଦ୍ଦେଶ୍ୟରେ ଏହି ଅନୁଷ୍ଠାନ ରେ ଯୋଗ ଦେଇଛନ୍ତି। ଏହି ମହିଳା ମାନଙ୍କୁ ରମାକାନ୍ତ ସେବା ଫାଉଣ୍ଡେସନର ଅଧକ୍ଷ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁ ମୁଖ୍ୟ ଦାୟିତ୍ୱ ନେଇ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏହି ମହିଳା ମାନଙ୍କ ଆଶୀର୍ବାଦ ପାଇ ଆଗାମୀ ଦିନରେ ବିଶିଷ୍ଟ ସମାଜ ସେବୀ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁ ଅନେକ ଜନହିତକର କାର୍ଯ୍ୟ କରିବେ ବୋଲି ମନରେ ଦୃଢ଼ ଆଶା ବାନ୍ଧିଛନ୍ତି। ଏହି ଅବସରରେ ପରିବେଶର ସୁରକ୍ଷା ପାଇଁ ଅନୁଷ୍ଠାନ ପକ୍ଷରୁ ସମସ୍ତ ମହିଳା ମାନଙ୍କୁ ପିଜୁଳି ଗଛ ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ଅନେକ ମହିଳା ମାନଙ୍କୁ ନେଇ ସମାଜ ସେବା ଓ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ କାର୍ଯ୍ୟ କରାଯିବ ବୋଲି ବିଶିଷ୍ଟ ସମାଜସେବୀ ରତିକାନ୍ତ ପ୍ରଧାନ ପ୍ରକାଶ କରିଥିଲେ । ଶେଷରେ ସମସ୍ତେ ଜଗନ୍ନାଥ ମନ୍ଦିର ଯାଇ ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ । ଅନେକ ଦୁଃଖୀ,ଗରିବ ଅସହାୟ,ଜନ ସାଧାରଣ ଙ୍କୁ ସେବା ଯୋଗାଇ ଦେବା ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ ।

# ପ୍ରଧାନମନ୍ତ୍ରୀ ୨୪ରେ ବିହାର ପାଇଁ ଦେବେ ଅନେକ ଉପହାର

ପାଟଣା, ୧୨/୪ (ନି.ପ୍ର): କେନ୍ଦ୍ରୀୟ କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି ଯେ ବିହାରର ବିକାଶ ପାଇଁ କେନ୍ଦ୍ର ସରକାର ଲଗାତାର ରାଜ୍ୟ ସରକାର ସହିତ କାନ୍ଧରେ କାନ୍ଧ ମିଳାଇ ବିକାଶ କାର୍ଯ୍ୟକୁ କାର୍ଯ୍ୟକାରୀ କରୁଛି । କେନ୍ଦ୍ରର ମୋଦୀ ସରକାର ବିହାରକୁ କେତେକ ଉପହାର ଦେଇଛନ୍ତି। ପ୍ରଧାନମନ୍ତ୍ରୀ ୨୪ ଅପ୍ରେଲକୁ ପୁଣିଥରେ ବିହାର ଆସୁଛନ୍ତି, ଯାହା ବିହାରକୁ ଅନେକ ଉପହାର ଦେବେ। ସେ ଶନିବାର ଦିନ ସଚିବାଳୟ ସଭାଗାରରେ ଏନଡିଏ ସହଯୋଗୀ ଦଳର ପ୍ରଦେଶ ଅଧ୍ୟକ୍ଷଙ୍କ ସହିତ ବୈଠକ ପରେ ସାମ୍ବାଦିକଙ୍କ ସହିତ କଥାବାର୍ତ୍ତା କରିଥିଲେ।କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆଗାମୀ ୨୪ ଅପ୍ରେଲକୁ ପଂଚାୟତି ରାଜ ଦିବସ ଏବଂ ସେହିଦିନ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରର ଜନତାଙ୍କୁ ତାଙ୍କ ଉପହାର ଦେବାକୁ ଆସୁଛନ୍ତି। ପଂଚାୟତି ରାଜର ନିର୍ବାଚିତ ପ୍ରତିନିଧିମାନଙ୍କ ସମ୍ମିଳନୀ ହେବ, ଏହାସହ ପୁରା ଦେଶ ସେଥିରେ ଯୋଡ଼ିହେବ। କେତେକ ଯୋଜନାର ଉଦ୍‌ଘାଟନ ଏବଂ ଶିଳାନ୍ୟାସ ହେବ। ଗ୍ରାମୀଣ ବିକାଶ ବିଭାଗର ଯୋଜନାର ଲାଭ ମଧ୍ୟ ବିହାରର ଜନତାଙ୍କୁ ମିଳିବ। ଗତ ବର୍ଷ ଗରିବଙ୍କୁ ୭ ଲକ୍ଷ ୯୦ ହଜାର ଘର ପିଏମ୍ ଆବାସ ଯୋଜନା ଅନ୍ତର୍ଗତ ଲୋକମାନଙ୍କୁ ଦିଆଯାଇଥିଲା।

# ବୈଶାଖୀର ଦଶମ ସଂସ୍କରଣ ଉଦ୍‌ଘାଟିତ



ବାଲେଶ୍ୱର, ୧୨/୦୪:(ନି.ପ୍ର) 'ଆଖିର ଲୁହ ପୋଛି ଦେଇ ହୁଏ। କିନ୍ତୁ ଭୋକର ଲୁହ ସରେନି, ପୋଛି ହୁଏନି। ତେବେ ଭାଂଗିପଡ଼ିଲେ ବି ମଣିଷର ହକ୍ ମିଳେନି। ନିରବଚ୍ଛିନ୍ନ ସଂଗ୍ରାମର ଫଳାଫଳ ସବୁକ୍ଷେତ୍ରରେ ସ୍ୱାଧୀନତା ପ୍ରାପ୍ତିର ଗୌରବ ଆଣିଥାଏ' - ବାଲେଶ୍ୱର ସହର ନିକଟସ୍ଥ ଲବଣ ସତ୍ୟାଗ୍ରହ ସ୍ମାରକୀ ରାସ୍ତାପାର୍ଶ୍ୱ ଐତିହାସିକ ପୀଠ ଚାଉଳିଆବର ଅନତିଦୂର ଈଶାଣୀ ଉଡ଼ାଯାତ୍ରା ପଡ଼ିଆରେ ପାଳନ ହୋଇଆସୁଥିବା ବୈଶାଖୀ ମହୋତ୍ସବର ଦଶମ ସଂସ୍କରଣ ଉଦ୍‌ଘାଟନୀ ସନ୍ଧ୍ୟାରେ ଉପସ୍ଥିତ ମୁଖ୍ୟବକ୍ତା ପୂର୍ବତନ ନୀଳଗିରି ବିଧାୟକ ପ୍ରଦୀପ୍ତ ପଣ୍ଡା ଏବଂ ମୁଖ୍ୟଅତିଥି ବାଲେଶ୍ୱର ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନଙ୍କ ଉତ୍ସାହପ୍ରଦ ଅଭିବ୍ୟକ୍ତିରେ ସମଗ୍ର ଉତ୍ସବର ପରିବେଶ ଆଲୋଡ଼ିତ ହୋଇଉଠିଥିଲା। ହଜାର ହଜାର ଲୋକଙ୍କ ଉପସ୍ଥିତିରେ ସ୍ୱନାମଧନ୍ୟ ଚିତ୍ରଶିଳ୍ପୀ କେଶୁ ଦାସଙ୍କ 'ମୌଳିକ ସର୍ଜନ'ର ଗୁରୁତ୍ୱ ମନମୁଗ୍ଧ କରିଥିଲାବେଳେ ସାମାଜିକ କର୍ମୀ ଗବେଷକ ସର୍ବେଶ୍ୱର ଦାସଙ୍କ ସର୍ବସାଧାରଣ ଜନଗଣଙ୍କୁ ସ୍ୱାଧୀନତା ଆନ୍ଦୋଳନର ଦୃଷ୍ଟାନ୍ତ ଅଭିବ୍ୟକ୍ତିରେ ସଂଗ୍ରାମୀମାନେ ଏକାଦର୍ଶଦର୍ଶୀ ହୋଇପାରିଲେ ସ୍ୱପ୍ନ ସାକାର ହେବ ବୋଲି ଉଲ୍ଲେଖ କରିଥିଲେ। ବୈଶାଖୀ ମହୋତ୍ସବ କମିଟିର ସ୍ଥାୟୀ ସଭାପତି ଆଡ୍. ଅଶୋକ କୁମାର ସେନାପତିଙ୍କ ପୌରୋହିତ୍ୟରେ ବୈଶାଖୀ ମହୋତ୍ସବ ଉପଦେଷ୍ଟା ସ୍ୱର୍ଗୀୟ ଗୌରୀ କୁମାର ରାଉତଙ୍କ ଅବର୍ତ୍ତମାନରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବ ଉଦ୍‌ଘାଟନୀ ସନ୍ଧ୍ୟାର ସମସ୍ତ କାର୍ଯ୍ୟକ୍ରମ ନିଷ୍ପାଦନ କରିଥିଲେ। ସାଧାରଣ ସଂପାଦକ ଭାଗବତ ସାହୁ ସଂପାଦକୀୟ ଖସଡ଼ାରେ ବିଭିନ୍ନ ଉତ୍‌ଥାନ ପତନର ଭାବାବେଗ ପରିପ୍ରକାଶ କରିଥିଲାବେଳେ ସମ୍ମାନିତ ଅତିଥି ସମିତି ସଦସ୍ୟ ସୂର୍ଯ୍ୟ କୁମାର ମିଶ୍ର ଈଶାଣୀ ପଡ଼ିଆର ଉନ୍ନତି ସକାଶେ ନିଷ୍ଠାପର ତ୍ୟାଗଯୁକ୍ତ ଶ୍ରମର ଆବଶ୍ୟକତା ରହିଛି ବୋଲି ବକ୍ତବ୍ୟ ରଖିଥିଲେ। ସର୍ବପ୍ରଥମେ ମଞ୍ଚରେ ଶୋଭିତ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ସଭକ୍ତି ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲାବେଳେ ପଣ୍ଡିତ ଜୟପ୍ରକାଶ ମିଶ୍ରଙ୍କ କଣ୍ଠରେ ଭଗବତ୍ ଶ୍ଳୋକ ପାଠ ହୋଇଥିଲା। ବୈଶାଖୀ ମହୋତ୍ସବର ଉପସଭାପତି ନରେନ୍ଦ୍ର ଦାସଙ୍କ ଦ୍ୱାରା ଅତିଥିମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ମହୋତ୍ସବର କୋଷାଧ୍ୟକ୍ଷ ପ୍ରଫୁଲ୍ଲ ନାୟକଙ୍କ ସୁପରିଚାଳନାରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱଅର୍ଜନକାରୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଏବର୍ଷ ବିଶାଳ ପଡ଼ିଆର କେନ୍ଦ୍ରସ୍ଥଳରେ 'ୱାଟର ସାୱାର' ବିଶେଷ ଆକର୍ଷଣ ସୃଷ୍ଟି କରିଥିବାବେଳେ ଲୋକପ୍ରିୟ ୟୁଟ୍ୟୁବର 'ଗୁଲିଆ' ହଜାର ହଜାର ଶ୍ରୋତା-ଦର୍ଶକଙ୍କ ମନ ମୋହିଥିଲେ।

# ଗଦାଧର ଗିରିଙ୍କ ୮୭ ତମ ଜନ୍ମ ଦିବସ ପାଳିତ



ବାଲିଆପାଳ ୧୨/୪( ନିପ୍ର ) ବାଲିଆପାଳ ଗଦାଧର ଗିରି ସ୍ମୃତି ବିକାଶ ପରିଷଦ ପକ୍ଷରୁ ଶନିବାର ଅପରାହ୍ନ ରେ ଲତାଯୋଡି ସ୍ଥିତ ଏକଲବ୍ୟ କୋଚିଂ ସେଣ୍ଟର ପରିସରରେ ସ୍ୱର୍ଗତ ଜନନେତା ତଥା ପୂର୍ବତନ ବିଧାୟକ ଗଦାଧର ଗିରିଙ୍କ ୮୭ ତମ ଜୟନ୍ତୀ ପାଳିତ ହୋଇ ଯାଇଛି। ପରିଷଦର ଉପସଭାପତି ଭକ୍ତହରି ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅଧ୍ୟାପକ ସୁକାନ୍ତ କୁମାର ଗିରି, ବାଘା ଯତୀନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା, ଶିକ୍ଷାବିତ ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଗିରିଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ଜୀବନୀ ବାଲିଆପାଳର ଅର୍ଦ୍ଧ ଶତାବ୍ଦୀର ଇତିହାସ ବୋଲି ମଧ୍ୟ କହିଥିଲେ। ଗଦାଧର ସ୍ମୃତି ବିକାଶ ପରିଷଦର ସଭାପତି ବିକାଶ ଚନ୍ଦ୍ର ଗିରି ବିବରଣୀ ଓ ପ୍ରାକ କଥନ ରଖିଥିଲେ। ସ୍ୱର୍ଗତ ଆତ୍ମା ର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସମାଜ ସେବୀ କୁମୁଦ ରଞ୍ଜନ ପରିଡା, ଚକ୍ରଧର ମଣ୍ଡଳ, ରାମ ଚନ୍ଦ୍ର କୁହ୍ଲାରୀ, ସୃଷ୍ଟିଧର ନାୟକ, ବଳରାମ ଦାସ, ଲକ୍ଷ୍ମୀକାନ୍ତ ଖଟୁଆ, ବସନ୍ତ କୁମାର ପ୍ରଧାନ, କାର୍ତ୍ତିକ ପାତ୍ର, ବିଶ୍ୱନାଥ ଗିରି ପ୍ରମୁଖ ଯୋଗ ଦେଇ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ସ୍ମୃତି ଚରଣ କରିଥିଲେ ।

# ବଲାଙ୍ଗୀରରେ କୁଲୁତା ଦିବସ ପାଳନ

ବଲାଙ୍ଗୀର, ୧୨ /୦୪ : ସ୍ଥାନୀୟ ଭଗବତି ନଗର ସ୍ଥିତ କାର୍ଯ୍ୟାଳୟରେ କୁଲୁତା ସମାଜ ପକ୍ଷରୁ ଇଷ୍ଟଦେବୀ ରଣେଶ୍ୱର ରାମଚଣ୍ଡୀଙ୍କ ଚୈତ୍ର ପୂର୍ଣ୍ଣିମା ବାସନ୍ତିକ ପୂଜା ତଥା କୁଲୁତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପୂଜକ ଶାନ୍ତନୁ କୁମାର ପାତ୍ରଙ୍କ ଦ୍ୱାରା କୁଲୁତା ଜାତିର ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା ପରେ ସମାଜ ସଭାପତି ରବିନ୍ଦ୍ର କୁମାର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂପାଦକ ବିଦେଶୀ ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲେ। ଉକ୍ତ ସଭାରେ ସର୍ବସମ୍ମତି କ୍ରମେ ଜାତିର ଏକତା ରକ୍ଷା ସହ ସମାଜର ଉନ୍ନତି ତଥା ସେବା ସଦନ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରି ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିବା ନିଷ୍ପତି ନିଆଗଲା। ଏହି କାର୍ଯ୍ୟକ୍ରମରେ କୁଲୁତା ସମାଜର ଶତାଧିକ ପରିବାର ସାମିଲ ହୋଇ ଇଷ୍ଟଦେବୀ ରଣେଶ୍ୱର ରାମଚଣ୍ଡୀଙ୍କ ଆଶୀର୍ବାଦ ନେଇଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida